NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
24 JUNE 2026
ବୁଧବାର
୨୪ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 24 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୨୪ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

# ଓଡ଼ିଶା ଆସୁଛନ୍ତି ଉପରାଷ୍ଟ୍ରପତି, ସ୍ୱରାଷ୍ଟ୍ର ମନ୍ତ୍ରୀ

## ୯ରେ ଆସିବେ ରାଧାକ୍ରିଷ୍ଣନ, ୧୦ରେ ଅମିତ୍ ଶାହ




**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:**

ଆସନ୍ତା ଜୁଲାଇ ୯ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ଭାରତର ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ । ଭୁବନେଶ୍ୱରରେ ଅନୁଷ୍ଠିତ ଓୟୁଏଟି କାର୍ଯ୍ୟକ୍ରମରେ ସେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ମଧ୍ୟ ଯୋଗଦେବାର ସୂଚନା ରହିଛି । ଦିନିକିଆ ଗସ୍ତରେ ଆସୁଥିବା ଉପରାଷ୍ଟ୍ରପତି ଭୁବନେଶ୍ୱରରେ ଅନ୍ୟାନ୍ୟ ସରକାରୀ ଓ ସାମାଜିକ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ସାକ୍ଷାତ କରିବେ ।

ଅନ୍ୟପକ୍ଷେ ଉପରାଷ୍ଟ୍ରପତିଙ୍କ ଗସ୍ତର ଠିକ୍ ୫ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୪ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି । ଏହି ଗସ୍ତ ଅବସରରେ ସେ ରାଜ୍ୟରେ ଆୟୋଜିତ ହେବାକୁ ଥିବା ବିଭିନ୍ନ ▶▶ ୫

## ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

# ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନ ପାଇଁ ଆହ୍ୱାନ

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍ :**

ଭାରତ ମାତାର ମହାନ ସୁପୁତ୍ର ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ 'ରାଷ୍ଟ୍ର ପ୍ରଥମ' ନୀତିରେ ଅନୁପ୍ରାଣିତ ହୋଇ ପବିତ୍ର ଓଡ଼ିଶା ମାଟି ତଥା ସମଗ୍ର ଭାରତବର୍ଷକୁ ସଶକ୍ତ, ସମୃଦ୍ଧ ଓ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ କାର୍ଯ୍ୟ କରିବାକୁ ଯୁବପିଢ଼ି ବଜ୍ର ଶପଥ ନେବାକୁ ହେବ ।

ମଙ୍ଗଳବାର ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଡଃ ମୁଖାର୍ଜୀଙ୍କ ଅତୁଳନୀୟ ତ୍ୟାଗ ଓ ଶିକ୍ଷା ସଂସ୍କାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାତ୍ର ୩୩ ବର୍ଷ ବୟସରେ ସେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବେ ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ । ଦେଶର ଏକତା ଓ ଅଖଣ୍ଡତା ପାଇଁ ଜାମ୍ମୁ-କାଶ୍ମୀର ଆନ୍ଦୋଳନରେ ସେ ଦେଇଥିବା ଐତିହାସିକ ସ୍ଲୋଗାନ 'ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ ନେହିଁ ଚଲେଙ୍ଗେ' ସମଗ୍ର




ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧିଥିଲା ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଏବଂ ଭୁଲ୍ ନୀତି ଯୋଗୁଁ କାଶ୍ମୀର ଉପରେ ଲଦି ଦିଆଯାଇଥିବା ଧାରା ୩୭୦ ଭଳି କଳା ଆଇନ ଯୋଗୁଁ ଦୀର୍ଘ ଦଶନ୍ଧି ଧରି ଲକ୍ଷ ଲକ୍ଷ ନିରୀହ ଲୋକ ପ୍ରାଣ ହରାଇଥିଲେ ଓ ଶରଣାର୍ଥୀ ସଦୃଶ ଜୀବନ ବିତାଇଥିଲେ । ସେ ପ୍ରକାଶ କରିଥିଲେ ଯେ, ବିନା ପରମିଟ୍‌ରେ କାଶ୍ମୀର ପ୍ରବେଶ କରି ଗିରଫ ହେବା ପରେ ଜେଲ୍ ଭିତରେ ସନ୍ଦେହଜନକ ପରିସ୍ଥିତିରେ ଡଃ ମୁଖାର୍ଜୀଙ୍କ ମୃତ୍ୟୁର କୌଣସି ତଦନ୍ତ ତତ୍କାଳୀନ କଂଗ୍ରେସ ସରକାର କରାଇନଥିଲେ, ଯାହା ଇତିହାସର ସବୁଠାରୁ ବଡ଼ ଦୁର୍ଭାଗ୍ୟଜନକ ଅଧ୍ୟାୟ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଗତ ୫ ଅଗଷ୍ଟ ୨୦୧୯ରେ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇ ଡଃ ମୁଖାର୍ଜୀଙ୍କ ସେହି ଅଧୁରା ସ୍ୱପ୍ନକୁ ସାକାର କରାଯାଇଛି

**ଧାରା ୩୭୦ ଉଚ୍ଛେଦ ଦ୍ୱାରା ଡଃ ମୁଖାର୍ଜୀଙ୍କ 'ଅଖଣ୍ଡ ଭାରତ'ର ସ୍ୱପ୍ନ ସାକାର**

ଏବଂ ଏହାହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି । କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଆଜି ଗୋଟିଏ ସମ୍ବିଧାନ ଏବଂ ଗୋଟିଏ ତ୍ରିରଙ୍ଗା ଭାରତର ବିଜୟ ପତାକା ଉଡ଼ାଉଛି । ୨୧ ଅକ୍ଟୋବର ୧୯୫୧ରେ ଡଃ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ଭାରତୀୟ ଜନସଂଘ' ଆଜି ବିଶ୍ୱର ସବୁଠାରୁ ▶▶ ୫

## ପରୀକ୍ଷାର୍ଥୀଙ୍କ ପାଇଁ ବଡ଼ ଅପଡେଟ୍

# ଜୁଲାଇ ୫କୁ ଘୁଞ୍ଚିଲା ଓଟିଇଟି ପରୀକ୍ଷା



**୨୮ରେ ଆର୍‌ଆଇ ପରୀକ୍ଷା**

**ଭୁବନେଶ୍ୱର, ୨୩।୬/ଏନ୍ଏନ୍ଏସ୍:**

ଓଡ଼ିଶାର ହଜାର ହଜାର ଚାକିରି ଆଶାୟୀ ତଥା ପରୀକ୍ଷାର୍ଥୀଙ୍କ ପାଇଁ ବଡ଼ ଖବର । ହସ୍ତଗତ ହୋଇଥିବା ସମ୍ବାଦ ଅନୁସାରେ ଆସନ୍ତା ୨୮ ତାରିଖ (ରବିବାର)ରେ ହିଁ ହେବ ଆର୍‌ଆଇ/ ଏଆର୍‌ଆଇ/ଅମିନ ପରୀକ୍ଷା । ମୋଟାମୋଟି ଓଡ଼ିଶା ସବ୍-ଅର୍ଡିନେଟ୍ ଷ୍ଟାଫ୍ ସେଲେକ୍ସନ କମିଶନ (ଓଏସ୍ଏସ୍ଏସ୍‌ସି) ଦ୍ୱାରା ଆୟୋଜିତ କମ୍ବାଇଣ୍ଡ ରିକ୍ରୁ୍ୟଟ୍‌ମେଣ୍ଟ ଏକ୍‌ଜାମିନେସନ୍ (ସିଆର୍‌ଇ) ପରୀକ୍ଷା ତାରିଖରେ କୌଣସି ପରିବର୍ତ୍ତନ ହୋଇନାହିଁ । ଏହା ପୂର୍ବ ଧାର୍ଯ୍ୟ ତାରିଖରେ ହିଁ ଅନୁଷ୍ଠିତ ହେବ । କିନ୍ତୁ ଓଟିଇଟି (ଓଡିଶା ଟିଚର୍ସ ଇଲିଜିବିଲିଟି ଟେଷ୍ଟ) ପରୀକ୍ଷା ତାରିଖରେ ପରିବର୍ତ୍ତନ ହୋଇଛି । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

ପୂଜାରୀ କହିଛନ୍ତି ଯେ, ଦୁଇଟି ଯାକ ପରୀକ୍ଷା ଗୋଟିଏ ଦିନ (୨୮ ଜୁନ୍)ରେ ପଡୁଥିବାରୁ ପରୀକ୍ଷା ତାରିଖ ବଦଳାଇବାକୁ ଗଣଶିକ୍ଷା ବିଭାଗ ସହିତ ଆଲୋଚନା କରାଯାଇଥିଲା । କାରଣ ଯେଉଁ ଆଶାୟୀମାନେ ଉଭୟ ଶିକ୍ଷକତା ଏବଂ ରାଜସ୍ୱ ବିଭାଗ ଚାକିରି ପାଇଁ ଆବେଦନ କରିଥିଲେ, ସେମାନେ ଗୋଟିଏ ଦିନରେ ଦୁଇଟି ଯାକ ▶▶ ୫

## ଭାରତୀୟ ଶେୟାର୍ ମାର୍କେଟ୍‌ରେ ବଡ଼ ଧରଣର କ୍ରାଶ୍

# ୫.୭୭ ଲକ୍ଷ କୋଟି ଟଙ୍କା ହରାଇଲେ ନିବେଶକ

**ନୂଆଦିଲ୍ଲୀ,୨୩।୬/ଏଜେନ୍ସି :**

ଭାରତୀୟ ଶେୟାର ବଜାରରେ ଆଜି (୨୩ ଜୁନ୍ ୨୦୨୬) ଏକ ବଡ଼ଧରଣର ହ୍ରାସ ପରିଲକ୍ଷିତ ହୋଇଛି, ଯାହାଫଳରେ ନିବେଶକମାନେ ଗୋଟିଏ ଦିନରେ ପ୍ରାୟ ୫.୭୭ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ବିଶ୍ୱ ବଜାରରୁ ମିଳିଥିବା ଦୁର୍ବଳ ସଂକେତ ଏବଂ ଆଇଟି ଓ ମେଟାଲ୍ ସେକ୍ଟରରେ ପ୍ରବଳ ବିକ୍ରି ଚାପ ଯୋଗୁଁ ଶେୟାର ବଜାରରେ ଏପ୍ରକାର ଅସ୍ଥିରତା ସୃଷ୍ଟି ହୋଇଥିବା କୁହାଯାଉଛି । ରିପୋର୍ଟ ଅନୁସାରେ ଆଜି ସେନ୍‌ସେକ୍ସ ୮୯୩ ପଏଣ୍ଟ ହ୍ରାସ ପାଇ ୭୬,୨୦୦ ସ୍ତରରେ ବନ୍ଦ ହୋଇଛି । ସେହିପରି ନିଫ୍ଟି ମଧ୍ୟ ୨୭୯ ପଏଣ୍ଟ ଖସି ୨୩,୮୫୦ ସ୍ତରକୁ ଚାଲିଯାଇଛି । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ହ୍ରାସ ପାଇ ପ୍ରାୟ ୪୭୪ ଲକ୍ଷ କୋଟି ଟଙ୍କା ହୋଇଯାଇଛି, ଯାହାଦ୍ୱାରା ନିବେଶକଙ୍କ ପ୍ରାୟ ୫.୭୭ ଲକ୍ଷ କୋଟି ଟଙ୍କା ବୁଡ଼ିଯାଇଛି ।

ଦକ୍ଷିଣ କୋରିଆ ବଜାରରେ ତୀବ୍ର ହ୍ରାସର ପ୍ରଭାବ ଭାରତୀୟ ଷ୍ଟକ୍




ବଜାରରେ ପଡ଼ିଛି । ଦକ୍ଷିଣ କୋରିଆରେ ମାନ୍ଦାବସ୍ଥା ଯୋଗୁ ଭାରତୀୟ ଷ୍ଟକ୍ ବଜାରରେ ଏପ୍ରକାର ସ୍ଥିତି ସୃଷ୍ଟି ହୋଇଛି । ଦକ୍ଷିଣ କୋରିଆର ବେଞ୍ଚମାର୍କ ସୂଚକାଙ୍କ କେଓଏସ୍‌ପିଆଇ'ରେ ପ୍ରାୟ ୧୦%ର ଏକ ବଡ଼ ହ୍ରାସ ଦେଖାଦେଇଥିଲା । ସ୍ଥିତି ଏପରି ହୋଇଥିଲା ଯେ, ସେଠାରେ ଟ୍ରେଡିଂକୁ ୨୦ ମିନିଟ୍ ପାଇଁ ବନ୍ଦ ରଖିବାକୁ ପଡ଼ିଥିଲା । ସେମିକଣ୍ଡକ୍ଟର କମ୍ପାନୀ ▶▶ ୫

## ଖରିଫ୍ ପ୍ରସ୍ତୁତି ଏବଂ ଏଲ୍ ନିନୋ ପ୍ରଭାବର ମୁକାବିଲା ପ୍ରସଙ୍ଗ

# କେନ୍ଦ୍ର କୃଷିମନ୍ତ୍ରୀଙ୍କ ସମୀକ୍ଷା ବୈଠକ

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:**

କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଖରିଫ୍ ୨୦୨୬ ପାଇଁ ପ୍ରସ୍ତୁତି ଏବଂ ଏଲ୍ ନିନୋର ପ୍ରଭାବକୁ ମୁକାବିଲା କରିବା ପାଇଁ ଓଡ଼ିଶା ସରକାରଙ୍କ ରଣନୀତି ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି । ଏହି ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ କୃଷି ନିର୍ଦ୍ଦେଶକ ଶୁଭମ ସକ୍‌ସେନା, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ବାମନ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

**କୃଷକଙ୍କ ସ୍ୱାର୍ଥରକ୍ଷା, ଆର୍ଥିକ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି: ଉପମୁଖ୍ୟମନ୍ତ୍ରୀ**

ବୈଠକ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ଭାରତୀୟ ପାଣିପାଗ ବିଭାଗ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୀର୍ଘକାଳୀନ ହାରାହାରିର ୯୨% ରହିବ ବୋଲି ପୂର୍ବାନୁମାନ କରିଥିବାରୁ, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ▶▶ ୫



ନିତିଦିନ NITIDIN

## ଡାକ୍ତରୀ ଛାତ୍ରୀ ମୃତ୍ୟୁ ଘଟଣା: ରିମାଣ୍ଡରେ ଭୀମସେନ୍

**କଟକ,୨୩।୬/ଏନ୍ଏନ୍ଏସ୍:** ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ଘଟଣାରେ ପୁରୁଷ ବନ୍ଧୁ ଭୀମସେନ ଟୁଡୁଙ୍କୁ ରିମାଣ୍ଡରେ ଆଣିଛି କମିଶନରେଟ ପୁଲିସ। ଆଜିଠାରୁ ଭୀମସେନଙ୍କୁ ଦୁଇ ଦିନିଆ ରିମାଣ୍ଡରେ ଆଣି ପୁଲିସ ପଚରା ଉଚରା ଆରମ୍ଭ କରିଛି। ଡିସିପିଙ୍କ ସୂଚନା ଅନୁସାରେ ଭୀମସେନଙ୍କ ମୋବାଇଲ ଓ ସୋସିଆଲ ମିଡ଼ିଆ ପୋଷ୍ଟରୁ ମୃତ୍ୟୁର ଅନେକ ସୂଚନା ମିଳିଛି। ରିମାଣ୍ଡ ସମୟରେ ଭୀମସେନଙ୍କୁ ଜେରା କରାଯାଉଥିବା ଡିସିପି କହିଛନ୍ତି। ଡିସିପି ଆହୁରି ମଧ କହିଛନ୍ତି ଯେ, ଚନ୍ଦ୍ରିକା ମୃତ୍ୟୁ ଘଟଣାରେ ଆଉ କିଛି ଲୋକଙ୍କୁ ପଚରାଉଚରା ସମ୍ଭାବନା ରହିଛି। ଭୀମସେନଙ୍କର ମହିଳା ବନ୍ଧୁଙ୍କୁ ଆବଶ୍ୟକ ପଡ଼ିଲେ ପଚରାଉଚରା କରାଯିବ।

### ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ସମୀକ୍ଷା

# ବାଦ୍ ପଡ଼ିବେନି ଯୋଗ୍ୟ ଭୋଟର୍

**କଟକ,୨୩।୬/ଏନ୍ଏନ୍ଏସ୍:** କଟକ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର.) ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଆସନ୍ତା ୨୮ ତାରିଖରେ ଶେଷ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ମେ ୩୦ ତାରିଖରୁ ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ କରି ଭୋଟର ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବା ସହ ସଂଗୃହୀତ ଗଣନା ଫର୍ମଗୁଡ଼ିକର ଡିଜିଟାଇଜେସନ କରୁଛନ୍ତି। ଆସନ୍ତା ୨୮ ଜୁନ୍ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଂଗତ ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ କରାଯାଇ ଖସଡ଼ା ଭୋଟର ତାଲିକା ଜୁଲାଇ ୫ ତାରିଖରେ ପ୍ରକାଶ ପାଇବ। ଏହି ସମଗ୍ର ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଦିଗରେ ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଆସନ୍ତାକାଲି ଓ ତା' ପରଦିନ ବିଭିନ୍ନ ବୁଥରେ ବୁଥ୍ ସ୍ତରୀୟ ଅଧିକାରୀ ଓ ଏଜେଣ୍ଟମାନଙ୍କ ମଧ୍ୟରେ ବୈଠକ ହୋଇ ବାଦ୍ ପଡ଼ିଥିବା ଭୋଟରମାନଙ୍କ ତଥ୍ୟ ପ୍ରଦାନ କରାଯିବ ଏବଂ



ଯୋଗ୍ୟ ବ୍ୟକ୍ତିଙ୍କୁ ନୋଟିସ (ସୂଚନାପତ୍ର) ଜାରି କରାଯାଇ ନିର୍ଦ୍ଧାରିତ ପ୍ରକ୍ରିୟାରେ ସେମାନଙ୍କ ନାମ ସଂଯୋଗ କରାଯିବ। ଜୁଲାଇ ୦୫ ତାରିଖରୁ ଅଗଷ୍ଟ ୦୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ ଏବଂ ସେପ୍ଟେମ୍ବର ୦୨ ସୁଦ୍ଧା ଏହାର ନିଷ୍ପତ୍ତି ନିଆଯିବା ପରେ ୦୬ ସେପ୍ଟେମ୍ବର ୨୦୨୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ସାମିଲ କରିବା ଏବଂ ଅନଧିକୃତ ପ୍ରବାସୀ, ଅଯୋଗ୍ୟ, ମୃତ ତଥା ନକଲି ଭୋଟରଙ୍କ ନାମ ବାଦ୍ ଦେଇ ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରିବା। କୌଣସି ଯୋଗ୍ୟ ଭୋଟରଙ୍କ ନାମ ଯେପରି ବାଦ୍ ନପଡ଼େ, ସେଥିପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୯୯ ପ୍ରତିଶତ ଫର୍ମ ବିତରଣ ଏବଂ ୭୦ ପ୍ରତିଶତ ଡିଜିଟାଲକରଣ କାର୍ଯ୍ୟ ଶେଷ ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ କଟକ ସଦର ନିର୍ବାଚନ ପଞ୍ଜିକରଣ ଅଧିକାରୀ ଶ୍ରୀ କମଲଜିତ୍ ଦାସ, ସାଲେପୁର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତ, ଚୌଦ୍ୱାର-କଟକ ପାଇଁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ବାରବାଟୀ-କଟକ ପାଇଁ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆଠଗଡ଼ ପାଇଁ ଶ୍ରୀ ପ୍ରହଲ୍ଲାଦ ନାରାୟଣ ଶର୍ମା, ନିଆଳି ପାଇଁ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ ଦେବାଶିଷ ମହାପାତ୍ର, ମାହାଙ୍ଗା ପାଇଁ କଟକ ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ, ବଡ଼ମ୍ବା ପାଇଁ ମହାନଗର ନିଗମର ଯୁଗ୍ମ ଆୟୁକ୍ତ ବରେନ୍ଦୁ ମହାନ୍ତି ଏବଂ ନିର୍ବାଚନ ଡେପୁଟି କଲେକ୍ଟର୍ ଉପଜିଲ୍ଲାପାଳ ଅମ୍ଳାନ ଅପରାଜିତା ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଏନ୍ଏସ୍ଏସ୍ର ୫ ଦିନିଆ ରାଜ୍ୟ ସଂହତି ଶିବିର ଉଦ୍ଘାଟିତ




**କଟକ,୨୩।୬/ଏନ୍ଏନ୍ଏସ୍:** ରେଭେନ୍ସା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପରିସରରେ ଏନ୍ଏସ୍ଏସ୍ର ପାଂଚ ଦିନିଆ ରାଜ୍ୟ ସଂହତି ଶିବିର ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଚିରଞ୍ଜୀବ ମହାପାତ୍ର ଅତିଥି ପରିଚୟ ଏବଂ ସ୍ୱାଗତ ଅଭିଭାଷଣ ରଖିଥିଲେ। ଏନ୍ଏସଏସର ସଂଯୋଜକ ଡ଼ଃ ବିଶ୍ୱମୋହନ ଜେନା ଶିବିରର ଉଦ୍ଦେଶ୍ୟ ଏବଂ କାର୍ଯ୍ୟସୂଚୀ ସମ୍ବନ୍ଧରେ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ। ଏନ୍ଏସଏସ ଯୁବ ଅଧିକାରୀ ଏ.ଏସ କବିର ସଭାକୁ ଉଦବୋଧନ ଦେଇଥିଲେ। ଏନ୍ଏସଏସ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୋଗ ଓ ବ୍ୟାୟାମର ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଦାସ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଦିଗରେ ନିଜର ସାମାଜିକ ଦାୟିତ୍ୱ ସମ୍ବନ୍ଧରେ ସଚେତନ ରହିବାକୁ ଅଂଶଗ୍ରହଣକାରୀମାନଙ୍କୁ ଉପଦେଶ ଦେଇଥିଲେ। ସଭା ଶେଷରେ ବିଦ୍ୟାଳୟର ଏନ୍ଏସଏସ ସଂଯୋଜକ ଶିବପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଅଧ୍ୟାପିକା ଗାୟତ୍ରି ମହାନ୍ତି ଏବଂ ସରିତାରାଣୀ ମହାନ୍ତି ସଭା ପରିଚାଳନା କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରକାଶ ଥାଉକି ବିଭିନ୍ନ ଜିଲ୍ଲାରୁ ଦୁଇଶହ ଯୁବ ସ୍ୱେଚ୍ଛାସେବୀମାନେ ଶିବିରରେ ଅଂଶଗ୍ରହଣ କରିଛନ୍ତି।

## 'ଶିକ୍ଷକ ସମାଜ ପ୍ରତି ସରକାରଙ୍କର ରହିଛି ବୈମାତୃକ ମନୋଭାବ'

**କଟକ,୨୩।୬/ଏନ୍ଏନ୍ଏସ୍:** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଦୀର୍ଘଦିନ ଧରି ସରକାରଙ୍କ ନିକଟରେ ସେମାନଙ୍କର ଦାବିକୁ ଆଲୋଚନା ପର୍ଯ୍ୟାଲୋଚନା ଓ ଆନ୍ଦୋଳନ ମାଧ୍ୟମରେ ଜଣାଇ ଆସୁଛନ୍ତି। ସରକାର ମଧ୍ୟ ବାରମ୍ବାର ପ୍ରତିଶୃତି ଦେଇ ଚାଲିଛନ୍ତି। ଇତି ମଧ୍ୟରେ ନୂତନ ସରକାର ଗଠନ ହେବାର ଦୀର୍ଘ ଦୁଇବର୍ଷର ଅବଧି ପୂରିଥିଲେ ମଧ୍ୟ ଶିକ୍ଷକମାନଙ୍କ ସମସ୍ୟାର ସମାଧାନ ହୋଇନାହିଁ। ସେଥିପାଇଁ ଶିକ୍ଷକମାନଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଛି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ପ୍ରେସ୍ ଇସ୍ତାହାର ଜରିଆରେ ଗଣମାଧ୍ୟମକୁ ଜଣାଇଛନ୍ତି। ସେହିପରି ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ଥିବା ଅନୁଦାନ ପ୍ରାତ୍ୟାଶୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ସମସ୍ୟା ମଧ୍ୟ ଅତ୍ୟନ୍ତ ଜଟିଳ। ସରକାର ସେହି ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଇଁ କୌଣସି ବ୍ୟବସ୍ଥା କରିନାହାଁନ୍ତି। ତେଣୁ ସରକାର ୨୫ରୁ ୩୦ ବର୍ଷ ବିନା ପାରିଶ୍ରମିକରେ ବୁଭୁକ୍ଷୁ ଅବସ୍ଥାରେ କାର୍ଯ୍ୟ କରୁଥିବା ଅନୁଦାନ ଯୋଗ୍ୟ ସ୍କୁଲ କଲେଜରେ ଶିକ୍ଷକ କର୍ମଚାରୀମାନଙ୍କୁ ଅନୁଦାନପ୍ରାପ୍ତ କରନ୍ତୁ। ଅନୁଦାନ ପାଉନଥିବା ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ପେନସନ ପ୍ରଦାନ, ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତିର ବ୍ୟବସ୍ଥା, ଗ୍ରେଡ଼ପେରେ ଥିବା ଅସଂଗତି ୨୦୦୪ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନ୍ୟାସ୍‌ନାଲ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ ଓ ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା ନିମନ୍ତେ ସମ୍ବନ୍ୟ ସମିତି ପକ୍ଷରୁ ମାଂବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବି କରାଯାଉଛି ବୋଲି ସମନ୍ୱୟ ସମିତିର ଆବାହକ ରଂଜନ କୁମାର ଦାଶଙ୍କ ସମେତ ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟକୁମାର ମିଶ୍ର, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଂଜନ କୁମାର ପଣ୍ଡା, ଏମଏ କାସିମ ବେଗ, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ରାଜା ଓ୍ୱସିମ, ନୀଳମଣି ପୁରୋହିତ, ଚୁକିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବନ, ମାଣିକେଶ୍ୱରୀ ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ କହିଛନ୍ତି।

## କାଡ଼ାର ନିର୍ବାହୀ ଯନ୍ତ୍ରୀ ଭାବେ ସନ୍ତୋଷ ପଣ୍ଡାଙ୍କ ଯୋଗଦାନ

**କଟକ,୨୩।୬/ଏନ୍ଏନ୍ଏସ୍:** ରାଜ୍ୟ ଜଳସମ୍ପଦ ବିଭାଗ ଅଧୀନରେ ରହିଥିବା କମାଣ୍ଡ ଏରିୟା ଡେଭଲପମେଣ୍ଟ୍ କର୍ତ୍ତୃପକ୍ଷ (କାଡ଼ା) ର ନିର୍ବାହୀ ଯନ୍ତ୍ରୀ ଭାବେ ଇଂ ସନ୍ତୋଷ କୁମାର ପଣ୍ଡା ତାଙ୍କ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ପୂର୍ବରୁ ଥିବା ନିର୍ବାହୀ ଯନ୍ତ୍ରୀ ଭୂପେକ୍ଷ ମହାନ୍ତି ଚାକିରୀରୁ ଅବସର ଗ୍ରହଣ କରିବା ପରେ ଭୁବନେଶ୍ୱର ସତ୍ୟନଗର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଇଂ ସନ୍ତୋଷଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ନିଯୁକ୍ତି ପରେ ସେ ଜିଲ୍ଲାର କାଡ଼ା ନାଳ ମଧ୍ୟମରେ ଚାଷ ଜମିକୁ କିଭଳି ସୁରୁଖୁରୁରେ ଜଳଯୋଗାଣ କରାଯାଇ ପାରିବ ସେ ନେଇ ଅଧିନସ୍ଥ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

### ରୋଡ୍ ପ୍ରକଳ୍ପ ତ୍ୱରାନ୍ୱିତ ପାଇଁ ସମୀକ୍ଷା

## ଶକ୍ତି ଓ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଏବଂ ଏକକାଳୀନ ୟୁଟିଲିଟି (ସେବା ଯୋଗାଣ ବ୍ୟବସ୍ଥା) ସ୍ଥାନାନ୍ତର କାର୍ଯ୍ୟ ପାଇଁ ଶକ୍ତି ଓ ପୂର୍ତ୍ତ ବିଭାଗ ମଧ୍ୟରେ ନିବିଡ଼ ସମନ୍ୱୟ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ନିର୍ମାଣ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ଏହି ସମୀକ୍ଷା ବୈଠକ ବସିଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେବା ସହ ବିଳମ୍ବ ଏଡ଼ାଇବା ପାଇଁ ନିରବଚ୍ଛିନ୍ନ ଆନ୍ତଃ-ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକଳ୍ପ ସମୟରେ ଜନସାଧାରଣଙ୍କ ସମସ୍ୟା ଦୂର କରିବା ପାଇଁ ୟୁଟିଲିଟି ସ୍ଥାନାନ୍ତର ସହ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଲାଗି ପୂର୍ତ୍ତ ବିଭାଗ ପକ୍ଷରୁ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ଉଭୟ ବିଭାଗ ସୁରକ୍ଷା ମାନ, ବୈଧାନିକ ଅନୁପାଳନ ଏବଂ କାର୍ଯ୍ୟର ଗୁଣବତ୍ତା ସହ କୌଣସି ସାଲିସ ନକରି ସୁଗମ କାର୍ଯ୍ୟାନ୍ୱୟନ ଲାଗି ସହମତି ପ୍ରକାଶ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଓପିଟିସିଏଲ୍ର ସିଏମ୍‌ଡି (ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ) ଭାସ୍କର ଜ୍ୟୋତି ଶର୍ମା, ଚାରୋଟି ବିତରଣ କମ୍ପାନୀର ସିଇଓ (ମୁଖ୍ୟ ନିର୍ବାହୀ ଅଧିକାରୀ), ସର୍ବୋଚ୍ଚ ଯନ୍ତ୍ରୀ (ବୈଦ୍ୟୁତିକ), ଶକ୍ତି ଓ ପୂର୍ତ୍ତ ବିଭାଗ, ଆର୍ ଆଣ୍ଡ ବି (ରାସ୍ତା ଓ ଗୃହ ନିର୍ମାଣ) ଏବଂ ଏନ୍ଏଚ୍ଏଆଇ (ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ)ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ।

## ହାଇଓ୍ୱା-କାର୍ ମୁହାଁମୁହିଁ, ଜଣେ ମୃତ

**କଟକ,୨୩।୬/ଏନ୍ଏନ୍ଏସ୍:** କଟକ ସୁଭାଷ ସେତୁ ଉପରେ ହାଇଓ୍ୱା-କାର ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ କାର ଚାଳକର ମୃତ୍ୟୁ ହୋଇଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ମୃତ ଡ୍ରାଇଭର ଅନୁଗୋଳ ସମଲବ୍ୟାରେଜ ଥାନା ଚନ୍ଦ୍ରବେଳି ଗାଁର ଅଜିତ ସାହୁ। ଘଟଣା ସ୍ଥଳରେ ବାରଙ୍ଗ ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଗାଡ଼ି ଡୋର କାଟି ଚାଳକଙ୍କୁ ବାହାର କରିଥିଲେ। ଖବର ଅନୁଯାୟୀ, ମଙ୍ଗଳବାର ଭୋର ପ୍ରାୟ ୩ଟା ରେ



ଏହି ଦୁର୍ଘଟଣା ସୁଭାଷ ସେତୁର ମଝିରେ ଘଟିଛି। ଚନ୍ଦ୍ରବେଳି ଗାଁର ଦାଦା, ଖୁଡ଼ି ଓ ପୁତୁରା ଏକ କାରରେ ଭୁବନେଶ୍ୱରରୁ ଘରୋଇ ହସପିଟାଲକୁ ଚିକିତ୍ସା ପାଇଁ ସୋମବାର ରାତିରେ ବାହାରିଥିଲେ। ହେଲେ ସୁଭାଷ ସେତୁରେ ବିପରୀତ ଦିଗରୁ ଆସୁଥିବା ହାଇଓ୍ୱା ସହିତ ଦୁର୍ଘଟଣା ଘଟିଥିଲା। ଚାଳକ କାରରେ ଚାପିହୋଇ ରହି ଯାଇଥିଲେ। ହାଇଓ୍ୱା ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ବାରଙ୍ଗ ଥାନା ପୁଲିସ ପହଂଚି ସେତୁରୁ ଦୁଇ ଗାଡ଼ିକୁ ହଟାଇ ତଦନ୍ତ ଆରମ୍ଭ କରିଛନ୍ତି। ଏହାପରେ ଆମ୍ବୁଲାନ୍ସ ଯୋଗେ ଆହତ ୩ ଜଣ ଓ ମୃତ ଚାଳକଙ୍କୁ କଟକ ଏସସିବି ମେଡ଼ିକାଲ ପଠାଇଥିଲେ।

## ପାଠାଗାର ସମ୍ପର୍କିତ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମର ସମାବର୍ତ୍ତନ ଉତ୍ସବ

**କଟକ,୨୩।୬/ଏନ୍ଏନ୍ଏସ୍:** ଉତ୍କଳ ସାହିତ୍ୟ ସମାଜର ଉତ୍କଳଗୌରବ ମଧୁସୂଦନ ପାଠାଗାର ପକ୍ଷରୁ ୩୫ ଦିନିଆ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମର ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ସଂଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରିତ କ୍ଷେତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁସାରେ ସଫଳତାର ସହିତ ଇଣ୍ଟର୍ଣ୍ଣସିପ୍ ପାଠ୍ୟକ୍ରମ ସମାପ୍ତ କରିଥିବା ଖ୍ରୀଷ୍ଟ ମହାବିଦ୍ୟାଳୟ ଓ ଇମର୍ତ୍ତି ଦେବୀ ମହିଳା ମହାବିଦ୍ୟାଳୟର ୬୪ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି ଛାତ୍ରଛାତ୍ରୀମାନେ ଉକ୍ତ ପାଠାଗାରରେ ୧୨୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅତିବାହିତ କରି ପାଠାଗାର ସଂପର୍କିତ ସମସ୍ତ କାର୍ଯ୍ୟ ଉପରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି ଉତ୍ସବରେ ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ, ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଡକ୍ଟର ବୈଜୟନ୍ତୀମାଳା ଶତପଥୀ, ଡକ୍ଟର ଧରଣୀଧର ନାଥ, ମୀରା ବେଉରା, ଗୀତାଞ୍ଜଳି ପୃଷ୍ଟି, ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ ଓ



ଶିବାଶିଷ କର ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇମର୍ତି ଦେବୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡକ୍ଟର ମୌସୁମୀ ରାଉତରାୟ, ଅଧ୍ୟାପିକା ଡକ୍ଟର ଅଶ୍ରୁତା ଜେନା, ଅଧ୍ୟାପିକା ଅପରାଜିତା ମହାନ୍ତି, ଅଧ୍ୟାପିକା ଡକ୍ଟର ଉଷାରାଣୀ ରଥ, ଅଧ୍ୟାପକ ପ୍ରଭୁଦତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପାଠାଗାରର ପରିଚାଳିକା ରଶ୍ମିରେଖା ସାହୁ ଓ ସହ-ପରିଚାଳିକା ସୁମିତ୍ରା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବିଭିନ୍ନ ସ୍ଥାନରେ ଯୋଗ ଦିବସ

**କଟକ,୨୩।୬/ଏନ୍ଏନ୍ଏସ୍:** ମଧୁସୂଦନ କ୍ରାନ୍ତି ପରିଷଦ ଓଡିଶା ଆନୁକୁଲ୍ୟରେ ପଦ୍ମପୁର ଉଚ୍ଚ ବିଦ୍ୟାଳୟ ପରିସରରେ ୧୨ତମ ଆନ୍ତର୍ଜାତିକ ଯୋଗ ମହୋତ୍ସବ ସଂଯୋଜକ ଅମରେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ପାଳିତ ହୋଇଛି। ପଦ୍ମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଦିପ୍ତିରେଖା ପ୍ରହାରାଜ ଶିବିରକୁ ଉଦଘାଟନ କରିଥିଲେ। ଯୋଗ ପ୍ରଶିକ୍ଷକ ସନ୍ତୋଷ କୁମାର ଦତ ଯୋଗ ଶିକ୍ଷା ଦେଇଥିଲେ। ପରିଷଦର ସଭାପତି ସଂଗ୍ରାମ କିଶୋର ସ୍ୱାଇଁ ଯୋଗର ଉପକାରୀତା ସମ୍ବନ୍ଧରେ ପିଲାଙ୍କୁ ଦିଗଦର୍ଶନ ଦେଇଥିଲେ. ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ କୁମାର ବିଶୋଇ, ବିମଳ କୁମାର ନାୟକ, ଅମିୟ କୁମାର ନାୟକ, ନିଗମାନନ୍ଦ ଓଝା , ପ୍ରଫୁଲ୍ଲ ସାହୁ ବିଦ୍ୟାଳୟର ଜ୍ୟୋତି ରଞ୍ଜନ ଗୋଚ୍ଛାୟତ,କମଳାକାନ୍ତ ରାଉତ, ମହେଶ୍ୱତା ପଣ୍ଡା, ମନିଶା ଦିକ୍ଷିତ, କମଳାକାନ୍ତ ସେନାପତି, ଅମ୍ରିତା ପଣ୍ଡା, ସମର୍ପଣ ଓଝା, ରାଜେଶ ନନ୍ଦିନୀ ବେହେରା, ସରୋଜ ମଲ୍ଲିକ, ମିତାଲି ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ. ସହ ସଂଯୋଜକ ପ୍ରଫୁଲ୍ଲ କୁମାର ସାହୁ ଶପଥ ପାଠ କରାଇଥିଲେ। ସେହିପରି ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସିବଜାରଠାରେ ଗୋପବନ୍ଧୁ ପାର୍କରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। କର୍ମକର୍ତାମାନେ ବିଭିନ୍ନ ପ୍ରକାର ଯୋଗ କରିଥିଲେ। ଏହିଁ କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ , ସହ ସମ୍ପାଦକ ପ୍ରଶାନ୍ତ ସାହୁ , ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ. କମିଟି ସଭ୍ୟ କେ.ବେଣୁ ରାଓ , ହାଡିବନ୍ଧୁ ବେହେରା , ଦେବାଶିଷ ଭୋଇ, ରବି ପାଲ, ଅଜୟ ବେହେରା , ସୁଜିତ ସାହୁ ଓ ସନ୍ତୋଷ ରାଓ ଯୋଗଦାନ କରିଥିଲେ।

## 'ସ୍ୱଭାବ ବିନା ସୌନ୍ଦର୍ଯ୍ୟ ଓ ପ୍ରଭାବ ନିରର୍ଥକ'



**କଟକ,୨୩।୬/ଏନ୍ଏନ୍ଏସ୍:** କଳିଯୁଗରେ ପ୍ରଭାବ ଓ ପ୍ରଭାବୀ ବ୍ୟକ୍ତିଙ୍କ କାୟାବିସ୍ତାର ଗତିଶୀଳ ହେବାରେ ଲାଗିଛି। ପ୍ରଭାବ ବିସ୍ତାର କରିବା ଭଳି ରାକ୍ଷସ ପ୍ରବୃତ୍ତି ଏବଂ ବିଷୟ ଭୋଗ ମଧ୍ୟରେ ମଣିଷ ବାହ୍ୟ ସୌନ୍ଦର୍ଯ୍ୟକୁ ଆପଣାଇବାକୁ ପସନ୍ଦ କରୁଛି। ହେଲେ ଉତ୍ତମ ସ୍ୱଭାବ ବିନା ସୌନ୍ଦର୍ଯ୍ୟ ଓ ପ୍ରଭାବ ସମ୍ପୂର୍ଣ୍ଣ ନିରର୍ଥକ ବୋଲି ସନସାଇନ ପଡ଼ିଆଠାରେ ଆୟୋଜିତ ଭାଗବତ ସପ୍ତାହର ଚତୁର୍ଥ ଦିବସରେ ବିଶିଷ୍ଟ ଭାଗବତ କଥାକାର ପୂଜ୍ୟ ଇନ୍ଦ୍ରେଶ ଜୀ ଉପାଧ୍ୟାୟ ମହାରାଜ ପ୍ରବଚନ ଦେଇ କହିଛନ୍ତି। ସନସାଇନ ପଡ଼ିଆରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଇନ୍ଦ୍ରେଶ ଜୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ ତ୍ରିକୂଟ ପର୍ବତରେ ବିରାଜିତ ମାତା ବୈଷ୍ଣବ ଦେବୀଙ୍କ ପୀଠରୁ ଆସିଥିବା ଦୁଇ ଜଣ ପୂଜକ ସନ୍ତୁ ସତ୍ୟ ମହାରାଜ, ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମହେଶ ସାହୁ ଏବଂ ଗୁପ୍ତା ପରିବାରର ସଜନ ଗୁପ୍ତା, ଶଙ୍କର ଗୁପ୍ତା, ସୁନିଲ ଗୁପ୍ତା ଓ ଅନିଲ ଗୁପ୍ତା ପ୍ରମୁଖ ବ୍ୟାସଦେବ ଇନ୍ଦ୍ରେଶ ଜୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ପାଣ୍ଡବମାନଙ୍କ ପଞ୍ଚ ଗୁଣ ସମ୍ପର୍କରେ ଆଲୋଚନା କରି ମହାରାଜ କହିଥିଲେ ଯେ, ଦୟାଭାବ ବିନା ଧର୍ମ ସମ୍ପୂର୍ଣ୍ଣ ମୂଲ୍ୟହୀନ ହୋଇଯାଏ। ଲଙ୍କାପତି ରାବଣ ଧର୍ମକୁ ବିଶ୍ୱାସ କରୁଥିଲେ ମଧ୍ୟ କେବଳ ଦୟାଭାବର ଅଭାବ ଯୋଗୁଁ ସେ ବିନାଶର ସମ୍ମୁଖୀନ ହୋଇଥିଲେ। ଭଗବାନ କେବଳ ପ୍ରତିକୂଳ ପରିସ୍ଥିତିରେ ମଣିଷର ପରୀକ୍ଷା କରନ୍ତି ନାହିଁ, ବରଂ ଅନୁକୂଳ ପରିବେଶରେ ମଧ୍ୟ ପରୀକ୍ଷା ନିଅନ୍ତି। ଅନୁକୂଳ ସ୍ଥିତିରେ ଭଗବାନଙ୍କ ପ୍ରତି ରହିଥିବା ଭକ୍ତିପୂତ ଏକାଗ୍ରତା ହିଁ ମଣିଷ ପାଇଁ ରକ୍ଷା କବଚ ସଦୃଶ ହୋଇଥାଏ। ମଣିଷ ଜୀବନରେ ବିଷୟ ଚିନ୍ତନରୁ ହିଁ ଧ୍ୱଂସର ପ୍ରକ୍ରିୟା ଆରମ୍ଭ ହୁଏ, କାରଣ ଚିନ୍ତନ ହିଁ ପରବର୍ତ୍ତୀ ସମୟରେ କର୍ମର ରୂପ ନେଇଥାଏ। କେବଳ ଭକ୍ତିପୂତ ସମର୍ପଣ ଭାବ ଓ ଉତ୍ତମ ସ୍ୱଭାବ ହିଁ ମଣିଷକୁ ଏହି ବିନାଶରୁ ବଞ୍ଚାଇ ପାରିବ ବୋଲି ଇନ୍ଦ୍ରେଶ ଜୀ ମହାରାଜ ମତବ୍ୟକ୍ତ କରିଛନ୍ତି। ଆଜି ଏହି ପବିତ୍ର ସପ୍ତାହ ଅବସରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଓ ନନ୍ଦଉତ୍ସବ ଅତ୍ୟନ୍ତ ଆନନ୍ଦଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ବିଶେଷ ଉତ୍ସବରେ ଇନ୍ଦ୍ରେଶ ଜୀ ମହାରାଜ କଥା ପ୍ରବଚନ ସମୟରେ ସମବେତ ହୋଇଥିବା ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଣକୁ ଯାଇ ସମସ୍ତଙ୍କୁ ଶ୍ରଦ୍ଧାପୂର୍ଣ୍ଣ ଆଶୀର୍ବାଦ ପ୍ରଦାନ କରିଥିଲେ।

### 'ନାର୍କୋ କୋର୍ଡିନେସନ୍ ସେଣ୍ଟର୍'ର ରାଜ୍ୟସ୍ତରୀୟ ବୈଠକ

## ନିଶାମୁକ୍ତ ଓଡ଼ିଶା ଲକ୍ଷ୍ୟ ପୂରଣ ପାଇଁ ସମନ୍ୱିତ ପଦକ୍ଷେପକୁ ଗୁରୁତ୍ୱ

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ନାର୍କୋ କୋର୍ଡିନେସନ ସେଣ୍ଟର(ଏନ୍‌ସିଓଆରଡି)ର ୭ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ନିଶାଦ୍ରବ୍ୟ କାରବାର ନିୟନ୍ତ୍ରଣ, ନିଶାମୁକ୍ତ ସମାଜ ଗଠନ ପାଇଁ ଜନ ସଚେତନତା ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ଓ୍ୱାଇ.ବି. ଖୁରାନିଆ, ଡିଜି, ଅପରାଧ ଅନୁସନ୍ଧାନ ବିଭାଗ ଓ କ୍ରାଇମବ୍ରାଞ୍ଚ, ଓଡ଼ିଶା,କଟକ ବିନୟତୋଷ ମିଶ୍ର, ଡେପୁଟି ଡାଇରେକ୍ଟର ଜେନେରାଲ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, କୋଲକାତା, ଓଡ଼ିଶା ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଅବକାରୀ ବିଭାଗ, ଉଚ୍ଚ ଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ ଆଦି ସଂପୃକ୍ତି ବିଭିନ୍ନ ବିଭାଗର ସଚିବ, ନିର୍ଦ୍ଦେଶକ ଏବଂ ପ୍ରବର୍ତ୍ତନ ସଂସ୍ଥାର ଉଚ୍ଚ ପଦାଧିକାରୀମାନେ ଯୋଗଦେଇ ମତାମତ ଓ ପରାମର୍ଶ ରଖିଥିଲେ। ଡିଜି, ସିଆଇଡି-ସିବି, ଓଡ଼ିଶା, ଶ୍ରୀ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଗତ ଜାନୁଆରୀ ମାସରେ ନୂଆ ଦିଲ୍ଲୀରେ ଅନୁଷ୍ଠିତ ୯ମ ଉଚ୍ଚସ୍ତରୀୟ(ଆପେକ୍ସ) ଏନ୍‌ସିଓଆରଡି ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ନିଶାମୁକ୍ତ ଭାରତ ଗଠନର ଆହ୍ୱାନକୁ ଉଲ୍ଲେଖ କରି ବେଆଇନ୍ ନିଶାଦ୍ରବ୍ୟ ଯୋଗାଣ ଶୃଙ୍ଖଳକୁ ସମ୍ପୂର୍ଣ୍ଣ ଭାବେ ରୋକିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତି ସମ୍ପର୍କରେ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। ତତ୍ ସହିତ ଗତ ମାର୍ଚ୍ଚ ୨୦ ତାରିଖରେ ଅନୁଷ୍ଠିତ ୬ଷ୍ଠ ରାଜ୍ୟସ୍ତରୀୟ ଏନ୍‌ସିଓଆରଡି ବୈଠକର ନିଷ୍ପତ୍ତିଗୁଡ଼ିକ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ



ଆଲୋଚନା କରିଥିଲେ। ଏହାପରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ, ସିଆଇଡି-କ୍ରାଇମବ୍ରାଞ୍ଚ ପକ୍ଷରୁ ଉପସ୍ଥାପନାରେ ଦର୍ଶାଯାଇଥିଲା ଯେ, ୨୦୨୪ରୁ ୨୦୨୬ ମଧ୍ୟରେ ଅଦ୍ୟାବଧି ରାଜ୍ୟରେ ୫୧୩ ମେଟ୍ରିକ ଟନ୍‌ରୁ ଅଧିକ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୩,୨୩୮ଟି ମାମଲା ରୁଜୁ କରାଯାଇ ୪,୫୩୪ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୬୯,୪୭୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ୩୩ କିଲୋଗ୍ରାମରୁ ଅଧିକ ବ୍ରାଉନ୍ ସୁଗାର ଓ ୨ ଲକ୍ଷରୁ ଅଧିକ କୋଡିନ୍ ମିଶ୍ରିତ କଫ୍ ସିରପ୍ ବୋତଲ ଜବତ କରାଯାଇଛି। ଆନ୍ଧ୍ର-ଓଡ଼ିଶା ସୀମାରେ ଏସ୍‌ଟିଏଫ୍ ଦ୍ୱାରା ପରିଚାଳିତ ଏକ ସ୍ୱତନ୍ତ୍ର ଅଭିଯାନରେ ଏକ ଆନ୍ତର୍ରାଜ୍ୟ ନିଶାଦ୍ରବ୍ୟ ଚୋରାଚାଲାଣ ନେଟୱ୍ୱର୍କର ୭ ଜଣ ସଦସ୍ୟଙ୍କୁ ଗିରଫ କରାଯିବା ସହ ପ୍ରାୟ ୨୩୦ କୋଟି ଟଙ୍କା ମୂଲ୍ୟର ହାସିସ୍ ତେଲ ଓ ଗଞ୍ଜେଇ ଜବତ କରାଯାଇଥିବା ସୂଚନା ଦିଆଯାଇଥିଲା। ଏହା ସହ ନିଶାଦ୍ରବ୍ୟ କାରବାର ସହ ଜଡିତ ସମ୍ପତ୍ତି ବିରୋଧରେ ଆର୍ଥିକ ତଦନ୍ତକୁ ଜୋରଦାର କରାଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ନିଶାଦ୍ରବ୍ୟ ନିୟନ୍ତ୍ରଣ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନିଆଯିବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ସହିତ ହେଉଥିବା ସମ୍ମିଳନୀରେ ଏନସିଓଆରଡି ସମ୍ପର୍କିତ କାର୍ଯ୍ୟାନୁଷ୍ଠାନ ନେଇ ଆଲୋଚନା କରିବାକୁ ପରାମର୍ଶ ଦେଇଛନ୍ତି। ଏତି ସହିତ ବୈଠକରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକରେ ଫଳପ୍ରଦ ଆଲୋଚନାକୁ ଗୁରୁତ୍ୱ, ନାର୍କୋ ମାମଲା ସଂପର୍କିତ ମାମଲାର ଶୀଘ୍ର ବିଚାର ପ୍ରକ୍ରିୟା, ନିଶାମୁକ୍ତ ଓଡ଼ିଶା ଲକ୍ଷ୍ୟ ପୂରଣ ପାଇଁ ଜନସଚେତନତା ଏବଂ ସମସ୍ତ ପ୍ରବର୍ତ୍ତନ ସଂସ୍ଥାମାନଙ୍କର ସକ୍ରିୟ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବେଆଇନ ଗଞ୍ଜେଇ ଚାଷର ବିକଳ୍ପ ଭାବେ ଲାଭଜନକ କୃଷି କାର୍ଯ୍ୟକଳାପ ଓ ଜୀବିକାଭିତ୍ତିକ ଅନ୍ୟ ପଦକ୍ଷେପମାନେ ଗ୍ରହଣ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ କବଳରୁ ଦୂରେଇ ରଖିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ତାମିଲନାଡୁ ଆମୋନିଆ ଗ୍ୟାସ୍ ଲିକ୍

# ସହାୟତା ରାଶି ୧୦ ଲକ୍ଷ ଟଙ୍କାକୁ ବଢ଼ାଇଲେ ମୁଖ୍ୟମନ୍ତ୍ରୀ



**କେନ୍ଦୁଝର,୨୩ା୬/ଏନ୍ଏନ୍ଏସ୍:** ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟାପାଲିଆମ୍ ନିକଟରେ ଥିବା ସେଣ୍ଟ ପିଟର୍ସ ପର୍ଲ ସମୁଦ୍ର ଖାଦ୍ୟ ରପ୍ତାନୀ କମ୍ପାନୀରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ (ଗ୍ୟାସ ନିର୍ଗତ) ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ପୂର୍ବରୁ କେନ୍ଦୁଝର ଜିଲ୍ଲାର ୫ ଜଣ ଜୁଆଙ୍ଗ ଜନଜାତି ଯୁବତୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆଜି ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ ଜଣ ଯୁବତୀଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ମୋଟ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି। ଆଜି ପ୍ରାଣ ହରାଇଥିବା ଦୁଇ ଯୁବତୀ ହେଲେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ରଙ୍ଗମାଟିଆ ଗ୍ରାମର ବିଷ୍ଣୁ ଜୁଆଙ୍ଗଙ୍କ ଝିଅ ଜାମୁନି ଜୁଆଙ୍ଗ ଏବଂ ବାଂଶପାଳ ବ୍ଲକ କୁଡ଼ିପଶା ଗ୍ରାମର ସ୍ୱର୍ଗତ ମଲା ଜୁଆଙ୍ଗଙ୍କ ଝିଅ ସଜନୀ ଜୁଆଙ୍ଗ। ଦୁର୍ଘଟଣା ପରେ ଓଡ଼ିଶା ରାଜ୍ୟ ସରକାରଙ୍କ ଏକ ତିନି ଜଣିଆ ପ୍ରତିନିଧି ଦଳ ସେଠାରେ ପହଞ୍ଚି ତାମିଲନାଡୁ ସରକାରଙ୍କ ସହ ଯୋଗାଯୋଗରେ ରହିଥିବା ସୂଚନା ମିଳିଛି। ଅନ୍ୟ କେତେକ ଗୁରୁତର ଯୁବତୀଙ୍କ ଅବସ୍ଥା ଏବେ ମଧ୍ୟ ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ଆଗକୁ ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ମୃତକଙ୍କ ପରିବାରକୁ ପ୍ରଥମେ ୪ ଲକ୍ଷ ଏବଂ ପରେ ମୋଟ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି, ମାତ୍ର ଏହି ସହାୟତା ରାଶିକୁ ନେଇ ଜୁଆଙ୍ଗ ଜନଜାତିର ଲୋକମାନେ ନିରାଶ ପ୍ରକାଶ କରିଛନ୍ତି। ଅପରପକ୍ଷରେ, କେନ୍ଦୁଝର ଜିଲ୍ଲାରେ ପ୍ରଚୁର ଖଣିଜ ସମ୍ପଦ ଓ ପାଣି ଥାଇ ମଧ୍ୟ ସ୍ଥାନୀୟ ଆଦିବାସୀମାନେ ରୋଜଗାର ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଏବଂ ଏଭଳି ଦୁର୍ଘଟଣାର ଶିକାର ହେଉଥିବା ଘଟଣା ସମଗ୍ର ଜିଲ୍ଲାବାସୀଙ୍କୁ ଗଭୀର ଭାବେ ବ୍ୟଥିତ କରିଛି।

# ୯ରୁ ମତ୍ସ୍ୟଜୀବୀଙ୍କ ପାଇଁ ଏଲ୍ଓଏ ଆରମ୍ଭ



**'ଭୁବନେଶ୍ୱର,୨୩ା୬/ଏନ୍ଏନ୍ଏସ୍:** ଗଭୀର ସମୁଦ୍ର ଅଞ୍ଚଳରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ଲେଟର ଅଫ୍ ଅଥରାଇଜେସନ୍ (ଏଲ୍ଓଏ) ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୯ ଜୁଲାଇ ୨୦୨୬ ରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି), ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନଠାରେ ଏହି ଜାତୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ।

ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଏଥିରେ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସମ୍ପୃକ୍ତ କେନ୍ଦ୍ର ମନ୍ତ୍ରିମଣ୍ଡଳ ସଦସ୍ୟ, ବିଭିନ୍ନ ରାଜ୍ୟର ପ୍ରତିନିଧି, ଜାତୀୟ ମତ୍ସ୍ୟ ସଂସ୍ଥାଗୁଡ଼ିକର ଅଧିକାରୀ ଏବଂ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ମତ୍ସ୍ୟଜୀବୀ, ମତ୍ସ୍ୟଚାଷ କ୍ଷେତ୍ରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଆଦି ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ପ୍ରାୟ ୧୦୦୦ ଜଣ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି 'ଲେଟର ଅଫ୍ ଅଥରାଇଜେସନ୍ (ଏଲ୍ଓଏ) ଯୋଗ୍ୟ ଭାରତୀୟ ପତାକାଧାରୀ ମାଛ ଧରା ଜାହାଜଗୁଡ଼ିକୁ ଜାତୀୟ ଓ ଆନ୍ତର୍ଜାତିକ ନିୟମାବଳୀ ଅନୁସାରେ ଦୂର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ କରିବା ପାଇଁ ଅନୁମତି ପ୍ରଦାନ କରିବା ସହ ମତ୍ସ୍ୟଜୀବୀମାନଙ୍କର ଆର୍ଥିକ ବିକାଶରେ ସହାୟକ ହେବ। ବୈଠକରେ ଉପରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରି ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବିଶେଷକରି ପ୍ରୋଟୋକଲ୍ ଅନୁଯାୟୀ ବ୍ୟବସ୍ଥା, ସୁରକ୍ଷା, ଯାତାୟାତ, ସାମୟିକ ରହଣି , ଭିଡ଼ ନିୟନ୍ତ୍ରଣ, ପରିଚ୍ଛନ୍ନତା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଚିକିତ୍ସା ସହାୟତା ଏବଂ ଗଣମାଧ୍ୟମ ପ୍ରଚାର ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। ତତ୍ ସହିତ ଓଡ଼ିଶା ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ସଂପୃକ୍ତ ଅନ୍ୟ ଅଂଶୀଦାରୀ ବିଭାଗମାନଙ୍କ ସମନ୍ୱୟରେ ଅତିଥିମାନଙ୍କର ସାମୟିକ ରହଣି ଓ ଅନ୍ୟାନ୍ୟ ସୁବିଧା ସହ ମତ୍ସ୍ୟଜୀବୀମାନଙ୍କର ଯାତାୟତ, ବସିବା, ଖାଦ୍ୟପେୟ ଓ ଅନ୍ୟ ଆନୁଷଙ୍ଗିକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ବିଭାଗ ତଥା ପୋଲିସ କମିଶନରେଟକୁ ଭିଭିଆଇପି ସୁରକ୍ଷା, ଟ୍ରାଫିକ୍ ପରିଚାଳନା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ମହାନଗର ନିଗମ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ସହରର ସୌନ୍ଦର୍ଯ୍ୟକରଣ, ସ୍ଥାନ ପରିଚ୍ଛନ୍ନତା, ବେରିକେଡିଂ, ପାର୍କିଂ ବ୍ୟବସ୍ଥା ଓ ଜରୁରୀକାଳୀନ ସହାୟତା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମକୁ ଅତିଥିମାନଙ୍କ ପାଇଁ ଯାତାୟତ ଓ ସାମୟିକ ରହଣି ସମୟରେ ଆବଶ୍ୟକ ସୁବିଧା ଦାୟିତ୍ୱ ଦିଆଯାଇଥିବା ବେଳେ, ଓୟୁଏଟି ପକ୍ଷରୁ ମଞ୍ଚ, ଅଡିଓ-ଭିଜୁଆଲ୍ ସୁବିଧା, ଡିଜି ବ୍ୟାକଅପ୍ ସହ ନିରବଚ୍ଛିନ୍ନ ବି ଦ୍ୟୁତ୍ ଯୋଗାଣ ଏବଂ ଛାତ୍ର ସ୍ୱେଚ୍ଛାସେବୀ ସହାୟତା କରିବାକୁ ବ୍ୟବସ୍ଥା କରାଯିବ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ମତ୍ସ୍ୟ ସମ୍ପଦ, ସାମୁଦ୍ରିକ ପରିବେଶ ଓ ଭବିଷ୍ୟତ ପିଢ଼ିର ସ୍ୱାର୍ଥକୁ ସୁରକ୍ଷିତ ରଖି ଦେଶରେ ଗଭୀର ସମୁଦ୍ରରେ ଦାୟିତ୍ୱପୂର୍ଣ୍ଣ ମାଛଧରାକୁ ପ୍ରୋତ୍ସାହନ ଦେବା ସହିତ ଓଡ଼ିଶାକୁ ସ୍ଥାୟୀ ମତ୍ସ୍ୟ ବିକାଶ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବ। ପ୍ରକାଶ ଥାଉକି, ଓଡ଼ିଶା ରାଜ୍ୟ ସରକାର ବ୍ଲୁ ଇକୋନୋମି (ନୀଳ ଅର୍ଥନୀତି)ର ବିକାଶକୁ ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ମତ୍ସ୍ୟ, ସାମୁଦ୍ରିକ ଓ ଉପକୂଳଭିତ୍ତିକ ଅର୍ଥନୈତିକ କାର୍ଯ୍ୟକଳାପର ନିରନ୍ତର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ବୈଠକରେ ଶିଳ୍ପ, ଗୃହ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ କମିଶନର ତଥା ଶାସନ ସଚିବ ପ୍ରେମଚନ୍ଦ୍ର ଚୌଧାରୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ଚଂଚଳ ରାଣା, ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ଯୁଗ୍ମ ଶାସନ ସଚିବ ଡଃ. ସୁରଭି ରାୟଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥାଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପ୍ରସ୍ତୁତି ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭିଜିଲାନ୍ସ ଜାଲରେ ସମ୍ବଲପୁର ସିଏଡି ନିର୍ବାହୀ ଯନ୍ତ୍ରୀ



**ସମ୍ବଲପୁର, କଟକ, ବାଲେଶ୍ୱର ଓ ମାଲକାନଗିରି ସ୍ଥିତ ୭ ସ୍ଥାନରେ ଏକକାଳୀନ ଚଢ଼ାଉ ଠାବ ହେଲା ଅମାପ ଆୟବହିର୍ଭୂତ ସମ୍ପତ୍ତି**

**ସମ୍ବଲପୁର, ୨୩ା୬/ଏନ୍ଏନ୍ଏସ୍:** ସମ୍ବଲପୁର ସିଏଡି (କମାଣ୍ଡ ଏରିଆ ଡେଭଲପ୍‌ମେଣ୍ଟ) ଡିଭିଜନର ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି ଉପରେ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ବଡ଼ଧରଣର ଚଢ଼ାଉ କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି (୨୩ ଜୁନ୍ ୨୦୨୬) ଭିଜିଲାନ୍ସ ଟିମ୍ ଏକକାଳୀନ ନିର୍ବାହୀ ଯନ୍ତ୍ରୀଙ୍କ ସହ ଜଡିତ ୭ଟି ସ୍ଥାନରେ ଚଢ଼ାଉ କରି କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରିଛି। ଠାବ ହୋଇଥିବା ସମ୍ପତ୍ତିଗୁଡ଼ିକ ମଧ୍ୟରେ ୨ଟି ବହୁତଳ ବିଲ୍ଡିଂ, ୧୫ଟି ମୂଲ୍ୟବାନ୍ ପ୍ଲଟ୍ ଓ ୩ଟି କାର୍ (ଟୋୟୋଟା ଇନୋଭା, ଟାଟା ଇଣ୍ଡିଗୋ ଏବଂ ୱାଗନ୍‌ଆର୍), ଗୋଟିଏ ଜେସିବି ସହ ନଗଦ ୩.୪୫ ଲକ୍ଷ ଟଙ୍କା ରହିଥିବା ବେଳେ ଏସବୁକୁ ଭିଜିଲାନ୍ସ ଟିମ୍ ଜବତ କରିଛି। ଚଢ଼ାଉ ସମୟରେ ଠାବ ହୋଇଥିବା ୨ଟି ବିଲ୍ଡିଂ ମଧ୍ୟରୁ ଗୋଟିଏ କଟକର ବିଦ୍ୟାଧରପୁର ଠାରେ ପ୍ରାୟ ୭,୦୦୦ ବର୍ଗଫୁଟର ଏକ ୩ ମହଲା ବିଶିଷ୍ଟ ଆବାସିକ ବିଲ୍ଡିଂ ରହିଥିବା ବେଳେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମୁଖାଲିସ୍ ଠାରେ ପ୍ରାୟ ୧,୪୬୫ ବର୍ଗଫୁଟର ଏକ ୨ ମହଲା ବିଶିଷ୍ଟ ଘର ସାମିଲ ରହିଛି। ସେହିପରି ୧୫ଟି ମୂଲ୍ୟବାନ୍ ପ୍ଲଟ୍‌ଗୁଡ଼ିକ ନିର୍ବାହୀ ଯନ୍ତ୍ରୀ ଓ ତାଙ୍କ ପରିବାର ନାମରେ ଭୁବନେଶ୍ୱର, କଟକ, ଯାଜପୁରର କୋରେଇ, ବାଲେଶ୍ୱରର ବସ୍ତା ଏବଂ ପୁରୀର ଦେଲାଙ୍ଗ ଭଳି ପ୍ରମୁଖ ସ୍ଥାନମାନଙ୍କରେ ରହିଥିବା ଜଣାପଡିଛି। ଏତଦ୍‌ବ୍ୟତୀତ ନିର୍ବାହୀ ଯନ୍ତ୍ରୀ ରହୁଥିବା ଭଡାଘରୁ ନଗଦ ୩.୪୫ ଲକ୍ଷ ଟଙ୍କା ସମେତ ଆମେରିକା, ଶ୍ରୀଲଙ୍କା, ନେପାଳ ଏବଂ ବାହରିନ୍ ଭଳି ଦେଶଗୁଡ଼ିକର ବିଦେଶୀ ମୁଦ୍ରା ମଧ୍ୟ ମିଳିଛି।

ରିପୋର୍ଟ ଅନୁସାରେ ସମ୍ବଲପୁର ଭିଜିଲାନ୍ସ ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ୪ ଜଣ ଡିଏସ୍‌ପି, ୧୩ ଜଣ ଇନ୍‌ସପେକ୍ଟର ଏବଂ ୭ ଏଏସ୍‌ଆଇଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନଙ୍କ ସମ୍ପତ୍ତି ସହ ଜଡିତ ସ୍ଥାନଗୁଡ଼ିକ ଅର୍ଥାତ୍ ଓଡ଼ିଶାର ୪ଟି ଜିଲ୍ଲା (ସମ୍ବଲପୁର, କଟକ, ବାଲେଶ୍ୱର ଓ ମାଲକାନଗିରି) ର ସମୁଦାୟ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲେ। ଚଢ଼ଉ ସ୍ଥାନ ମଧ୍ୟରେ ପଦ୍ମଲୋଚନ ସମ୍ବଲପୁର ଧନୁପାଲି ଅଞ୍ଚଳରେ ରହୁଥିବା ଭଡ଼ା ଘର, ଧନୁପାଲିରେ ଥିବା ତାଙ୍କ ସରକାରୀ କାର୍ଯ୍ୟାଳୟ ପ୍ରକୋଷ୍ଠ, କଟକ ବିଦ୍ୟାଧରପୁରରେ ଥିବା ତାଙ୍କର ୩ ମହଲା କୋଠା, ବାଲେଶ୍ୱର ବସ୍ତାରେ ଥିବା ୨ ମହଲା ପୈତୃକ ଘର, କଟକ ସହରରେ ତାଙ୍କ ସହଯୋଗୀଙ୍କ ସହ ଜଡ଼ିତ ଦୁଇଟି ସ୍ଥାନ ଏବଂ ମାଲକାନଗିରିର କାଲିମେଳାଠାରେ ତାଙ୍କର ଜଣେ ସହଯୋଗୀଙ୍କ ବାସଭବନ ଆଦିକୁ ମଧ୍ୟ ସାମିଲ କରାଯାଇଥିଲା। ପଦ୍ମଲୋଚନ ନାୟକ ୧୧ ଜୁଲାଇ ୧୯୯୧ରେ ମାତ୍ର ୨,୬୦୦ ଟଙ୍କା ମାସିକ ଦରମାରେ ସମ୍ବଲପୁର ସିଏଡି (ଉଇଉ) ଡିଭିଜନରେ ଜଣେ ଜୁନିୟର ଏଗ୍ରିକଲ୍ଚର ଇଞ୍ଜିନିୟର ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ବିଭିନ୍ନ ପଦୋନ୍ନତି ପାଇ ସେ ଗତ ୧ ଡିସେମ୍ବର ୨୦୨୩ରେ ସମ୍ବଲପୁରର ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ

# ଧାର୍ଯ୍ୟ ସମୟ ପୂର୍ବରୁ କାମ ସାରିବାକୁ ଆଇନମନ୍ତ୍ରୀଙ୍କ ନିର୍ଦ୍ଦେଶ




**ଦୁଇଟି ପୋଷ୍ଟାଲ୍ ପିନ୍ ନମ୍ବର ମାଧ୍ୟମରେ ପୁରୀ ସହରବାସୀଙ୍କ ଦର୍ଶନ ସୁବିଧା ପାଇଁ ବ୍ୟବସ୍ଥା କରାଯାଉଛି: ଆଇନ୍ ମନ୍ତ୍ରୀ**

**ଶ୍ରୀକ୍ଷେତ୍ରକୁ ଗଡ଼ିବ ୩୭୦ ସ୍ୱତନ୍ତ୍ର ଟ୍ରେନ୍**

**କଡ଼ା ସୁରକ୍ଷା ବଳୟରେ ରହିବ ସହର, ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ଲାଗିବ ୪୭୩ ସିସିଟିଭି**

**ପୁରୀ, ୨୩ା୬/ଏନ୍ଏନ୍ଏସ୍:** ମହାପ୍ରଭୁଙ୍କ ରଥଯାତ୍ରା ଅନନ୍ୟ ଓ ବିଶ୍ୱ ପ୍ରସିଦ୍ଧ। ମହାପ୍ରଭୁ ନିଜେ ହିଁ ସବୁ କରିଥାନ୍ତି। ଆମେ ନିମିତ୍ତ ମାତ୍ର। ତାଙ୍କ ଆଶୀର୍ବାଦ, ଆମ ସମସ୍ତଙ୍କ ସହଯୋଗ ଓ ସମନ୍ୱୟରେ ଚଳିତ ରଥଯାତ୍ରା ଖୁବ୍ ଭଲରେ ହେବ ବୋଲି ପ୍ରାର୍ଥନା କରିଛନ୍ତି ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଚଳିତ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ ଆଜି ପୂର୍ବାହ୍ନରେ ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବା ସହ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରଥଯାତ୍ରା ଏକ ସାମୁହିକ କାର୍ଯ୍ୟ। ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ରଥଯାତ୍ରାର ସମସ୍ତ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପର୍ଣ୍ଣ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଜାନୁଆରୀ ମାସ ଠାରୁ ବୈଠକ କରାଯାଇଛି। କାର୍ଯ୍ୟର ଅଗ୍ରଗତି ସନ୍ତୋଷ ଜନକ। ଜୁଲାଇ ୫ ତାରିଖ ପର ଠାରୁ ପୁରୀ ସହରରେ କୌଣସି ରାସ୍ତା ଘାଟ ଖୋଳିବାର ଅନୁମତି ଦିଆଯିବ ନାହିଁ। ପୁରୀ ସହର ବାସୀଙ୍କ ଶ୍ରୀମନ୍ଦିର ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ୍) ଏକ ପୁରୀର ଦୁଇଟି ପୋଷ୍ଟାଲ ପିନ୍ ନମ୍ବରକୁ ସ୍କାନ କରି ପୁରୀ ଲୋକଙ୍କୁ ଚିହ୍ନଟ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ। ସେହିପରି ପୁରୀରେ ସ୍ଥାୟୀ ଫୁଡ ସେଫ୍ଟି ଟେଷ୍ଟିଂ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ସେବା ପାଇଁ ଅତିରିକ୍ତ ୨୦୦ ବେଡ୍‌ର ବ୍ୟବସ୍ଥା କରିବା, ଆସନ୍ତା ବର୍ଷ ରଥଯାତ୍ରା ପୂର୍ବରୁ ସ୍ଥାୟୀ ବର୍ଣ୍ଣ ୟୁନିଟ ପ୍ରତିଷ୍ଠା କରାଯିବ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ଚିକିତ୍ସା ବ୍ୟବସ୍ଥା କରାଯିବ ଯାହା ଫଳରେ ବାରମ୍ବାର ଆମ୍ବୁଲାନ୍ସ ଯିବା ଆସିବା ର ଆବଶ୍ୟକତା ରହିବ ନାହିଁ, ରଥଯାତ୍ରା ପୂର୍ବରୁ ଡାକ୍ତର ଓ ଫୁଡ ସେଫ୍ଟି ଅଫିସର ପୁରୀରେ କାର୍ଯ୍ୟ ଆରମ୍ଭ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଏଥର ରଥଯାତ୍ରାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ବ୍ୟାପକ ପୁଲିସ ମୁତୟନ ସହିତ ୪୭୩ ସିସିଟିଭି କ୍ୟାମେରା ଲାଗିବ। ଏପର୍ଯ୍ୟନ୍ତ ୨୦୦ କ୍ୟାମେରାର ପରୀକ୍ଷଣ ହୋଇସାରିଛି। ପୁରୀ ସହରର ବଡ଼ଦାଣ୍ଡ ବ୍ୟତୀତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉପରେ ସିସିଟିଭି ନଜର ରଖିବ। ଅନ୍ୟପଟରେ ଭାରତୀୟ ରେଳବାଇ ପକ୍ଷରୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କର ସୁବିଧା ପାଇଁ ରଥଯାତ୍ରାରେ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରିବେ। ବଡ଼ଦାଣ୍ଡର ଦୁଇ ପାର୍ଶ୍ୱରେ ଅସ୍ଥାୟୀ ଚିକିତ୍ସା ଶିବିର ପ୍ରତିଷ୍ଠା କରାଯିବ। ସମୁଦ୍ରକୂଳରୁ ପଞ୍ଚତୀର୍ଥ ପୁଷ୍କରିଣୀରେ ସ୍ୱତନ୍ତ୍ର ପୁଲିସ ଟିମ୍ ସହ ରେସ୍କ୍ୟୁ ଟିମ୍ ଉପସ୍ଥିତ ରହିବେ ବୋଲି ମଧ୍ୟ ବୈଠକ ପରେ ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, କ୍ରୀଡ଼ା ଓ ଯୁବ ସେବା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ନୀତି କାନ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ପରିଚାଳନା କମିଟି ସଦସ୍ୟ, ସେବାୟତ, ଅତିରିକ୍ତ ଡିଜି ଆଧୁନିକକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ସଚିବ ଡ ପବିତ୍ର ମୋହନ ସାମଲ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଏନଏଚଏମ ର ଏମଡି ଡି ବୃନ୍ଦା, କେନ୍ଦ୍ରାଞ୍ଚଳ ଆର୍‌ଡିସି ସୁଧାଂଶୁ ମୋହନ ସାମଲ, କେନ୍ଦ୍ରାଞ୍ଚଳ ଆରକ୍ଷୀ ମହା ନିର୍ଦ୍ଦେଶକ ସତ୍ୟଜିତ ନାୟକ, ଅଗ୍ନିଶମ ଆଇ ଜି ଉମା ଶଙ୍କର ଦାଶ,ଏସ ପି ପ୍ରତୀକ ସିଂ, ଡିଏଫଓ ମଗର ଧନିଜ ରାଓସୋ, ଆରସିସିଏଫ ପି ଅର୍ଥନାରୀ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ରେଲୱେ କମିଶନର କୌସ୍ତଭଦୀପ୍ତ ପାଣି, ଜଡିଆରଏମ ପି କେ ବେହେରା, ଦେବୋତ୍ତର କମିଶନର ସତ୍ୟ ସୁନ୍ଦର ଷଡ଼ଙ୍ଗୀ, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ରଥକାଠ ଯୋଗାଣ, ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କି ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରା ର ସିଧାସଳଖ ପ୍ରସାରଣ ବ୍ୟବସ୍ଥା, ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା, ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଏଲଇଡି ଟିଭି ବ୍ୟବସ୍ଥା ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ଶ୍ରୀମନ୍ଦିରକୁ ଗଲା ୩୮୦ କିଲୋଗ୍ରାମର ପବିତ୍ର 'ବାସୁଙ୍ଗା ପାଟ'

ରଥଯାତ୍ରା ଓ ଅନ୍ୟ ରୀତିନୀତି ପାଇଁ ଅହିଂସା ପଦ୍ଧତିରେ ପ୍ରସ୍ତୁତ ହେଲା ବିଶେଷ ରେଶମ ଡୋରି



**ଭୁବନେଶ୍ୱର,୨୩ା୬/ଏନ୍ଏନ୍ଏସ୍:** ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ୩୮୦ କିଲୋଗ୍ରାମ ପବିତ୍ର ବାସୁଙ୍ଗା ପାଟ ପଠାଯାଇଛି। ଭୁବନେଶ୍ୱର ଶହୀଦ ନଗରସ୍ଥିତ ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) କାର୍ଯ୍ୟାଳୟ ପରିସରରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକଙ୍କ ନିକଟକୁ ଏହି ବାସୁଙ୍ଗା ପାଟ ପ୍ରେରଣ କରାଯାଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା ପୂର୍ବକ ପତାକା ହଲାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଗଣମାଧ୍ୟମକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ ଯେ ବାସୁଙ୍ଗା ପାଟ ହେଉଛି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଗୁରୁତ୍ୱପୂର୍ଣ୍ଣ ରୀତିନୀତିରେ ବ୍ୟବହୃତ ଏକ ଅତ୍ୟନ୍ତ ପବିତ୍ର ଓ ବିଶେଷ ପ୍ରକାରର ରେଶମ ଡୋରୀ, ଯାହା ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ବ୍ୟବହୃତ ହୋଇଥାଏ। ଶ୍ରୀମନ୍ଦିରରେ ବିଗ୍ରହମାନଙ୍କର ବିଜୟ ଡୋରୀ, ପଇତା ଏବଂ ରାକ୍ଷୀ ଆଦି ତିଆରି କରିବାରେ ଏହାର ବ୍ୟବହାର କରାଯାଏ। ଏହା ଶ୍ରୀ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଏକ ପାରମ୍ପରିକ ରେଶମୀ ପଟ୍ଟବସ୍ତ୍ର, ଯାହା ଓଡ଼ିଶାର ରେଶମ ଓ ହସ୍ତତନ୍ତ ଐତିହ୍ୟ, ଆଧ୍ୟାତ୍ମିକ ଶିଷ୍ଟାଚାର, ପାରମ୍ପରିକ କାରୁକୃତି ଓ ଦେଶଜ ପ୍ରଯୁକ୍ତି ଜ୍ଞାନର ଏକ ଦୁର୍ଲଭ ସମନ୍ୱୟକୁ ପ୍ରତିନିଧିତ୍ୱ କରେ। ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ୧୯୮୧ ମସିହାରୁ ନିରବଚ୍ଛିନ୍ନ ଭାବେ ଏହି ବାସୁଙ୍ଗା ପାଟ ଯୋଗାଇ ଆସୁଛି। ଏହି ବାସୁଙ୍ଗା ପାଟ ପ୍ରାକୃତିକ ମଲବେରୀ ରେଶମ କୋଷାରୁ ପ୍ରସ୍ତୁତ କରାଯାଇଥାଏ। ଏହା ମୁଖ୍ୟତଃ ଗଜପତି ଜିଲ୍ଲାର ମୋହନା ଏବଂ ଆର. ଉଦୟଗିରୀ ବ୍ଲକର ଜନଜାତି ରେଶମ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ହୋଇଥାଏ। କୋରାପୁଟ ଜିଲ୍ଲାରୁ ସଂଗୃହୀତ କଇଥ ଫଳର ଅଠା ଲଗାଯାଇ ଏହାକୁ ପାରମ୍ପରିକ ଶୈଳୀରେ ରଙ୍ଗାୟିତ କରାଯାଇଥାଏ। ଏହି କୋଷାଗୁଡ଼ିକୁ ସେରିଫେଡ୍ ଦ୍ୱାରା ସଂଗ୍ରହ କରାଯାଇ କଟକ ଜିଲ୍ଲାର ନୂଆପାଟଣା ସ୍ଥିତ ସିଲ୍କ ପ୍ରୋଡକ୍ସନ ଆଣ୍ଡ ଟେକ୍ନିକାଲ ଅପଗ୍ରେଡେସନ ସେଣ୍ଟର (ରେଶମ ଉତ୍ପାଦନ ଏବଂ ବୈଷୟିକ ପ୍ରଗତି କେନ୍ଦ୍ର)ଠାରେ ପ୍ରକ୍ରିୟାକରଣ କରାଯାଏ। ଚଳିତ ବର୍ଷ ଏହି ବାସୁଙ୍ଗା ତିଆରି ନିମନ୍ତେ 'କରୁଣା ସିଲ୍କ' ଭଳି ଅଭିନବ ପଦ୍ଧତିର ବ୍ୟବସ୍ଥା କରାଯାଇଛି। କରୁଣା ସିଲ୍କ ହେଉଛି ପାରମ୍ପରିକ ରେଶମର ଏକ ଅହିଂସାମୂଳକ ଓ ସୁସ୍ଥାୟୀ ବିକଳ୍ପ, ଯାହା ରେଶମ କୀଟମାନଙ୍କୁ କୌଣସି କ୍ଷତି ନକରି ପ୍ରସ୍ତୁତ କରାଯାଏ। ଏହି ପ୍ରକ୍ରିୟାରେ ସମସ୍ତ ରେଶମ କୀଟମାନଙ୍କୁ ସମ୍ପୂର୍ଣ୍ଣ ପ୍ରଜାପତି ହେବା ପର୍ଯ୍ୟନ୍ତ ବଞ୍ଚିବାକୁ ଦିଆଯାଏ ଏବଂ ସେମାନେ ନିଜ ସ୍ୱାଭାବିକ ଜୀବନଚକ୍ର ସମ୍ପୂର୍ଣ୍ଣ କରି ପ୍ରାକୃତିକ ଭାବେ ରେଶମ କୋଷରୁ ବାହାରିଆସନ୍ତି। ପୁରାତନ ସ୍ପିନିଂ (ସୂତା କାଟିବା) ପ୍ରକ୍ରିୟା ମାଧ୍ୟମରେ ପୁପାକୁ ହତ୍ୟା କରି ସୂତା ରିଲିଂ (ଗୁଡ଼େଇବା) କରିବା ପାରମ୍ପରିକ ପ୍ରଣାଳୀକୁ ଏଥିରେ ସମ୍ପୂର୍ଣ୍ଣ ଭାବେ ଏଡ଼ାଇ ଦିଆଯାଇଛି। ସେରିଫେଡ୍ 'କରୁଣା ସିଲ୍କ'କୁ ଓଡ଼ିଶାର ଏକ ପ୍ରିମିୟମ୍ ନୀତିସମ୍ମତ ରେଶମ ବ୍ରାଣ୍ଡ ଭାବେ ପ୍ରତିଷ୍ଠା କରିଛି। ସେହିପରି 'ରେଶମ ଓଡ଼ିଶା' ହେଉଛି ସେରିଫେଡ୍ ଦ୍ୱାରା ପ୍ରଚାରିତ ଓ ପରିଚାଳିତ ଏକ ରେଶମ ଓ ହାଣ୍ଡଲୁମ୍ (ହସ୍ତତନ୍ତ) ବ୍ରାଣ୍ଡ, ଯାହା ଅସଲି ରେଶମ, ନୀତିସମ୍ମତ ଉତ୍ପାଦନ, ହସ୍ତନିର୍ମିତ ଉତ୍କୃଷ୍ଟତା, ସରକାରୀ ନିଶ୍ଚିତ ଗୁଣମାନ ଓ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଅଟେ। ଏହି ବାସୁଙ୍ଗା ପାଟକୁ କେବଳ ଶ୍ରୀମନ୍ଦିରର ଧାର୍ମିକ କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଯାଉଥିବା ବେଳେ ଏହାର କୌଣସି ବାଣିଜ୍ୟିକ ବ୍ୟବହାର କରାଯାଇନଥାଏ। ଓଡ଼ିଶା ପର୍ଯ୍ୟଟନ ବିକାଶ ଅଧୀନରେ ପୁରୀ-କୋଣାର୍କ ଓ ହୀରାକୁଦକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ କରିବା ନେଇ ମଧ୍ୟ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ସୋମେଶ ଉପଧ୍ୟାୟ, ହସ୍ତଶିଳ୍ପ ନିର୍ଦ୍ଦେଶିକା ଡକ୍ଟର ନିବେଦିତା ପୃଷ୍ଟି, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ହୋତା, ସେରିଫେଡ୍ ପରିଚାଳନା ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ଅତିରିକ୍ତ ନିର୍ଦ୍ଦେଶକ (ରେଶମ) ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ସେରିଫେଡ୍ ସଭାପତି ଭାଗୀରଥି ନନ୍ଦ, ସମ୍ପାଦିକା ସଂଗୀତା ମିଞ୍ଜ, ସ୍ୱତନ୍ତ୍ର ଅଧିକାରୀ ଇନ୍ଦିରା ବେହେରା ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକ ଅରବିନ୍ଦଙ୍କ ବିରୋଧରେ ବିଜେଡିର ବିଶ୍ୱାସଘାତକତା ଅଭିଯୋଗ

**କେନ୍ଦ୍ରାପଡ଼ା,୨୩ା୬/ଏନ୍ଏନ୍ଏସ୍:** ଦୀର୍ଘ ଦିନ ଧରି କ୍ଷମତାରୁ ବାହାରେ ରହିବା ପରେ ବିଜୁ ଜନତା ଦଳ (ବିଜେଡି) ଏବଂ ନବୀନ ପଟ୍ଟ ନାୟକଙ୍କ ଆଶୀର୍ବାଦରୁ ବିଧାୟକ ହୋଇଥିବା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ପାଟକୁରା ରାଜନୀତିରେ ନୂଆ ହୋଇଥିଲେ ମଧ୍ୟ ପିତାଙ୍କ ଠାରୁ ରାଜନୈତିକ ଷଡ଼ଯନ୍ତ୍ର ଏବଂ ଶଠତା ଶିକ୍ଷା କରିବାକୁ ଆଦୌ ଭୁଲିନାହାନ୍ତି। ଓଡ଼ିଶା ରାଜନୀତିରେ ହୋଇଥିବା କ୍ଷମତା ପରିବର୍ତ୍ତନ ସହିତ ସେ ନିଜକୁ ଖାପ ଖୁଆଇବା ପାଇଁ ଭିତରିଆ ସରକାରୀ ଦଳ ଆଡ଼କୁ ଢଳିବାର ପୂର୍ବାଭାସ ପାଇବା ପରେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ନିଲମ୍ବିତ କରିଥିଲେ। ତାଙ୍କୁ ଯେତେବେଳେ ନିଲମ୍ବନ କରାଗଲା ସେତେବେଳେ ସେ ନିଜକୁ ଅତ୍ୟନ୍ତ ସଚ୍ଚୋଟ ଓ ସାଧୁ ବୋଲି ପ୍ରମାଣିତ କରିବା ପାଇଁ ବିଭିନ୍ନ କୌଶଳ ଆପଣାଇଥିଲେ। କିନ୍ତୁ ତାଙ୍କ ପିତା ବିଜୟ ମହାପାତ୍ର ଓ ଦିଲ୍ଲୀପ ରାୟଙ୍କ ମଧ୍ୟରେ ଯେଉଁ ମଧୁଚନ୍ଦ୍ରିକା ରହିଥିଲା, ତାହା ଦିଲ୍ଲୀପ ରାୟ ବିଜୟୀ ହେବା ପରେ ପର୍ଦ୍ଦାଫାସ ହୋଇଗଲା, ଯାହା ରାଜନୀତିରେ ଏକ ସାଙ୍ଘାତିକ ଓ ଛୁରିକାଘାତ ସଙ୍ଗେ ସମାନ। ରାଜ୍ୟସଭାରେ ବିଜେଡି ପ୍ରାର୍ଥୀ କେମିତି ପରାଜିତ ହେବେ ଏବଂ ବିଜେପି ସମର୍ଥିତ ପ୍ରାର୍ଥୀ କିପରି ବିଜୟ ଲାଭ କରିବେ ତାହାର ନୀଳନକ୍ସା ତିନିମାସ ପୂର୍ବରୁ ବିଜୟ ମହାପାତ୍ର ପ୍ରସ୍ତୁତ କରିଥିଲେ ବୋଲି ନିଜେ ଗଣମାଧ୍ୟମରେ ସ୍ୱୀକାର କରିଥିଲେ। ବିଜୟଙ୍କ ଏହି ଉକ୍ତି ସେତେବେଳେ ଓଡ଼ିଶାବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ଫଳରେ ପାଟକୁରାବାସୀଙ୍କ ସମେତ ଓଡ଼ିଶାର ସାଢ଼େ ୪ କୋଟି ଜନତାଙ୍କ ସମ୍ମୁଖରେ ଅରବିନ୍ଦ ମହାପାତ୍ରଙ୍କ ମୁଖା ଖୋଲି ଯାଇଛି। ଭାରତୀୟ ଜନତା ଦଳ (ବିଜେପି) ଏବେ କ୍ଷମତାରେ ଥିବାରୁ କେବଳ ସରକାରୀ ସୁବିଧା ସୁଯୋଗ ପାଇବା ଆଶାରେ ସେ ବିଜେପି ଖୋଳପାରେ ରହି ରାଜ୍ୟବାସୀଙ୍କ ପ୍ରିୟ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ନୁହେଁ, ବରଂ ସାରା ପାଟକୁରାବାସୀଙ୍କୁ ଛୁରିକାଘାତ କରିଛନ୍ତି। ପାଟକୁରା ନିର୍ବାଚନମଣ୍ଡଳୀରେ ବିଜେଡି କେମିତି ଚାଲୁଛି ଓ ଏହାକୁ କିଏ ଚଲାଉଛି ସେ ବିଷୟରେ ମତ ରଖିବା ପୂର୍ବରୁ ସେ ଆତ୍ମସମୀକ୍ଷା କରିବା ଉଚିତ ଥିଲା। ପାଟକୁରାବାସୀଙ୍କ ପ୍ରତି କରିଥିବା ବିଶ୍ୱାସଘାତକତା ପାଇଁ ପ୍ରାୟଶ୍ଚିତ କରିବା ତାଙ୍କ ପକ୍ଷରେ ଶ୍ରେୟସ୍କର ହେବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଦ୍ର ଏକ ପ୍ରେସ ବିବୃତ୍ତିରେ ପ୍ରକାଶ କରିଛନ୍ତି। ଯଦି ତାଙ୍କର ଏତେ ଲୋକପ୍ରିୟତା ଅଛି, ତାହାହେଲେ ସେ ବିଧାୟକ ପଦରୁ ଇସ୍ତଫା ଦେଇ ଆଉ ଥରେ ବିଧାନସଭାକୁ ନିର୍ବାଚିତ ହୋଇ ନିଜର ଲୋକପ୍ରିୟତାର ପ୍ରମାଣ ଦିଅନ୍ତୁ ବୋଲି କେନ୍ଦ୍ରାପଡ଼ା ବିଜୁ ଜନତା ଦଳ ତରଫରୁ ଜିଲ୍ଲା ସଭାପତି ଶିବ ପ୍ରସାଦ ଭଦ୍ର ଏବଂ ଜିଲ୍ଲା ଯୁବ ସଭାପତି ରାଜେଶ ଦାସ ଏକ ମିଳିତ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଖାଉଟି କାର୍ଡ ବଣ୍ଟନ

# ହିତାଧିକାରୀଙ୍କୁ ମିଳିବ ଅତିରିକ୍ତ ୫ କିଲୋ ଚାଉଳ

**ବ୍ରହ୍ମପୁର,୨୩।୬/ଏନ୍ଏନ୍ଏସ୍:** ଆଜିଠାରୁ ବ୍ରହ୍ମପୁର ମହାନଗର ନିଗମରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ନୂତନ ଖାଉଟି କାର୍ଡ ବିତରଣର ଶୁଭାରମ୍ଭ କରାଯାଇଛି । ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବା ତଥା ଯୋଗ୍ୟ ହିତାଧିକାରୀମାନଙ୍କୁ ଅତିରିକ୍ତ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ନିକଟରେ ଏହି ଯୋଜନାର ଶୁଭାରମ୍ଭ ହୋଇଛି । ନିଗମର ୱାର୍ଡ ନଂ.୧୯ ଅନ୍ତର୍ଗତ ବୈଦ୍ୟନାଥପୁର ବଜାର ସ୍ଥିତ ଅଭିମନ୍ୟୁ ନାୟକଙ୍କ ଦ୍ୱାରା ପରିଚାଳିତ ସୁଲଭ ଖାଉଟି କେନ୍ଦ୍ରରେ ବ୍ରହ୍ମପୁର ବିଧାୟକ କେ. ଅନିଲ୍ କୁମାର ନୂତନ ଖାଉଟି କାର୍ଡ ବିତରଣର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ନିଗମ ମେୟର ସଙ୍ଘମିତ୍ରା ଦଳାଇ, କମିଶନର ଏ.ସସ୍ୟା ରେଡ୍ଡି, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା ଏବଂ ୱାର୍ଡ ନଂ. ୧୯ର କର୍ପୋରେଟର କାଦମ୍ବରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଯୋଜନା ଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀ ପରିବାରର ସଦସ୍ୟ ସେମାନଙ୍କର ପ୍ରାପ୍ୟ ସହିତ ଅତିରିକ୍ତ ୫ କି.ଗ୍ରା ଚାଉଳ ପାଇବେ ଏବଂ ଏହାଦ୍ୱାରା ସାରା ରାଜ୍ୟର ଯୋଗ୍ୟ ହିତାଧିକାରୀ ପରିବାର ନିମନ୍ତେ ଖାଦ୍ୟ ସୁରକ୍ଷା ଆହୁରି ବଳିଷ୍ଠ ହୋଇପାରିବ ବୋଲି ଉପସ୍ଥିତ ପଦାଧିକାରୀ ବକ୍ତବ୍ୟ ରଖିଥିଲେ । ସଂପ୍ରତି ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ୭୭ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୪୬,୯୮୦ ଖାଉଟି କାର୍ଡଧାରୀ ଉପକୃତ ହେଉଛନ୍ତି । କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ଯୋଗାଣ ଅଧିକାରୀ ଶୁଭରାଜ ସାମନ୍ତରା, ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ ମଲ୍ଲିକ, ମାର୍କେଟିଂ ଇନ୍ସପେକ୍ଟର ପୁଷ୍ପାଞ୍ଜଳି ମେହେର, ମହାନଗର ନିଗମର ଅଧିକାରୀ, ଡିଲର ପ୍ରମୁଖ ଉପସ୍ଥିତ ଥିଲେ ।



# ତୁମ୍ବେଶ୍ୱରଙ୍କ ପୀଠରେ ନାଟକ ମଞ୍ଚସ୍ଥ



**ପୁରୁଷୋତ୍ତମପୁର,୨୩।୬/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପ୍ରତାପୁର ପଞ୍ଚାୟତରେ ପ୍ରଭୁ ତୁମ୍ବେଶ୍ୱରଙ୍କ ପୀଠରେ ଶୀତଳ ଷଷ୍ଠି ଯାତ୍ରା ଅବସରରେ ଜନସାଧାରଣଙ୍କ ମନୋରଞ୍ଜନ ଲାଗି ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଛି । ଗ୍ରାମର କଳାକାର ଓ ଯୁବଗୋଷ୍ଠୀଙ୍କୁ ନେଇ ଅଞ୍ଚଳର ନାଟ୍ୟ ନିର୍ଦ୍ଦେଶକ ତେଲୁ ମହାପାତ୍ରଙ୍କ ନିର୍ଦ୍ଦେଶନାରେ 'ମଝି ନଈରେ ମୋ ଜୀବନ ଡ଼ଙ୍ଗା' ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ତହସିଲଦାର ତଥା ତୁମ୍ବେଶ୍ୱର ମନ୍ଦିର ଟ୍ରଷ୍ଟି ବିନୋଦ ବେହେରା ଯୋଗଦେଇ ନାଟକକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଆମ୍ରି ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା, ପ୍ରତାପୁର ସରପଞ୍ଚ ଦାସ ବେହେରା, ସମିତି ସଭ୍ୟା, ବିଧାୟକ ଙ୍କ ବ୍ଲକ ପ୍ରତିନିଧି କୋରାନାଥ ସ୍ୱାଇଁ, ପ୍ରତାପୁର ଗ୍ରାମବାସୀ ତଥା ଦକ୍ଷିଣ କାଳୀ ମନ୍ଦିର ଟ୍ରଷ୍ଟି ସୁଦର୍ଶନ ନାୟକ, ପାଣି ପଞ୍ଚାୟତ ସଭାପତି ଗୁରୁମୂର୍ତ୍ତି ରେଡ୍ଡୀ, ଗୟା ସାହୁ, ସୁନାଥର ସରପଞ୍ଚ ଅନିଲ କୁମାର ନାହାକ, ହାଣ୍ଡିଘର ସରପଞ୍ଚ ପ୍ରତିନିଧି ବସନ୍ତ ମହାପାତ୍ର, ପ୍ରଭାକର ରାଉଳ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଜଗତ ବନ୍ଧୁ ପଣ୍ଡା, ସମାଜସେବୀ ଏନ୍. ରାମ ଚନ୍ଦ୍ର ରେଡ୍ଡୀ, ପୂର୍ବତନ ପ୍ରତାପୁର ସମିତି ସଭ୍ୟ, ସେବାୟତ ତଥା ବରିଷ୍ଠ ନାଗରିକ ଦିବାକର ରାଉଳ, ନାଟ୍ୟ ନିର୍ଦ୍ଦେଶକ ତେଲୁ ମହାପାତ୍ର, ମନ୍ଦିର ପୁରୋହିତ ପ୍ରଶାନ୍ତ କୁମାର ଦାଶ, ସୋସାଇଟି ସମ୍ପାଦକ ପ୍ରଭାକର ରାଉଳ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରତାପୁର ଏକ କଳା ଓ ସଂସ୍କୃତିର ଗ୍ରାମ ହୋଇଥିବା ସ୍ଥାନୀୟ କଳାକାରଙ୍କୁ ନେଇ ଆୟୋଜିତ ଏଭଳି ନାଟକକୁ ଉଚ୍ଚ ପ୍ରଶଂସା କରିଥିଲେ । ନାଟକର ବିଭିନ୍ନ ଭୂମିକାରେ ସ୍ଥାନୀୟ କଳାକାରମାନେ ଅତି ନିଖୁଣ ଅଭିନୟ କରି ଦର୍ଶକଙ୍କ ମନୋ ଜଣିଥିଲେ ।

# ମହାରଣା ପରିବାର ପକ୍ଷରୁ ଶତାଧିକ ଚାରାରୋପଣ



**ବ୍ରହ୍ମପୁର,୨୩।୬/ଏନ୍ଏନ୍ଏସ୍:** ବ୍ରହ୍ମପୁର ଉପକଣ୍ଠ ବଡ ଗୁମ୍ଫୁଲା ରୋଡଠାରେ ମହାରଣା ପରିବାର ତରଫରୁ ଆଜି ବିଭିନ୍ନ କିସମର ୨୦୦ ଚାରା ରୋପଣ କରାଯାଇଥିଲା । ପରିବେଶ ଓ ପ୍ରକୃତିର ସୁରକ୍ଷା ପାଇଁ ସୁବାସ ମହାରଣାଙ୍କ ତତ୍ତ୍ୱାବଧାନରେ ତାଙ୍କ ବଡ ଭାଇ ଗୋପୀନାଥ ମହାରଣାଙ୍କ ନେତୃତ୍ୱରେ ମହାରଣା ପରିବାରର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଚାରାରୋପଣ କରାଯାଇଥିଲା । ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ବ୍ରହ୍ମପୁର ୪୦ ନମ୍ବର ୱାର୍ଡ କର୍ପୋରେଟର ଭାଗୀରଥି ମହାରଣା, ଉପେନ୍ଦ୍ର ମହାରଣା, ଗୋବିନ୍ଦ ଚନ୍ଦ୍ର ମହାରଣା, ସରୋଜିନୀ ମହାରଣା, ମିନତୀ ମହାରଣା, ମମତା ମହାରଣା, ସୁବାଶିନୀ ମହାରଣା, ଜୋସ୍ନା ମହାରଣା, ତପସ୍ୱିନୀ ମହାରଣା, ଅଂଶୁମାନ ମହାରଣା, ସାଧୀନ ମହାରଣା, ରେଶ୍ମା ମହାରଣା, ରାକେଶ ମହାରଣା, ଛାୟାଲ ଲକ୍ଷ୍ମୀ ମହାରଣା, ଶୁଭଶ୍ରୀ ମହାରଣା, ଅନ୍ଧ୍ୟାଶ୍ରୀ ମହାରଣା, ସାରସ୍ୱତ ମହାରଣାଙ୍କ ସମେତ ମହାରଣା ପରିବାରର ଅନ୍ୟ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରାଯାଇଥିଲା ।

## ହିତାଧିକାରୀଙ୍କୁ ଭତ୍ତା, ବର୍ଦ୍ଧିତ ଗୃହ ଟିକସ ପ୍ରତ୍ୟାହାର ଦାବି

# ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ମାନବ ଅଧିକାର ସୁରକ୍ଷା ମଞ୍ଚର ବିକ୍ଷୋଭ



**ବ୍ରହ୍ମପୁର,୨୩।୬/ଏନ୍ଏନ୍ଏସ୍:** ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆବେଦନ କରିଥିବା ହିତାଧିକାରୀଙ୍କୁ ଭତ୍ତା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ଅଭିଯୋଗ କରିଛି । ସଂଗଠନ ପକ୍ଷରୁ ଆଜି ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ କରାଯିବା ସହ କମିଶନର ଓ ମେୟରଙ୍କୁ ପୃଥକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ସହରରେ ପ୍ରାୟ ୫୦୦୦ରୁ ଅଧିକ ହିତାଧିକାରୀଙ୍କ ମଧ୍ୟରେ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ, ବିଧବା, ଏଡ଼ସ ପୀଡ଼ିତ ବ୍ୟକ୍ତି, କୁଷ୍ଠ ରୋଗୀ, ଅସହାୟ ଅବିବାହିତ ମହିଳା ଏବଂ ତୃତୀୟ ଲିଙ୍ଗୀ ବର୍ଗର ବ୍ୟକ୍ତି ବିଶେଷ ବର୍ତ୍ତମାନ ଭତ୍ତା ଅପେକ୍ଷାରେ ରହିଛନ୍ତି । ୨୦୨୪ ମସିହାରୁ ଅର୍ଥାତ ଗତ ଦୁଇ ବର୍ଷରୁ ରାଜ୍ୟ ସରକାର ବ୍ରହ୍ମପୁର ସହରର ହିତାଧିକାରୀଙ୍କୁ ଭତ୍ତା ନ ଦେବା ଏକ ଅପାରଗତା ନା ହେୟଜ୍ଞାନ ବୋଲି ମଞ୍ଚ ଆବାହକ ଆଇନଜୀବି ଅବନୀ ଗୟା ପ୍ରଶ୍ନ କରିଛନ୍ତି । ପ୍ରକାଶ ଯେ, ଗତ କୋଭିଡ ମହାମାରୀ ସମୟରେ ମହାନଗର ନିଗମ କାଉନ୍‌ସିଲ ନ ଥିଲା, ତାହାର ସୁଯୋଗ ନେଇ ଏକ କାଳୀନ ବ୍ରହ୍ମପୁର, ଭୁବନେଶ୍ୱର ଓ କଟକ ତିନୋଟି ମହାନଗର ନିଗମରେ ଘର ଟିକସ ବୃଦ୍ଧି କରାଗଲା । ଏଭଳି ବେନିୟମ ଭାବେ ଲାଗୁ କରାଯାଇଥିବା ବର୍ଦ୍ଧିତ ଟିକସକୁ ଉକ୍ତ ତିନିଗୋଟି ସହରରେ ଜନଗଣ ବିରୋଧ କରିବାରୁ କଟକ ଓ ଭୁବନେଶ୍ୱରରେ ବର୍ଦ୍ଧିତ ଟିକସ ରାଜ୍ୟ ସରକାର ପ୍ରତ୍ୟାହାର କଲେ । କିନ୍ତୁ ବ୍ରହ୍ମପୁରରେ ସେହି ବର୍ଦ୍ଧିତ ଟିକସକୁ ବଳବତ୍ତର ଲଦି ଦେଇ ସଂଗ୍ରହ ଆରମ୍ଭ କରିଛନ୍ତି । ତୁରନ୍ତ ଏଭଳି ପାତରଅନ୍ତର ନୀତି ପ୍ରତ୍ୟାହାର କରିବାକୁ ମଞ୍ଚ ପକ୍ଷରୁ ଦାବି ହୋଇଥିଲା । ଏଥିସହ ବ୍ରହ୍ମପୁର ସହରର ପ୍ରତ୍ୟେକ ୱାର୍ଡରେ ପାଠାଗାର ସ୍ଥାପନ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଗବେଷଣାମୂଳକ ପାଠାଗାରକୁ ଶୀଘ୍ର କାର୍ଯ୍ୟକ୍ଷମ, ସହରରେ ଦୁର୍ଘଟଣାଗ୍ରସ୍ତ, ଆହତ କିମ୍ବା ମୃତ ପଶୁମାନଙ୍କ ଉଦ୍ଧାର ଓ ପରିବହନ ପାଇଁ ପୃଥକ ସ୍ୱତନ୍ତ୍ର ଗାଡ଼ି ଚଳାଚଳ ବ୍ୟବସ୍ଥା କରିବା, ମୃତ ପଶୁମାନଙ୍କ ଶରୀରକୁ ସୁରକ୍ଷିତ ଓ ସ୍ୱଚ୍ଛ ପଦ୍ଧତିରେ ଦାହ ପାଇଁ ବୈଦ୍ୟୁତିକ ଦହନ ଯନ୍ତ୍ର ସ୍ଥାପନ, ବ୍ରହ୍ମପୁର ସହରରେ ପଲିଥିନ ଓ ଗୋଟିଏ ଥର ବ୍ୟବହୃତ ପ୍ଲାଷ୍ଟିକ ଉପରେ ନିଷେଧାଜ୍ଞା ନିୟମ କଡ଼ାକଡ଼ି ଲାଗୁ କରିବା, ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପରିସରକୁ ନିୟମିତ ଭାବେ ସଫା କରିବା ଆଦି ଦାବିରେ କମିଶନର ଏ .ସସ୍ୟା ରେଡ୍ଡୀ ଓ ମେୟର ସଂଘମିତ୍ରା ଦଳାଇଙ୍କ ସହ ପୃଥକ ଭାବେ ଆଲୋଚନା କରି ଦାବି ପତ୍ର ପ୍ରଦାନ କରାଯାଇଥିଲା । ବିକ୍ଷୋଭରେ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ମନୋଜ କୁମାର ତରାଇ, ଅଶୋକ କୁମାର ଦଳାଇ, ମହେଶ୍ୱର ବାଡତ୍ୟା, କାହ୍ନୁ ଚରଣ ପାତ୍ର, ରମେଶ ପ୍ରସାଦ ଦାସ, ଏସ୍. ସାମ୍ବଶିବା ରାଓ, ପ୍ରଶାନ୍ତ କୁମାର ପଣ୍ଡା, ବୀରେନ କୁମାର ବେହେରା, ସାଲ୍ଲା କେଶବ ଲିଙ୍ଗମ୍ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ବିଧାୟକଙ୍କ ଦ୍ୱାରା ଅନ୍ନପୂର୍ଣ୍ଣା ଆହାର ଯୋଜନା କାର୍ଡ଼, ଭତ୍ତା ବଣ୍ଟନ



**କୁକୁଡାଖଣ୍ଡି,୨୩।୬/ଏନ୍ଏନ୍ଏସ୍:** ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅଧୀନ କୁକୁଡାଖଣ୍ଡି ବ୍ଲକରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ରଙ୍କ ଦ୍ୱାରା ଆଜି ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଖାଉଟି କାର୍ଡ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଏଥି ସହିତ ମଧୁବାବୁ ପେନସନ, ଆବାସ ଯୋଜନା ହିତାଧିକାରୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ ପତ୍ର ସହ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରାଯାଇଥିଲା । ରାଜ୍ୟ ସରକାରଙ୍କ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ଏନଏଫଏସଏ ଓ ଏସଏଫଏସଏସ ହିତାଧିକାରୀଙ୍କୁ ପ୍ରତି ମାସରେ ମିଳୁଥିବା ୫ କିଲୋ ଚାଉଳ ସହ ଅତିରିକ୍ତ ୫ କିଲୋ ଚାଉଳ ଯୋଗାଇଦେବା ପାଇଁ ଘୋଷଣା କରିଥିଲେ । ଏହାଦ୍ୱାରା ହିତାଧିକାରୀମାନେ ବର୍ତ୍ତମାନ ୧୦ କିଲୋ ଚାଉଳ ପାଇପାରିବେ । ଗରିବ ଜନସାଧାରଣଙ୍କୁ ରାସନ କାର୍ଡ ସହ ମଧୁବାବୁ ପେନସନ ଯୋଜନାର ହିତାଧିକାରୀମାନଙ୍କୁ ୨ ମାସରୁ ଉର୍ଦ୍ଧ୍ୱ ଆବେଦନକାରୀଙ୍କ ପେନସନ ଟଙ୍କା ଓ ପେନସନ କାର୍ଡ ବଣ୍ଟନ କରାଯାଇଛି । ବଉଳଖୋଲି ସରପଞ୍ଚ ଚିତ୍ତରଞ୍ଜନ ବିଷୋୟୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଇଓ ଅକ୍ଷୟ ବେହେରା, ରୋହିଗାଁ ପଞ୍ଚାୟତ ସରପଞ୍ଚ ବୈଶିଷ୍ଟ ଜେନା, ପିଇଓ ଦିଲ୍ଲୀପ ଓଡ଼ିଆ, ବାଲିପଡ଼ା ସରପଞ୍ଚ ଝିଲି ସେଠି, ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର ସେଠି ଉପସ୍ଥିତ ଥିଲେ । ସେହିଭଳି ଡ଼େଙ୍ଗାପଦର ପଞ୍ଚାୟତରେ ସରପଞ୍ଚ ଲକ୍ଷ୍ମୀ ମାହାଙ୍କୁଡ ତତ୍ତ୍ୱାବଧାନରେ ଅନ୍ନପୂର୍ଣ୍ଣା ଆହାର ଯୋଜନାରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା । ବିଧାୟକ ଶ୍ରୀ ମହାପାତ୍ର ଲୋକଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମରେ କୁକୁଡାଖଣ୍ଡି ପ୍ରତିନିଧି ସନ୍ତୋଷ ଚୌଧୁରୀ, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ବିଡ଼ିଓ ପଲ୍ଲବୀ ସ୍ୱାଇଁ, ଏବିଡ଼ିଓ ସୁପ୍ରଭା ସାହୁ, ବିଏସଏସଓ ମନୋଜ ପ୍ରଧାନ, ସିଡ଼ିପିଓ କୁସୁମ ସାହୁ, ସମାଜସେବୀ ଉଦୟ ବେହେରା, କୈଳାଶ ବିଷୋୟୀ, ବାଲିପଡ଼ା ମଣ୍ଡଳ ସଭାପତି ଲଳିତ ମୋହନ ବିଷୋୟୀ, ବାଇଗଣବାଡ଼ି ସେବା ସମବାୟ ସଭାପତି ରଜତ ପାତ୍ର, ଗୋଷ୍ଠୀ ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ, ଗ୍ରାମ ପଞ୍ଚାୟତ ଅଧିକାରୀ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୦୨ କେଜି ଗଞ୍ଜେଇ ଜବତ, ୩ ଗିରଫ

**ବ୍ରହ୍ମପୁର,୨୩।୬/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲା ଭଞ୍ଜନଗର ପୁଲିସ ସୋମବାର ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି । ଏଥିସହ ସେମାନଙ୍କ ଠାରୁ ୧୦୨ କେଜି ଗଞ୍ଜେଇ, ୨୨ ଶହ ଟଙ୍କା ଓ ଗୋଟିଏ ଟୟୋଟୋ ଇନୋଭା କ୍ରିଷ୍ଟା ଗାଡି ଜବତ କରାଯାଇଛି । ଗିରଫ ୩ ଜଣ ହେଲେ ପିତବାସ ମହାନ୍ତି, ଲକ୍ଷ୍ମଣ ଦାସ ଓ ଧ୍ରୁବ ଦଳ ମଲ୍ଲିକ । ଏନେଇ ଭଞ୍ଜନଗର ଥାନାରେ ୬୧୪/୨୬ ରେ ଏକ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ଏଏସପି ରଞ୍ଜନ କୁମାର ଦେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଖବରଦାତା ସମ୍ମିଳନୀରେ ଆଇଆଇସି ଜୀବନାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଘଟଣାରୁ ପ୍ରକାଶ ଯେ, ଭଞ୍ଜନଗର ଥାନା ଏସଆଇ ଲକ୍ଷ୍ମୀଧର ମହାନ୍ତି ସୋମବାର ଦୁର୍ଗାପ୍ରସାଦ ରାସ୍ତାରେ ଡ୍ୟୁଟି କରୁଥିଲେ । ଏହି ସମୟରେ କନ୍ଧମାଳ ଜିଲା ଆଡୁ ଉକ୍ତ ୩ ଅଭିଯୁକ୍ତ ଟୟୋଟୋ ଇନୋଭା କ୍ରିଷ୍ଟା ଗାଡିରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଅଭିଯୁକ୍ତମାନେ ପୁଲିସ ଗାଡ଼ିକୁ ଦେଖି ଦ୍ରୁତ ଗତିରେ ଚାଲି ଯାଉଥିଲେ । ପୁଲିସ ସନ୍ଦେହ କରି ଗାଡିଟିକୁ ପିଛା କରି ଦୁର୍ଗା ପ୍ରସାଦ ନିକଟରେ ଅଟକାଇବାରେ ସକ୍ଷମ ହୋଇଥିଲେ । ଏହାପରେ ଯାଞ୍ଚ କରିବାରୁ ଗାଡ଼ିରୁ ଗଞ୍ଜେଇ ବାହାରିଥିଲା ।

# ନୂତନ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଆସିକା,୨୩।୬/ଏନ୍ଏନ୍ଏସ୍:** ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ନୂତନ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଯୋଗ ଦେଇଥିବା ସୁଜିତ୍ କୁମାର ପାଢୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା, ନୋଡାଲ୍ ହାଇସ୍କୁଲ ପ୍ରଧାନଶିକ୍ଷକ ନାରାୟଣ ମହାପାତ୍ର, ଗୁଣ୍ଡୁପଡା ସ୍ଥିତ ଜଗଦଲପୁର ହାଇସ୍କୁଲର ସହକାରୀ ଶିକ୍ଷକ ସୁଶିଲ୍ ମୋହନ ପାତ୍ର ଏବଂ ଜି.ଆନନ୍ଦ ପାତ୍ର, ଆସିକା ଶିକ୍ଷାବିଭାଗର କର୍ମଚାରୀ କେ.ଶ୍ରୀନିବାସ ରାଓ, ଅନିଲ କୁମାର ଜେନା, ମନୋଜ କୁମାର ବେହେରା, ମନୋଜ କୁମାର ବିଶ୍ୱାଳ, ସୋମନାଥ ପ୍ରଧାନ, ହେମନ୍ତ କୁମାର ନନ୍ଦ, ମନ୍ଦାକିନୀ ରଥ, ଅମୂଲ୍ୟ କୁମାର ଦାଶ, ସନ୍ତୋଷ କୁମାର ପଟ୍ଟନାୟକ, ଚିନ୍ମୟ କୁମାର ପ୍ରଧାନ, ଭାଗ୍ୟଲତା ଲେଙ୍କା, ସୌଭାଗ୍ୟବତୀ ଦେବୀଙ୍କ ସମେତ ଶିକ୍ଷା ବିଭାଗର ବହୁ କର୍ମଚାରୀ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ କଙ୍କୋରଡା ଗ୍ରାମ ସ୍ଥିତ ଏନ୍‌ବି ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ରୂପେ ଅବସ୍ଥାପିତ ରହି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପାଦନ କରିଆସୁଥିବା ଦକ୍ଷ, କର୍ତ୍ତବ୍ୟନିଷ୍ଠ ପଦାଧିକାରୀ ସୁଜିତ୍ କୁମାର ପାଢୀଙ୍କୁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଆସିକାର ନୂତନ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରୂପେ ନିଯୁକ୍ତି ଦିଆଯାଇଥିଲା । ଦାୟିତ୍ୱ ଗ୍ରହଣ ଅବସରରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ପାଢୀ କହିଛନ୍ତି ଯେ, ଆସିକା ବିଇଓ କାର୍ଯ୍ୟାଳୟ ଅଧୀନସ୍ଥ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ ଦିଗରେ ଅଧିକ ଧ୍ୟାନ ଦେବେ । ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଲାଗି ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନକୁ ପ୍ରାଥମିକତା ଦେବା ସହ ଆସିକା ବିଇଓ କାର୍ଯ୍ୟାଳୟକୁ ରାଜ୍ୟର ଏକ ଶ୍ରେଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ପରିଗଣିତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ



**ବୁଗୁଡା,୨୩।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବୁଗୁଡା ବ୍ଲକ ସ୍ତରୀୟ 'ବିକାଶର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ । ବିଡିଓ ଦୁତିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ, ସିଡିପିଓ ବବିତା କୁମାରୀ ପଣ୍ଡା, ଏବିଡ଼ିଓ ଧର୍ମରାଜ ପରିଡା, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ଜନସମ୍ପର୍କ ଓ ଜନସହଭାଗିତା କାର୍ଯ୍ୟକ୍ରମ ଅବସରରେ ସରକାରଙ୍କ ବିଭିନ୍ନ ଜନହିତକର ଓ ଜନାଭିମୁଖୀ ଯୋଜନା ମହିଳା ସଶକ୍ତିକରଣର ଯୁଗାନ୍ତକାରୀ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମାଳତୀ ମାଳତୀଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ପୋଷଣ ଅଭିଯାନ ଯୋଜନା, ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଏକୀକୃତ ଯୋଜନା, ଅଦ୍ୱିକା ଯୋଜନା, ଯଶୋଦା ଯୋଜନା, ଆମ କୁନି ପିଲା ଯୋଜନା, ମିଶନ ବାତ୍ସଲ୍ୟ ଯୋଜନା, ପିଏମ୍ ଜନମନ ଯୋଜନା, ଆରୋହଣ ଯୋଜନା, ମିଶନ ଶକ୍ତି ଯୋଜନା , ଆମେ ପଢିବା ଆମ ଭାଷାରେ ଯୋଜନା, ବେଟି ବଚାଓ ବେଟି ପଢାଓ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା । ଏହି ଅବସରରେ ଅତିଥିଙ୍କ ଦ୍ୱାରା ଅନ୍ନପୂର୍ଣ୍ଣା ଯୋଜନାରେ ହିତାଧିକାରୀଙ୍କୁ ରାସନ କାର୍ଡ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ନୂତନ ଭତ୍ତା, ଅନ୍ତୋଦୟ ଗୃହ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ହିତାଧିକାରୀଙ୍କୁ ସବସିଡି ପ୍ରଦାନ ଏବଂ ଅଙ୍ଗନୱାଡି କର୍ମୀଙ୍କୁ ମୋବାଇଲ ଫୋନ ପ୍ରଦାନ କରାଯାଇଥିଲା ।

# 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' କାର୍ଯ୍ୟକ୍ରମ



**ଛତ୍ରପୁର,୨୩।୬/ଏନ୍ଏନ୍ଏସ୍:** 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଅନ୍ତର୍ଗତ ଆଜି ଛତ୍ରପୁର ପୌରପରିଷଦର ଏକାମ୍ର ନଗରସ୍ଥିତ ଶିଶୁ ଉଦ୍ୟାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଅଭିଯାନରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଉଦ୍ୟାନ ପରିସର ସଫା କରିଥିଲେ । ସେ ଏହି ଅବସରରେ ସ୍ୱଚ୍ଛତା କେବଳ ଏକ ଅଭିଯାନ ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ ବୋଲି କହିଥିଲେ । ସୁସ୍ଥ, ସୁନ୍ଦର ଓ ସ୍ୱଚ୍ଛ ଗଞ୍ଜାମ ଗଠନ ପାଇଁ ଏପରି ପଦକ୍ଷେପ ନିଆଯାଇଥିବା କହିଥିଲେ । ଜନସଚେତନତା ବୃଦ୍ଧି କରିବା ସହ ଲୋକଙ୍କୁ ସ୍ୱଚ୍ଛତା ପ୍ରତି ଅଧିକ ଦାୟିତ୍ୱବାନ କରିବା ଉପରେ ଜୋର ଦେଇଥିଲେ । ସପ୍ତାହର ପ୍ରତି ମଙ୍ଗଳବାର ନିଜ ଗାଁ ଓ ସହରକୁ ସ୍ୱେଚ୍ଛାକୃତ ଭାବେ ସଫା କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଭାସନ ଜିଲ୍ଲାବାସୀ, ବିଶେଷକରି ଯୁବପିଢ଼ୀଙ୍କୁ ଆହ୍ୱାନ କରିଥିଲେ । ଏହି ଅବସରରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଶପଥପାଠ କରାଇଥିଲେ । ସ୍ୱଚ୍ଛତା ଅଭିଯାନରେ ଛତ୍ରପୁର ପୌରପାଳିକାର ଉପାଧ୍ୟକ୍ଷ ଡି ପାପା ରାଓ, ୧୧ ନମ୍ବର ୱାର୍ଡର କାଉନସିଲର ସନ୍ତୋଷୀ ସେଠୀ, ଛତ୍ରପୁର ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ଜିଲ୍ଲା ପ୍ରଶାସନର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ ।

## ଆସିକାରେ ଅନ୍ତିମ ପର୍ଯ୍ୟାୟରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

# ୧ ଲକ୍ଷ ୭୮ ହଜାର ୬୫୪ ପରିଗଣନା ଫର୍ମ ଇ-ପରିପୂରଣ



**ଆସିକା,୨୩।୬/ଏନ୍ଏନ୍ଏସ୍:** ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍‌ରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆଉମାତ୍ର ୬ ଦିନ ପରେ ଅର୍ଥାତ୍ ୨୮ ତାରିଖରେ ଶେଷ ହେବା କାର୍ଯ୍ୟକ୍ରମ ରହିଛି । ଗଞ୍ଜାମ ଜିଲ୍ଲାପାଳ ଭି.କାର୍ତ୍ତୀଭାସନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୧୨୮ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଟୁଲିଆମ୍ମା ପ୍ରଧାନ, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଆସିକା ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଆସିକା ଏବିଡିଓ ସୁଶାନ୍ତ କୁମାର ବେହେରା, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଆସିକା ତହସିଲଦାର ସଙ୍ଗୀତା ସେଣ, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଆସିକା ତହସିଲର ଅତିରିକ୍ତ ତହସିଲଦାର ଅମରେଶ୍ ସାବତଙ୍କ ମାର୍ଗଦର୍ଶନ ଓ ପ୍ରେରଣା ସାଙ୍ଗକୁ ବିଏଲ୍‌ଓ ସୁପରଭାଇଜର ରାମନାଥ ପଟ୍ଟନାୟକ, ଶିବଶଙ୍କର ଜେନା, ସିମାଞ୍ଚଳ ସେଠୀ, ଧୋବା ବେହେରା, ନିରଞ୍ଜନ ପରିଡା, ସତ୍ୟନାରାୟଣ ସେଠୀ, ବଂଶୀଧର ପରିଡାଙ୍କ ସମେତ ସମସ୍ତ ବିଏଲ୍‌ଓ ସୁପରଭାଇଜର ଏବଂ ବିଏଲ୍‌ଓ ମାନେ ଏହି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ନିର୍ଭୁଲ ଓ ସଠିକ୍ ଭାବେ ସଂପାଦନ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ସମୁଦାୟ ଭୋଟର ସଂଖ୍ୟା ୨ ଲକ୍ଷ ୫୬୧ ରହିଛି । ସେଥିମଧ୍ୟରୁ ୨୨ ତାରିଖ ସୁଦ୍ଧା ୨ ଲକ୍ଷ ୫୧୫ ପରିଗଣନା ଫର୍ମ ବଣ୍ଟନ ହୋଇଥିଲା ବେଳେ ୧ ଲକ୍ଷ ୭୮ ହଜାର ୬୫୪ ପରିଗଣନା ଫର୍ମ ଇ-ପରିପୂରଣ ସଫଳତାର ସହ ଶେଷ ହୋଇଛି । ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଥିବା ବେଳେ ବର୍ତ୍ତମାନ ପରିଗଣନା ଫର୍ମ ଗୁଡିକର ଇ-ପରିପୂରଣ (ଡିଜିଟାଇଜେସନ୍) ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ପରିଗଣନା ଫର୍ମ ସଂଗ୍ରହ କରିବା ପରେ ସେଗୁଡିକୁ ଅନ୍‌ଲାଇନ୍ ମାଧ୍ୟମରେ ନିର୍ଭୁଲ ଭାବେ ଡିଜିଟାଇଜ୍ କରୁଛନ୍ତି । ଯେଉଁ ଭୋଟରମାନେ ଏ ପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ଦାଖଲ କରିପାରି ନାହାନ୍ତି ସେମାନେ ନିଜ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଜମା କରିବାକୁ ଅନୁରୋଧ କରାଯାଇଛି । ଥିବା ମଧ୍ୟ ଦେଖିବାକୁ ମିଳୁଛି । ଆସନ୍ତା ୨୮ ତାରିଖ ପୂର୍ବରୁ ପରିଗଣନା ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଡିଜିଟାଇଜେସନ୍ କାର୍ଯ୍ୟ ସଂପୁର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ।

## ନିଆଁ ଆଁରେ ଜଳିଗଲେ ୨୦ ମେଣ୍ଢା



**କେନ୍ଦ୍ରାପଡ଼ା,୨୩।୬/ଏନ୍‌ଏନ୍‌ଏସ୍‌:** କେନ୍ଦ୍ରାପଡ଼ାର କନ୍ହେଇପୁର ଗ୍ରାମରେ ବିଳମ୍ବିତ ରାତିରେ ନିଆଁ ଲାଗି ଘର ଭସ୍ମୀଭୂତ ହେବା ସହ ପ୍ରାୟ ୨୦ଟି ମେଣ୍ଢା ଜୀବନ୍ତ ଦଗ୍ଧ ହେବା ସହ ୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡିଛି । କେନ୍ଦ୍ରାପଡ଼ା ସଦରଥାନା ଅନ୍ତର୍ଗତ କନ୍ହେଇପୁର ଗ୍ରାମର ଅଜୟ ବେହେରାଙ୍କ ଘରକୁ ଲାଗି ଗୁହାଳଘରେ କୌଣସି କାରଣରୁ ନିଆଁ ଲାଗିଯିବା ଫଳରେ ଗୁହାଳଘରେ ଥିବା ୨୦ଟି ମେଣ୍ଢା ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ଗ୍ରାମବାସୀ ନିଆଁକୁ ଲିଭାଇବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରି ନଥିଲେ । ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଗୁହାଳ ଘର ସହିତ ମେଣ୍ଢା ଓ ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିବା ଜଣାପଡିଛି ।

## ମଦ ଦୋକାନ ବନ୍ଦ କରିବାକୁ ଦାବି



**କେନ୍ଦ୍ରାପଡ଼ା,୨୩।୬/ଏନ୍‌ଏନ୍‌ଏସ୍‌:** କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତ ପଚ୍ଚମୁଣ୍ଡାଇ କେନାଲ ବନ୍ଧ ଉପରେ ହେଉଥିବା ମଦ ଦୋକାନକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରି ଏକ ଦାବିପତ୍ର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସଙ୍କ ଜରିଆରେ ଅଧୀକ୍ଷଣ ଯନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଇନ୍ଦୁପୁର ପଞ୍ଚାୟତର ମିଶନ ଶକ୍ତି ମହିଳା ଗୋଷ୍ଠୀ ସମୂହ ଏକତ୍ରିତ ହୋଇ ପଞ୍ଚାୟତରେ ଠିପିବନ୍ଦ ସରକାରୀ ମଦ ଦୋକାନ ଖୋଲାଯାଉଥିବାର ଜାଣିପାରି ମଦ ଦୋକାନ ପାଇଁ ନିର୍ମାଣ ହେଉଥିବା କେନାଲ ବନ୍ଧ ଉପରେ ଦୋକାନ ଗୃହକୁ ବିରୋଧ କରିଛନ୍ତି । ଏନେଇ ଶତାଧିକ ମହିଳା ମଙ୍ଗଳବାର ଜିଲ୍ଲା କାର୍ଯ୍ୟାଳୟକୁ ଆସି ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ସହିତ ପଞ୍ଚାୟତର କେନାଲ ବନ୍ଧ ରାସ୍ତା ଉପରେ ହେଉଥିବା ମଦ ଦୋକାନ ଗୃହକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଅନ୍ନପୂର୍ଣ୍ଣା ବେହେରା, ସବିତା ବେହେରା, କୌଶଲ୍ୟା ବେହେରା, ସବିତା ବାରିକ, ମିନତୀପ୍ରଭା ଜେନା, ସାବିତ୍ରୀ ଜେନା ପ୍ରମୁଖ ଦାବି କରିଛନ୍ତି ।

## ରାଜ୍ୟସ୍ତରୀୟ ବ୍ରିଜ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ



**ଅନୁଗୋଳ,୨୩।୬/ଏନ୍‌ଏନ୍‌ଏସ୍‌:** ସ୍ଥାନୀୟ ଟ୍ରକ୍ ମାଲିକ ସଂଘ ସଭା ଗୃହଠାରେ ଆଜି ରାଜ୍ୟସ୍ତରୀୟ ବ୍ରିଜ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଓଡ଼ିଶା ବ୍ରିଜ୍ ଆସୋସିଏସନ୍ ସଭାପତି ଶୁଭେନ୍ଦୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ର ନାରାୟଣ ପାଣି, ସମ୍ମାନୀତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ,ଓଡ଼ିଶା ବ୍ରିଜ୍ ଆସୋସିଏସନ୍ ସଭାପତି ଶୁଭେନ୍ଦୁ ପଟ୍ଟନାୟକ, ସମ୍ପାଦକ ତାପସ ବିଶ୍ୱାଳ, ଅନୁଗୋଳ ଟ୍ରକ୍ ମାଲିକ ସଂଘ ସଭାପତି ଅମରେଶ ସ୍ୱାଇଁ,ସମ୍ପାଦକ ରଜତ ମହାପାତ୍ର, ଅନୁଗୋଳ ବ୍ରିଜ୍ ଆସୋସିଏସନ୍ ସଭାପତି ଜୟ ପଟ୍ଟନାୟକ,ସମ୍ପାଦକ ଡିଲେଶ୍ୱର୍ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ଅନୁଗୋଳ ସଂଘର ଦିବଂଗତ ସମ୍ପାଦକ ଦିଲ୍ଲୀପ କୁମାର ସିହ୍ନାଙ୍କ ସ୍ମୃତିରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ବ୍ରିଜ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୧୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି । ଆସନ୍ତା ଜୁନ୍ ୨୪ ତାରିଖ ସନ୍ଧ୍ୟାରେ ଉଦ୍‌ଯାପନ କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି ।

## ଟିଏସ୍‌କେ ଓ ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ



**ଯାଜପୁର,୨୩।୬/ଏନ୍‌ଏନ୍‌ଏସ୍‌:** ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ୍) ପକ୍ଷରୁ ରବିବାର ଦିନ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସେମାନଙ୍କ ନିଜ ନିଜର ଟାଉନସିପ୍‌ଗୁଡ଼ିକରେ ସ୍ୱତନ୍ତ୍ର ଯୋଗ ଶିବିର ଆୟୋଜନ କରାଯାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ କମ୍ୟୁନିଟି ଏକତାକୁ ପ୍ରୋତ୍ସାହିତ କରିବା । ଟାଟା ଷ୍ଟିଲ୍ କଳିଙ୍ଗନଗରର କଳିଙ୍ଗନଗର ଟାଉନସିପ୍ ଭିତରେ ଥିବା ସାର୍ ଦୋରାବଜୀ ଟାଟା ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୱେଲନେସ୍ କମିଟି ପକ୍ଷରୁ ଏକ ଉତ୍ସାହଜନକ ପ୍ରାତଃକାଳୀନ ଯୋଗ ଶିବିରର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ବର୍ଗ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରି ଏକାଠି ବିଭିନ୍ନ ଯୋଗାସନ ଏବଂ ପ୍ରାଣାୟାମର ଅଭ୍ୟାସ କରିଥିଲେ । ସେହିପରି, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀକୁ ଆପଣେଇବା ପାଇଁ 'ନୀଳାଚଳ ଇସ୍ପାତ ନିଗମ' ଟାଉନସିପ୍‌ରେ ମଧ୍ୟ ଏକ ଯୋଗ ଶିବିରର ଆୟୋଜନ କରାଯାଇଥିଲା । ଏହି ଦୁଇଟି କାର୍ଯ୍ୟକ୍ରମ ନିଜର କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ସୁଦୃଢ଼ କରିବା ପାଇଁ ସଂସ୍ଥା ଦ୍ୱୟର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ଅଗ୍ନିକାଣ୍ଡରେ ଜଳିଗଲେ ୨ ଗୋରୁ

**ଯାଜପୁର,୨୩।୬/ଏନ୍‌ଏନ୍‌ଏସ୍‌:** ଯାଜପୁର ବ୍ଲକ୍ ଅନ୍ତର୍ଗତ ରୁଦ୍ରପୁର ପଞ୍ଚାୟତ ସିଠାଲୋଇ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା । ଗତ ୨୧ ତାରିଖରେ ଦୋଳଗୋବିନ୍ଦ ଓଝାଙ୍କର ଦୁଇ ବଖରା ଘର ସଂପୂର୍ଣ୍ଣ ଭାବେ ପୋଡ଼ି ପାଉଁଶ ହୋଇଥିବା ଜଣାପଡିଛି । ଅଗ୍ନିକାଣ୍ଡର କାରଣ କିଛି ସ୍ପଷ୍ଟ ଜଣାପଡିନାହିଁ । ରାତିରେ ଘର ଭିତରେ ପରିବାର ଲୋକେ ଶୋଇଥିବା ବେଳେ ନିଆଁ ଧାସ ବାଜିବାରୁ ଜୀବନ ବିକଳେ ଘରର ପଛପଟ ଦ୍ୱାର ଦେଇ ସମସ୍ତ ସଦସ୍ୟ ବାହାରକୁ ଦୌଡ଼ି ପଳାଇଥିଲେ । ଘର ଲୋକେ ଡାକ ପକାଇବାରୁ ଗ୍ରାମବାସୀ ପହଞ୍ଚି ପାଣି ପକାଇ ନିଆଁକୁ ଆୟତ୍ତ କରିବାରେ ବିଫଳ ହୋଇଥିଲେ । ଖବରପାଇ ବରୁଆଁ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଘର ମଧ୍ୟରେ ଥିବା ୨ଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଗୋଟିଏ ବାଇକ୍,ଗୋଟିଏ ଇଭି ସ୍କୁଟି ସହ ନିଜର କୌଳିକ ବୃତ୍ତିରେ ବ୍ୟବହୃତ ବହୁମୂଲ୍ୟ ଯନ୍ତ୍ରାଂଶ ଓ ଲକ୍ଷାଧିକ ଟଙ୍କାର ପ୍ଲାଷ୍ଟିକ,ଫାଇବର, ଆଲୁମିନିୟମ ଆଦି ପୋଡ଼ି ପାଉଁଶ ହୋଇଥିବା ଦେଖିବାକୁ ମିଳିଛି ।

ଜାତୀୟ ରାଜପଥ ନିର୍ମାଣକାରୀ ଠିକାଦାରଙ୍କ ମନମୁଖି କାର୍ଯ୍ୟ

# କେନାଲ୍ ମୁହଁ ବନ୍ଦ, ଫସଲ ହାନି ଆଶଙ୍କା

**ଚାନ୍ଦୋଳ,୨୩।୬/ଏନ୍‌ଏନ୍‌ଏସ୍‌:** ଡେରାବିଶ ବ୍ଲକ୍ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁପାଣ୍ଡବ ଛକ ନିକଟରେ ଚଣ୍ଡିଖୋଲ-ପାରାଦୀପ ୯୫ ନଂ ଜାତୀୟ ରାଜପଥକୁ ଅତିକ୍ରମ କରିଥିବା କେନ୍ଦ୍ରାପଡ଼ା କେନାଲ୍ ୮ ନଂ ଶାଖା କେନାଲ୍ ନିର୍ମାଣରେ ମନମାନୀ ଯୋଗୁ ଏବେ ଏହାର ତଳମୁଣ୍ଡରେ ରହିଥିବା ୨ଟି ଜିଲ୍ଲାର ୪ ପଞ୍ଚାୟତର ଶହଶହ ହେକ୍ଟରର ଚାଷଜମିରେ ଚଳିତ ଖରିଫ୍ ଋତୁରେ ଫସଲ ହାନି ଆଶଙ୍କା ଦେଖାଦେଇଛି । ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା କେନାଲ୍‌ରୁ କଟକ ଜିଲ୍ଲାର କେନ୍ଦୁପାଟଣା ନିକଟରୁ ବାହାରିଥିବା ୮ ନଂ କେନାଲ୍‌ଟି ନିଶ୍ଚିନ୍ତକୋଇଲି ବ୍ଲକ୍‌ଦେଇ କେନ୍ଦ୍ରାପଡ଼ା ଜିଲ୍ଲା ମଧ୍ୟ ଦେଇ ଡେରାବିଶ ବ୍ଲକ୍‌ର ସଦାନନ୍ଦପୁର ଯାଏଯାଇଛି । ଏହି କେନାଲ୍‌ଟି ପଞ୍ଚୁପାଣ୍ଡବ ନିକଟରେ ଜାତୀୟ ରାଜପଥକୁ ଅତିକ୍ରମ କରିଛି । ତେବେ ଜାତୀୟ ରାଜପତ ପ୍ରଶସ୍ତିକରଣ କାର୍ଯ୍ୟ କରୁଥିବା ଠିକାଦାରଙ୍କ ମନମାନୀ କାର୍ଯ୍ୟ ଯୋଗୁ ଜାତୀୟ ରାଜପଥ ତଳେ ଯାଇଥିବା କେନାଲରେ ତଳ ମୁଣ୍ଡକୁ ପାଣି ଯିବାରେ ସମସ୍ୟା ଦେଖାଦେଇଛି । ଏ ନେଇ ସ୍ଥାନୀୟ ଅଞ୍ଚଳର ଚାଷିମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଠିକାଦାର ଶୁଣୁନଥିବା



ଚାଷୀମାନେ ଅଭିଯୋଗ କରିଛନ୍ତି । ଏଠାରେ ଠିକାଦର କେନାଲର ଡିଜାଇନ୍‌ରେ ଭୁଲ୍ କରିଥିବା ଯୋଗୁ ଏବେ ଏହା ପୋତି ହୋଇଯିବା ଭଳି ଅବସ୍ଥା ଉପୁଜିଛି । ଯାହାଫଳରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ୍‌ର ଏଣ୍ଡର ପଞ୍ଚାୟତର ଡେରାଡିହ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର କେଉଟକଣ୍ଡିଆ, ବେଣିପୁର ପଞ୍ଚାୟତର ସଦାନନ୍ଦପୁର ଓ ଯାଜପୁର ଜିଲ୍ଲା ଭରତପୁର ପଞ୍ଚାୟତର ପାରିପଲେଇ ଓ ପଣସୁଧା ଗ୍ରାମର ଶହଶହ ହେକ୍ଟର ଚାଷଜମିକୁ କେନାଲ୍ ଜଳ ପ୍ଲାବିତ ହୋଇପାରିବ ନାହିଁ । ଯେଉଁଥିପାଇଁ ଏବେ ହଜାର ହଜାର ଚାଷୀ ଫସଲ ହାନୀ ଆଶଙ୍କାରେ ଆତଙ୍କିତ ହୋଇ ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ ସମେତ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରିଛନ୍ତି । ତେବେ କୌଣସି ଫଳ ନମିଳିବାରୁ ସ୍ଥାନୀୟ ଚାଷୀମାନେ ପାଟକୁରା ବିଧାୟକଙ୍କୁ ସମସ୍ୟାର ସମାଧାନ ନିମନ୍ତେ ଅନୁରୋଧ କରିଥିଲେ । ଆଜି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତ୍ରୁଟିପୂର୍ଣ୍ଣ କେନାଲ୍ ନିର୍ମାଣ ଦେଖିବା ସହ ଏହାର ସମାଧାନ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି ।

## ଅବ୍ୟବସ୍ଥାରେ ସିଡିପିଓଙ୍କ କାର୍ଯ୍ୟାଳୟ

**ତାଳଚେର,୨୩।୬/ଏନ୍‌ଏନ୍‌ଏସ୍‌:** ଶିଳ୍ପନଗରୀ ତାଳଚେର ଭଳି ଏକ ସହର ମଧ୍ୟରେ ହାଟତୋଟା ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପଛପାର୍ଶ୍ୱରେ ରହିଥିବା ସିଡିପିଓ କାର୍ଯ୍ୟାଳୟ ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟାଳୟକୁ ଦୈନନ୍ଦିନ ଦୂରଦୂରାନ୍ତରୁ ଅଙ୍ଗନବାଡ଼ି କର୍ମୀ ସହିତ ସୁଭଦ୍ରା ଯୋଜନା ପାଇଁ ବିଭିନ୍ନ ପଞ୍ଚାୟତ ଓ ମୁନିସପାଲିଟିରୁ ମାଆମାନେ ଆସିଥାନ୍ତି । ମାତ୍ର ପରିତାପର ବିଷୟ ଉକ୍ତ କାର୍ଯ୍ୟାଳୟରେ ମାଆମାନଙ୍କ ବସିବା ପାଇଁ ଆବଶକୀୟ ଚୌକି ନଥିବାରୁ ମାଆମାନେ ବାଧ ହୋଇ ଗରମରେ ବାରଣ୍ଡାରେ ବସୁଥିବା ଦେଖିବାକୁ ମିଳିଛି । ତାଳଚେର ଏକ ଉତ୍ତପ୍ତ ସହର ହୋଇଥିବା ବେଳେ ପାଣି ଟୋପେ ପିଇବା ପାଇଁ କାର୍ଯ୍ୟାଳୟ ପରିସର ମଧ୍ୟରେ କୌଣସି ବ୍ୟବସ୍ଥା କରାଯାଇନଥିବାରୁ



ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି ଶତାଧିକ ମାଆ, ମାଉସୀ । ଏପରିକି, କୋଠରୀଗୁଡ଼ିକ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରବ୍ୟବସ୍ଥା ନଥିବାରୁ କାର୍ଯ୍ୟାଳୟର ଅଧିକାରୀମାନେ ହଇରାଣ ହେବାସହ ବିଭିନ୍ନ କାର୍ଯ୍ୟରେ ଆସୁଥିବା ମାଆ, ମାଉସୀମାନେ ହଇରାଣ ହେଉଥିବା ଅଭିଯୋଗ ହେଉଛି । ସେହିଭଳି କାର୍ଯ୍ୟାଳୟରେ ଆବଶ୍ୟକ ମୁତାବକ କର୍ମଚାରୀ ନଥିବାରୁ କୌଣସି କାର୍ଯ୍ୟ ସଠିକ ଭାବେ ହେଉନାହିଁ । ତାଳଚେର ବ୍ଲକ ଓ ମୁନିସପାଲିଟିରେ ୨୩୭ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବା ବେଳେ ୯ଟି ସେକ୍ଟରରେ ୯ଜଣ ସୁପରଭାଇଜର୍ ପରିବର୍ତ୍ତେ ବର୍ତ୍ତମାନ ୫ଜଣ ରହିଛନ୍ତି ଓ ୩ଜଣ କ୍ଲର୍କ ଆବଶ୍ୟକ ଥିବା ବେଳେ ମାତ୍ର ଜଣେ ଲୋକରେ କାର୍ଯ୍ୟାଳୟ କିପରି ଚାଲିବ ବୋଲି ତାକୁ ନେଇ ଏବେ ଚର୍ଚ୍ଚ ଚାଲିଛି । ସେହିଭଳି ସିଡିପିଓ କାର୍ଯ୍ୟାଳୟକୁ ଯିବାକୁ କୌଣସି ଠାରେ ନାମଫଳକ ନଥିବାରୁ ମାଆ, ମାଉସୀମାନେ ହଇରାଣ ହରକତ ହେଉଛନ୍ତି । ତେଣୁ ଜିଲ୍ଲପାଳ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

## ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ୍ ପକ୍ଷରୁ ଅସହାୟଙ୍କୁ ସହାୟତା

**ଧର୍ମଶାଳା,୨୩।୬/ଏନ୍‌ଏନ୍‌ଏସ୍‌:** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଅସହାୟ, ଗରିବ ଓ ଖଟିଖିଆ ପରିବାରର ଅସୁବିଧା ସମୟରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସହେଯାଗର ହାତ ବଢ଼େଇ ଆସିଛ । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଦୀର୍ଘ ବର୍ଷ ଧରି ଅସହାୟଙ୍କୁ ସହାୟତା ଯୋଗାଇ ଆସୁଛି । ଏବେ ଏହି ଟ୍ରଷ୍ଟ ପକ୍ଷରୁ ମଧୁପୁରଗଡ ପଞ୍ଚାୟତ ରଗଡିପଶି ଗ୍ରାମର ଯଟେଶ୍ୱର ବେହେରା ବ୍ରେନ୍ ଷ୍ଟ୍ରୋକ୍‌ରେ ଚିକିତ୍ସିତ ହେଉଥିବା ଖବରପାଇ ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟର ସଦସ୍ୟମାନେ ସେଠାରେ ପହଞ୍ଚି ନଗଦ ଅର୍ଥରାଶି ପ୍ରଦାନ କରିଛନ୍ତି । ସେହିପରି ଓଡ଼ିଶୋ ଗ୍ରାମର ସତ୍ୟରଞ୍ଜନ ଦାସ, କାଏମା ପଞ୍ଚାୟତ ରାଧାନଗରର ରୁଶିବର ରାଉତ, କୋଟପୁର ଗ୍ରାମର ଗୁନି ସିଂ, ମଧୁପୁରଗଡ ପଞ୍ଚାୟତ ରଗଡିପଶି ଗ୍ରାମର ଝୁଲଣା ବେହେରା, ଶୁଦ୍ଧିକ୍ରିୟା ଲାଗି କଦମପାଳ ଗ୍ରାମର ଶାନ୍ତିଲତା ସାହୁ, ଘର ଭାଙ୍ଗି ଯାଇଥିବା ପାଖର ଗ୍ରାମର ଅନନ୍ତ ସାହୁ, କ୍ଷେତ୍ରପାଳ ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ଶାନ୍ତିଲତା ଦାସ,ମଙ୍ଗଳପୁର ପଞ୍ଚାୟତ କୋଠିଡିହ ଜାହାନାରା ବିବି, ଦେଓଦା ପଞ୍ଚାୟତ



ମାଝିପାଟଣା ଗ୍ରାମର ସାଗର ମଲିକ, ଉତ୍ତରପ୍ରତାପ ପଞ୍ଚାୟତ ଅଲ୍ଲିଶାପାଟଣା ଗ୍ରାମର ଟିକିଲି ମଲିକ, ଉତ୍ତରପ୍ରତାପ ପଞ୍ଚାୟତ ଅଲିଶିସାହୁପାଟଣା ଗ୍ରାମର ବିଧବା ମହିଳା ତପସ୍ୱିନୀ ସାହୁ, ଦୋକାନ ପାଇଁ ନଠୁଆବର ଗ୍ରାମର ବଳରାମ ସାହ, ମେଡିକାଲ ସହାୟତା ପାଇଁ କୋଟପୁର ପଞ୍ଚାୟତ ଭଗବାନପୁର ଗ୍ରାମର ନୃସିଂହ ମାହନ୍ତ ଏବଂ ଏହି ଗ୍ରାମର ରୋଗରେ ପୀଡ଼ିତ ପ୍ରଶାନ୍ତ ମହାଲିକଙ୍କୁ ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟ ପକ୍ଷରୁ ଆର୍ଥୀକ ସହାୟତା ଯୋଗାଇ ଦିଆଯାଇଛି । ଧର୍ମଶାଳା ବିଧାୟକ ଶ୍ରୀ ସାହୁ ବହୁ ବର୍ଷ ପୂର୍ବରୁ ଗରିବ ଓ ଅସହାୟମାନଙ୍କୁ ତାଙ୍କର ଟ୍ରଷ୍ଟ ମାଧ୍ୟମରେ ସହାୟତା ଯୋଗାଇ ଆସୁଥିବା ବେଳେ ଏବେ ବିଧାୟକ ହେବା ପରେ ନିର୍ବଚନ ମଣ୍ଡଳୀର ଯେକୌଣସି ଗ୍ରାମରେ ଅସୁବିଧାରେ ପଡ଼ିଥିବା ଲୋକମାନଙ୍କୁ ସାହାୟତା ଯୋଗଇ ଦେବା ଜାରିରହିଛି । ମାନବ ସେବା ହେଉଛି ମାଧବ ସେବା । ଏହାକୁ ବ୍ରତ କରି ବିଧୟକ ଶ୍ରୀ ସାହୁ ଅସହାୟ ମଣିଷମାନଙ୍କ ସେବା ଚଳାଇଛନ୍ତି । ଅସହାୟ ଲୋକମାନଙ୍କ ପାଇଁ ଏଭଳି ସେବା ଆଗାମୀ ଦିନରେ ମଧ୍ୟ ଜାରିରହିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି ।

## ଜମି ନିଲାମ ରଦ୍ଦ କରିବାକୁ ୪୬ ପରିବାରଙ୍କ ଦାବି

**କାମାକ୍ଷାନଗର,୨୩।୬/ଏନ୍‌ଏନ୍‌ଏସ୍‌:** ଜମି ନିଲାମକୁ ରଦ୍ଦ କରିବା ପାଇଁ ପ୍ରଶାସନ ଓ ସରକାରଙ୍କୁ ଦାବି ଜଣାଇଲେ ୪୬ ପରିବାର । ତିନି ପୁରୁଷ ଧରି ଚଳିଆସୁଥିବା ଜମିକୁ ଅଜାଣତରେ ଅନ୍ୟଜଣକୁ ନିଲାମ ଦିଆଯାଇଥିବା ବେଳେ ଏହାକୁ ବିରୋଧ କରିଛନ୍ତି କାମାକ୍ଷାନଗର ତହସିଲ ଜିରିଡାମାଳି ଗ୍ରାମର ୪୬ ପରିବାର । ପ୍ରକାଶ, ଜିରିଡାମାଳି ଗ୍ରାମର ଆରାଧ୍ୟଠାକୁର ରଘୁନାଥଜୀଉଙ୍କ ନାମରେ ସ୍ଥାନୀୟ ଭାଲୁମୁଣ୍ଡା ମୌଜାରେ ଥିବା ଜମିଗୁଡିକରେ ୧୯୨୩ ମସିହାରୁ ଗ୍ରାମର ୪୬ଟି ପରିବାରର ଲୋକେ ହାତଲେଖା ପଟ୍ଟା ପାଇ ସେହି ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ । ତିନିପୁରୁଷ ଧରି ହାତଲେଖା ପଟ୍ଟାପାଇ ଅକ୍ଳାନ୍ତ ପରିଶ୍ରମ ଓ ଅର୍ଥଖର୍ଚ୍ଚ କରି ପତିତକିସମରେ ଥିବା ଜମିକୁ ହୁଡ଼ାମାଟି କରି ଲୋକମାନେ ଶାରଦ ଜମିରେ ପରିଣତ କରି ଭୋଗଦଖଲ କରି ଆସୁଥିଲେ । ଏଥିପାଇଁ ସେମାନେ ଦେବୋତ୍ତର ବିଭାଗକୁ



ଖଜଣା, ପାଉତି ମଧ୍ୟ ପ୍ରଦାନ କରି ଆସୁଥିଲେ । ମାତ୍ର ଏହି ଲୋକମାନେ ଚଳୁଥିବା ଜମିକୁ ସେମାନଙ୍କ ଅଜାଣତରେ ଦେବୋତ୍ତର ବିଭାଗ ତରଫରୁ ଅନ୍ୟଜଣଙ୍କୁ ନିଲାମସୂତ୍ରରେ ଦିଆଯାଇଛି । ଯାହା ଫଳରେ ପ୍ରାୟ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେହି ଜମିରେ ଚାଷକରି ପରିବାର ପ୍ରତିପୋଷଣ କରୁଥିବା ପ୍ରାୟ ୪୬ ପରିବାର ଏବେ ଚିନ୍ତାରେ । ଏଥିପାଇଁ ଜମିରେ ଭୋଗଦଖଲ କରୁଥିବା ଲୋକମାନେ ଜିଲ୍ଲା ଦେବୋତ୍ତର ଅଧିକାରୀ ଓ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଜମିରେ ହୋଇଥିବା ନିଲାମକୁ ରଦ୍ଦ କରିବା ପାଇଁ ଦାବି କରିଥିବା ବେଳେ ପ୍ରଶାସନ ଓ ସରକାର ତୁରନ୍ତ ସେମାନଙ୍କୁ ନ୍ୟାୟ ଦେବାନେଇ ଆଶା ରଖିଛନ୍ତି ।

## ବିଧାୟକଙ୍କ ଦ୍ୱାରା ଦୁଇଟି ପ୍ରକଳ୍ପର ଶିଳାନ୍ୟାସ

**ଧର୍ମଶାଳା,୨୩।୬/ଏନ୍‌ଏନ୍‌ଏସ୍‌:** ଧର୍ମଶାଳା ବ୍ଲକ୍‌ର ଦୁଇଗୋଟି ସ୍ଥାନରେ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣର ପାଇଁ ଅଜି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଶିଳାନ୍ୟାଶ କରିଛନ୍ତି । ଯାଜପୁର ୨ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୁସ୍ତିରା ବାତ୍ୟା ଆଶ୍ରୟସ୍ଥଳୀ ଠାରୁ ଖପରାନଳି ଦେଇ ଅଣ୍ଟିଆ ଉପର ସାହି ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ୩କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁଥିବା ରାସ୍ତାର ଶିଳନ୍ୟାସ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଶିଳାନ୍ୟାଶ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାସ୍ତାର ଶିଳାନ୍ୟାଶ କରିଥିଲେ । ସେହିପରି ୩କୋଟି ୧୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଣ୍ଟିଗଡ଼ିଆ ଠାରୁ କୁସୁନପୁର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଓ ପ୍ରସସ୍ତିକରଣ ପାଇଁ ବିଧାୟକ ଶ୍ରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି । ଉଭୟ ସ୍ଥାନରେ ରାସ୍ତା ନବୀକରଣ ହେବା ଫଳରେ ହଜାର ହଜାର ଲୋକେ ସୁରୁଖୁରରେ ଯାତାୟତ କରିବାର ସୁବିଧା ପାଇପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିଥିଲେ । ବିଧାୟକଙ୍କ ସହିତ ଏହି ଶିଳାନ୍ୟାଶ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ସାହୁ, ବିଜେପି ଜୋନ ସଭାପତି ଶିବୁଲି ଧିର, ଦେବଦତ ପଣ୍ଡା, ଜିତେନ୍ଦ୍ର ରାଉତ, ପ୍ରଭାରୀ ରାଜେଶ ପାଳ, ଅଭିଶେକ ରାଉତ, ସମିତିସଭ୍ୟ ଅରୁପାନନ୍ଦ ଜେନା, ବିଶ୍ୱଜିତ ପୃଷ୍ଟି, ଅତ୍ମାର ଅଧ୍ୟକ୍ଷ ଉପେନ୍ଦ୍ର କର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ଉଭୟ ସ୍ଥାନରେ ହଜାର ହଜାର ସଂଖ୍ୟାରେ ବିଜେପି ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ରହି ବିଧାୟକ ଶ୍ରୀ ସାହୁଙ୍କୁ ଏକ ଖୋଲା ଜିପରେ ବସାଇ ବାଜା, ବାଣ ସହ ଶୋଭାଯାତ୍ରାରେ ଶିଳାନ୍ୟାଶ ସ୍ଥଳକୁ ପାଛୋଟି ନେଇଥିଲେ ।

## ଚୋରା କାଠ ଜବତ, ଜଣେ ଅଟକ



**କାମାକ୍ଷାନଗର,୨୩।୬/ଏନ୍‌ଏନ୍‌ଏସ୍‌:** କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ କଇଁବିଲି ଗ୍ରାମରେ ଚୋରା କାଠ ଜବତ, ଜଣେ ଅଟକ । ସୂଚନା ଅନୁସାରେ, କଇଁବିଲି ଗ୍ରାମର ଅଖିଳ କୁମାର ସାହୁଙ୍କ ଘରେ ପୁଲିସ ସର୍ଚ୍ଚୱାରେଣ୍ଟ ମାଧ୍ୟମରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଅଖିଳଙ୍କ ଘରେ ଚୋରା ଶାଳ, ଶାଗୁଆନ ଓ ମଇ କାଠ ରହିଥିବା ଦେଖି ପୁଲିସ ତରଫରୁ ବନବିଭାଗକୁ ସୂଚନା ଦିଆଯାଇଥିଲା । ଖବରପାଇ ବନବିଭାଗ ପହଞ୍ଚି ଚୋରାକାଠ ଜବତ କରିଥିବା ବେଳେ ଜଣଙ୍କୁ ଅଟକ ରଖିଛି । କୋଡିଏ ସିଫ୍ଟର କାଠ ଓ ଗଣ୍ଡି ଜବତ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୫୦ ହଜାର ହୋଇଥିବା ବନବିଭାଗ ତରଫରୁ ସୂଚନା ମିଳିଛି ।

## ଭୂମିହୀନରେ ପାଇଥିବା ପଟ୍ଟାକୁ ବାତିଲ୍ ଦାବିରେ ଗାଁ ଲୋକଙ୍କ ଗଣଧାରଣା

**ରାଜନଗର,୨୩।୬/ଏନ୍‌ଏନ୍‌ଏସ୍‌:** ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ନରଣଗଡ଼ ଗ୍ରାମର ଗ୍ରାମବାସୀମାନେ ଭୂମିହୀନରେ ପାଇଥିବା ଘରବାରୀ ପଟ୍ଟା ବାତିଲ ପାଇଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିବା ଦେଖିବାକୁ ମିଳିଛି । ସେମାନଙ୍କ ଅଭିଯୋଗ ମୁତାବକ, କାନଫୁଲିଆ ଗ୍ରାମରେ ବାସ କରୁଥିବା ସ୍ୱର୍ଗତ ମହେଶ୍ୱର ବାରିକଙ୍କ ପୁଅ ନିରଞ୍ଜନ ବାରିକ ଓ ଫକିରମୋହନ ବାରିକଙ୍କୁ ୧୯୯୮ ମସିହାରେ ମୌଜା- ନରଣଗଡ, ଖାତା ନଂ- ୨୪, (ରକ୍ଷିତ), ପ୍ଲଟ ନଂ- ୧୧୪ରୁ ୪ଡିସିମିଲ ଲେଖାଏଁ ୮ଡିସିମିଲ୍ ଘରବାରୀ ପଟ୍ଟା ମିଳିଥିଲା । ସେହି ପଟ୍ଟା ବାତିଲ ଦାବିରେ ସିଦ୍ଧେଶ୍ୱର ଚମ୍ପତିରାୟ, ଭାଗ୍ୟଧର ଚମ୍ପତିରାୟ, ରାଜକିଶୋର ଚମ୍ପତିରାୟ, ଶାନ୍ତିଲତା ଚମ୍ପତିରାୟ, ବୈକୁଣ୍ଠନାଥ ରାଉତ, ମମତା ନାୟକ, ବିଚିତ୍ର ଦାସ, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ସନ୍ଧ୍ୟା ପର୍ଯ୍ୟନ୍ତ ଗଣଧାରଣାରେ ବସି ରହିଥିଲେ । ସେମାନେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ, ମହେଶ୍ୱର




ବାରିକଙ୍କ ନାମରେ ଏହି ତହସିଲ ଅନ୍ତର୍ଗତ ନଗଡ ମୌଜାରେ ଘରବାରୀ ଜାଗା ରହିଛି । ନିରଞ୍ଜନ ବାରିକଙ୍କ ନାମରେ ମୌଜା କାନଫୁଲିଆ ଖାତା ନଂ- ୫୧/୪୩ରେ ୨୮ଡିସିମିଲ ଓ ଫକିର ମୋହନ ବାରିକଙ୍କ ନାମରେ କାନଫୁଲିଆ ମୌଜାରେ ୪୩ଡିସିମିଲ ଜାଗା ଅଛି । ସେମାନେ ଭୂମିହୀନ ନୁହଁନ୍ତି ବୋଲି ଦାବି କରି ଭୂମିହୀନରେ ପାଇଥିବା ପଟ୍ଟାକୁ ବାତିଲ କରିବାକୁ ଧାରଣା ଦେଇଥିଲେ । ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଧାରଣାସ୍ଥଳରେ ପହଞ୍ଚି ପଟ୍ଟା ବାତିଲ କରିବା ତହସିଲଦାରଙ୍କ କ୍ଷମତା ପରିସରଭୁକ୍ତ ନୁହେଁ । ଏଥିପାଇଁ ଉଚ୍ଚ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।ଜାଗା ଚିହ୍ନଟକୁ ସ୍ଥଗିତ ରଖାଗଲା ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଅପରପକ୍ଷରେ ଭୂମିହୀନ ପଟ୍ଟା ପାଇଥିବା ନିରଞ୍ଜନ ଓ ଫକିରଙ୍କ ପ୍ରତିକ୍ରିୟା ଲୋଡିବାରୁ ସେମାନେ କହିଥିଲେ ଯେ, ନଗଡରେ ଆମ ପିତା ଜନ୍ମଗ୍ରହଣ କରିଥିଲେ । ସେଠାରୁ ଉଠିଆସି କାନଫୁଲିଆ ମୌଜାରେ ଦୀର୍ଘ ୭୦ବର୍ଷରୁ ଊର୍ଦ୍ଧ୍ୱକାଳ ବସବାସ କରି ଆସୁଥିଲେ । ଆମ୍ଭେ କାନଫୁଲିଆ ମୌଜାର ସରକାରୀ ଜାଗାରେ ରହି ଆସୁଛୁ । ଭୂମିହୀନ ଥିବାରୁ ଆମ୍ଭ ଦୁଇ ଭାଇଙ୍କୁ ସରକାର ୪ଡିସିମିଲ ଲେଖାଏଁ ଘରବାରୀ ପଟ୍ଟା ଦେଇଥିଲେ । ପିତା ମହେଶ୍ୱରଙ୍କ ନାମରେ ଥିବା ଭୂ-ସମ୍ପତି ୨୪ଡିସିମିଲକୁ ସେଠାରେ ଥିବା କୁଟୁମ୍ବମାନେ ଭାଗ ବଣ୍ଟା କରି ନେଇଯାଇଛନ୍ତି । ସେଥିରେ ଆମର କୌଣସି ଦାବି ନାହିଁ । ଅପରପକ୍ଷରେ ଆମେ ୨୦୧୧ ମସିହାରେ କାନଫୁଲିଆ ମୌଜାରେ ଜାଗା କିଣିଛୁ । ୧୯୯୮ ମସିହାରେ ଭୂମିହୀନ ଯୋଗୁଁ ପଟ୍ଟା ମିଳିଥିଲା । ଭୂମିହୀନରେ ପଟ୍ଟା ପାଇଥିବା ବ୍ୟକ୍ତି କଣ ଜାଗା କିଣି ପାରିବ ନାହିଁ ବୋଲି ଓଲଟି ପ୍ରଶ୍ନ କରିଥିଲେ ।

**ନିତି ଭାରତୀ** | କୌଣସି ଶିଶୁକୁ ତୁମର ଶିକ୍ଷା ଭିତରେ ସୀମିତ କରି ରଖନାହିଁ, କାରଣ ସେ ତୁମ ସମୟରେ ନୁହେଁ, ଅନ୍ୟ ଏକ ସମୟରେ ଜନ୍ମଲାଭ କରିଛି । - **ରବୀନ୍ଦ୍ର ନାଥ ଠାକୁର**

ନିତିଦିନ NITIDIN
ବୁଧବାର, ୨୪ ଜୁନ ୨୦୨୬

# ଜାଲ୍ ପ୍ରମାଣପତ୍ର



ବିମଳ ଷଡ଼ଙ୍ଗୀ

ନିକଟରେ ଓଡ଼ିଶାରେ ସଂଘଟିତ ଜାଲ୍ ନର୍ସିଂ ସାର୍ଟିଫିକେଟ ଦ୍ୱାରା ଚାକିରି କରିଥିବା କିଛି ସେବିକାଙ୍କୁ ଧରାଯାଇଛି, ଯାହା ଆମକୁ ଗୋଟିଏ ନୂଆ ପରମ୍ପରା ଭଳି ଲାଗିପାରେ । ଅବଶ୍ୟ ଜାଲ୍ ଶିକ୍ଷାନୁଷ୍ଠାନର ପ୍ରମାଣପତ୍ର ଏବଂ ଜାଲ୍ ପ୍ରମାଣପତ୍ର- ଦୁଇଟିଯାକ ଏକା କଥା । ବିନା ଗୁରୁ, ବିନା ଭିତ୍ତିଭୂମି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ପାଠ ପଢ଼ିବା ଯାହା, ପାଠ ନ ପଢ଼ି ସାର୍ଟିଫିକେଟ କିଣି ଚାକିରି କରିବା ଏକା କଥା । ଭାରତରେ ଡାକ୍ତରୀ ଶିକ୍ଷାକୁ ସବୁ ସମୟରେ ସମ୍ମାନ ଓ ସେବାର ପ୍ରତୀକ ଭାବେ ଦେଖାଯାଇଛି । ଜଣେ ଡାକ୍ତର କେବଳ ନିଜର ପେସାକୁ ଜାରି ରଖିବା ପାଇଁ ଶିକ୍ଷା ପାଇ ନଥାଏ, ବରଂ ମଣିଷର ଜୀବନ ରକ୍ଷକ ଭାବରେ ସମାଜରେ ତା'ର ଗୋଟିଏ ନିର୍ଦ୍ଦିଷ୍ଟ ପରିଚୟ ରହିଛି । କିନ୍ତୁ ବିଗତ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଭାରତସାରା ମେଡିକାଲ୍, ନର୍ସିଂ, ପାରା ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜ ଅନୁମୋଦନକୁ ନେଇ ଯେଉଁ ଭୟାବହ ଦୁର୍ନୀତି ସାମ୍ନାକୁ ଆସିଛି, ତାହା ଭାରତର ଡାକ୍ତରୀ ଓ ଆନୁଷଙ୍ଗିକ ଚିକିତ୍ସା ଶିକ୍ଷା ଓ ସମସ୍ତ ବୈଷୟିକ ଶିକ୍ଷା ବ୍ୟବସ୍ଥାର ମୂଳ ଭିତ୍ତିକୁ ଦୋହଲାଇ ଦେଇଛି । କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଦ୍ୱାରା ଧରା ପଡ଼ିଥିବା ବହୁତ ଘଟଣା ମଧ୍ୟରୁ ଅଳ୍ପ କିଛି ଘଟଣା କେବଳ ଗୋଟିଏ ଆର୍ଥିକ ଦୁର୍ନୀତି ନୁହେଁ, ଏହା ଭବିଷ୍ୟତର ପ୍ରଚଳିତ ସ୍ୱାସ୍ଥ୍ୟ ଓ ବୈଷୟିକ ଶିକ୍ଷା ବ୍ୟବସ୍ଥା ଉପରେ ଗୋଟିଏ ଗୁରୁତର ଆଘାତ ଦେଇଛି ।

ସମ୍ପ୍ରତି ସିବିଆଇ ଦେଶର ବିଭିନ୍ନ ରାଜ୍ୟରେ ଥିବା ଅନେକ ପ୍ରାଇଭେଟ୍ ମେଡିକାଲ୍ କଲେଜ ଉପରେ ଚଢ଼ାଉ କରିଥିଲା । ତଦନ୍ତରେ କେତେକ ଚମତ୍କାର ତଥ୍ୟ ସାମ୍ନାକୁ ଆସିଥିଲା । କେତେକ କଲେଜ ଯଥାର୍ଥ ଡାକ୍ତର, ରୋଗୀ ଓ ଆବଶ୍ୟକ ଢାଞ୍ଚା ନଥିବା ସତ୍ତ୍ୱେ ଇଞ୍ଜିନିୟରିଂ ଶିକ୍ଷା ବ୍ୟବସ୍ଥା ଭଳି ଲାଞ୍ଚ କାରବାର ମାଧ୍ୟମରେ ଜାତୀୟ ମେଡିକାଲ କମିଶନଙ୍କ (ଏନଏମସି)ଠାରୁ ଅନୁମୋଦନ ଲାଭ କରିଥିଲେ । ନିକଟରେ ରାୟପୁରର ଶ୍ରୀ ରାୱତପୁରା ସରକାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ଏହି ଘଟଣାର ସବୁଠାରୁ ବଡ଼ ଉଦାହରଣ ଭାବେ ଦେଖା ଦେଇଛି । ସିବିଆଇ ତଦନ୍ତରେ ଅଭିଯୋଗ ହୋଇଛି ଯେ କଲେଜ କର୍ତ୍ତୃପକ୍ଷ ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଦିନକୁ ୧୫୦-୨୦୦ ଟଙ୍କା ଦେଇ ହସ୍ପିଟାଲରେ 'ନକଲି ରୋଗୀ' ଭାବେ ଶୁଆଇ ରଖୁଥିଲେ । ଯେତେବେଳେ ଏନ୍‌ଏମ୍‌ସି ଟିମ୍ ନିରୀକ୍ଷଣ ପାଇଁ ଆସୁଥିଲେ, ସେତେବେଳେ ଏହି ଲୋକମାନଙ୍କୁ ରୋଗୀ ଭାବରେ ମେଡିକାଲରେ ଭର୍ତ୍ତି କରାଯାଇ ରୋଗୀ ଭାବରେ ଚିତ୍ରିତ କରା ଯାଉଥିଲା । ଯଦିଓ ବିଗତ ୪୦ ବର୍ଷ ଧରି ଭାରତର ପ୍ରତ୍ୟେକ ଘରୋଇ ମେଡିକାଲ କଲେଜ ଏହି ପ୍ରଥା ମାଧ୍ୟମରେ ବର୍ଷ ବର୍ଷ ଧରି ସେମାନଙ୍କର ଅନୁମୋଦନ ଲାଭ କରି ଆସୁଛନ୍ତି, ଯାହା କିଛି ନୂଆ ଘଟଣା ନୁହେଁ, ମାତ୍ର ସିବିଆଇ ପାଇଁ ଏହା ନୂଆ ।

୧୯୬୩ ମସିହା ଏପ୍ରିଲ ୧ ତାରିଖରୁ ସିବିଆଇ ଦେଶରେ ଗୋଟିଏ ପ୍ରତିଷ୍ଠିତ ସଂସ୍ଥା ଭାବରେ ସ୍ୱୀକୃତି ଲାଭ କରି ଆସିଛି । ମାତ୍ର ଦୀର୍ଘ ୫୩ ବର୍ଷ ପରେ ଶହ ଶହ ଘରୋଇ ମେଡିକାଲ କଲେଜ ମଧ୍ୟରୁ ସିବିଆଇ କେବଳ ଗୋଟିଏ ଦୁଇଟି କଲେଜକୁ ଧରିବାକୁ ସକ୍ଷମ ହୋଇଛନ୍ତି, ଯାହା ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ । ଦେଶର ଇଞ୍ଜିନିୟରିଂ ଶିକ୍ଷା ଦୁର୍ନୀତି ତା'ଠାରୁ ଆହୁରି ଭୟଙ୍କର । ଜଣେ ଡାକ୍ତର ନିଜର ଭୁଲ୍ ଚିକିତ୍ସା ପାଇଁ ଥରକୁ ଜଣେ ରୋଗୀକୁ ମାରିପାରେ, ମାତ୍ର ଜଣେ ଇଞ୍ଜିନିୟରର ଗୋଟିଏ ଛୋଟ ଭୁଲ୍ ଦେଶର କୋଟି କୋଟି ସାଧାରଣ ଜନତାଙ୍କୁ ମୃତ୍ୟୁ ମୁଖକୁ ନେଇଯିବାକୁ ସକ୍ଷମ ହୋଇ ପାରିବ । ଗୋଟିଏ ବ୍ରିଜ୍ ବା ଆପାର୍ଟମେଣ୍ଟ ଭୁଶୁଡ଼ିଲେ ଏକା ଥରକେ ଶହ ଶହ ଲୋକ ମୃତ୍ୟୁ ମୁଖରେ ପଡ଼ିବେ । ମାତ୍ର ସିବିଆଇର ନାକ ତଳେ ଦେଶର ପ୍ରାୟ ସମସ୍ତ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ ଜାଲ କାଗଜପତ୍ର ଦ୍ୱାରା ସେମାନଙ୍କର ସମସ୍ତ ଅନୁମୋଦନ ଓ ଉତ୍କର୍ଷର ମାନକ ହାତେଇବାକୁ ସମର୍ଥ ହୋଇ ଆସୁଛନ୍ତି । ତେବେ, ଡେରିରେ ହେଲେ ବି ସିବିଆଇର ପଦକ୍ଷେପ ସ୍ୱାଗତଯୋଗ୍ୟ । ମାତ୍ର ଆମକୁ ମାନିବାକୁ ପଡ଼ିବ ଯେ ଏପରି ଧୋକାବାଜି ମନୋବୃତ୍ତି ଭାରତର ପ୍ରାୟ ସମସ୍ତ ଘରୋଇ ଶିକ୍ଷା ବ୍ୟବସାୟୀଙ୍କର ଅଛି । ତେଣୁ ଆମର ଶାସନତନ୍ତ୍ର କେବଳ ସିବିଆଇକୁ ଧରିବାକୁ କହି ନିଜ କର୍ମରୁ ନିବୃତ୍ତ ରହିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ।




ଘରୋଇ ମେଡିକାଲ କଲେଜରେ ଜବତ ହୋଇଥିବା ଆହୁରି ଗୋଟିଏ ସବୁଠାରୁ ଭୟଙ୍କର ତଥ୍ୟ ହେଉଛି, କେତେକ ଅନୁଷ୍ଠାନରେ ଶେଷ ବର୍ଷର ଏମ୍‌ବିବିଏସ୍ ଛାତ୍ରମାନଙ୍କୁ ମଧ୍ୟ 'ପ୍ରଫେସର' ବା 'ଫ୍ୟାକଲ୍ଟି' ଭାବେ ଦେଖା ଯାଉଥିଲା, ଯାହା ଏବେ ବି ଭାରତର ସବୁ ଘରୋଇ ମେଡିକାଲ, ଇଞ୍ଜିନିୟରିଂ କଲେଜ ଓ ଘରୋଇ ବିଶ୍ୱବିଦ୍ୟାଳୟମାନଙ୍କର ଅନୁମୋଦନ ବା ଉତ୍କର୍ଷ ଲାଭ କରିବାର ଗୋଟିଏ ପଦ୍ଧତି । ଅର୍ଥାତ୍ ଯେଉଁ ସଂସ୍ଥା ଡାକ୍ତର ବା ଇଞ୍ଜିନିୟର ତିଆରି କରିବାକୁ ଉଦ୍ଦିଷ୍ଟ, ସେଠାରେ ଶିକ୍ଷା ବ୍ୟବସ୍ଥା ନକଲି ବ୍ୟବସ୍ଥା ଆଧାରରେ ପ୍ରଚଳିତ । ଅହମଦାବାଦ ନିକଟସ୍ଥ କାଲୋଲର ସ୍ୱାମୀନାଥନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ମଧ୍ୟ ସିବିଆଇ ଓ ଇଡି ତଦନ୍ତ ଅଧୀନରେ ଆସିଥିଲା । ସେଠାକାର ଅଭିଯୋଗ ହେଉଛି ଯେ କଲେଜ ପରିଚାଳନା କମିଟି ପକ୍ଷରୁ ଏନ୍‌ଏମ୍‌ସି ନିରୀକ୍ଷକଙ୍କୁ ଲାଞ୍ଚ ଦେଇ ଅନୁମୋଦନ ଲାଭ କରାଯାଉଥିଲା । ଏହି ମାମଲାରେ ଅନେକ କେନ୍ଦ୍ରୀୟ ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ନାମ ମଧ୍ୟ ଆସିଥିଲା । ସିବିଆଇ ଅନୁସାରେ, ଏହି ଦୁର୍ନୀତିର ମୂଳରେ ଥିଲା ଗୋଟିଏ ସଂଗଠିତ ଜାଲ କାରବାର । କିଛି ଅଧିକାରୀ ଗୁପ୍ତ ଭାବରେ ନିରୀକ୍ଷଣ ତାରିଖ ପୂର୍ବରୁ କଲେଜକୁ ଜଣାଉ ଥିଲେ । ତା' ପରେ କଲେଜ ପକ୍ଷରୁ ଅସ୍ଥାୟୀ ଭାବେ ସାଧାରଣ ବ୍ୟକ୍ତି ଓ ଡାକ୍ତରମାନଙ୍କୁ ବିଭିନ୍ନ ଜାଲ୍ ପରିଚୟ ପତ୍ର ଆଧାରରେ ଭଡ଼ାରେ ଅଣା ଯାଉଥିଲା, ନକଲି ଉପସ୍ଥାନ ତିଆରି କରା ଯାଉଥିଲା ଏବଂ ରୋଗୀ ସଂଖ୍ୟା ବଢ଼ାଇ ଦେଖା ଯାଉଥିଲା, ଯାହା ଆମ ରାଜ୍ୟର ପ୍ରତ୍ୟେକ ଘରୋଇ ଇଞ୍ଜିନିୟରିଂ, ମେଡିକାଲ କଲେଜ ଓ ଘରୋଇ ଇଞ୍ଜିନିୟରିଂ, ମେଡିକାଲ ବିଶ୍ୱବିଦ୍ୟାଳୟମାନଙ୍କର ଗୋଟିଏ ସାଧାରଣ କାର୍ଯ୍ୟର ମାଧ୍ୟମ । ଓଡ଼ିଶାର ସମସ୍ତ ନର୍ସିଂ ଓ ପାରାମେଡିକାଲ ଅନୁଷ୍ଠାନ ମଧ୍ୟ ସେହିଭଳି ଜାଲ କାଗଜପତ୍ର ଆଧାରରେ ଦଲାଲମାନଙ୍କ ଦ୍ୱାରା ପରିଚାଳିତ ।

ସିବିଆଇ ଦ୍ୱାରା ଏହି ଘଟଣା ଦେଶରେ ଗୋଟିଏ ଭୟଙ୍କର ପ୍ରଶ୍ନ ସାମ୍ନାକୁ ଆଣିଛି । ଯଦି ମେଡିକାଲ କଲେଜ ବା ବୈଷୟିକ ଅନୁଷ୍ଠାନଗୁଡ଼ିକ ଏହିପରି ଦୁର୍ନୀତି ଉପରେ ଗଢ଼ାଯାଏ, ତେବେ ସେଠାରୁ ଉତ୍ତୀର୍ଣ୍ଣ ଡାକ୍ତରମାନଙ୍କ ଗୁଣ, ମାନ କେମିତି ହେବ ? ଜଣେ ରୋଗୀ ଯେତେବେଳେ ଡାକ୍ତରଙ୍କୁ ଜୀବନ ରକ୍ଷା ଭରସାରେ ଦେଖେ, ସେତେବେଳେ ସେହି ଡାକ୍ତର ଯଦି ଅପୂର୍ଣ୍ଣ ଶିକ୍ଷାପ୍ରାପ୍ତ ହୋଇଥାଏ, ତେବେ ସମଗ୍ର ସମାଜ ଗୋଟିଏ ବିକୃତ ଅବସ୍ଥାର ଦାସ ହୋଇଯିବ । ଭାରତରେ ବହୁ ପୂର୍ବରୁ ମେଡିକାଲ ଶିକ୍ଷା ବ୍ୟବସ୍ଥାରେ ଏମ୍‌ସିଆଇ ଉପରେ ମଧ୍ୟ ଏଭଳି ଦୁର୍ନୀତିର ଅଭିଯୋଗ ଥିଲା । ସେଥିପାଇଁ ଏମ୍‌ସିଆଇକୁ ବିଲୋପ କରି ଏନ୍‌ଏମ୍‌ସି ଗଠନ କରାଯାଇଥିଲା । ଲୋକମାନେ ଭାବିଥିଲେ ଯେ ନୂଆ ବ୍ୟବସ୍ଥା ଦୁର୍ନୀତିକୁ ରୋକିବ । କିନ୍ତୁ ଆଜି ପୁଣି ସେଇ ଅଭିଯୋଗ ଆସୁଥିବାରୁ ସାଧାରଣ ଲୋକଙ୍କ ବିଶ୍ୱାସ ଭାଙ୍ଗି ପଡୁଛି, କାରଣ ନୂଆ ବୋତଲରେ ପୁରୁଣା ମଦ ଭରି ରହିଛି, ଅର୍ଥାତ୍ ସଂସ୍ଥା ବଦଳିଲେ ଲୋକ ଚରିତ୍ର ବଦଳି ନଥାଏ, ମାତ୍ର ଲୋକ ଚରିତ୍ର ବଦଳିଲେ ସେହି ସଂସ୍ଥା ଭଲ ଭାବରେ ଚାଲିବ । ଯେପରି ଇଞ୍ଜିନିୟରିଂ ବ୍ୟବସ୍ଥାରେ ଏଆଇସିଟିଇ, ନ୍ୟାକ୍, ଏନ୍‌ବିଏ ଓ ଓଡ଼ିଶାର ବିପିୟୁଟି ଆଦି ସଂଗଠନଗୁଡ଼ିକ ବହୁ ବର୍ଷ ଧରି ଓଡିଶାର ଲୋକଙ୍କ ବିଶ୍ୱାସରେ ବିଷ ଦେଇ ଚାଲିଛନ୍ତି । କାରଣ, ଆମ ବ୍ୟବସ୍ଥାରେ ବିଷାକ୍ତ ଲୋକଙ୍କ ଆଡ୍ଡା ଜମିଛି । ଯେଉଁମାନେ ଅଧିକାରୀ ବୋଲି ଅବସ୍ଥାପିତ, ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଜାଲ୍ ଓ ସେମାନେ ଜାଲିଆତି ମାଧ୍ୟମରେ ନିଜର ଚାକିରି ହାତେଇବାକୁ ସକ୍ଷମ ହୋଇ ଦେଶ ଓ ରାଜ୍ୟର କ୍ଷତି କରି ଚାଲିଛନ୍ତି । ଏହି ଘଟଣା ପରେ ଏନ୍‌ଏମ୍‌ସି କେତେକ ସମୟ ପାଇଁ ନୂଆ ମେଡିକାଲ କଲେଜ ଅନୁମୋଦନ ଓ ସିଟ୍ ବୃଦ୍ଧିକୁ ଅଟକାଇ ଦେଇଥିଲା, ଯାହା ପ୍ରମାଣ କରେ ଯେ ସମସ୍ୟା ଅତ୍ୟନ୍ତ ଗମ୍ଭୀର ଓ ବ୍ୟବସ୍ଥାଗତ । ଭାରତର ସମାଜ ବିଜ୍ଞାନୀମାନଙ୍କ ମତରେ, ଯେତେବେଳେ ଶିକ୍ଷା ଗୋଟିଏ 'ବ୍ୟବସାୟ'ରେ ପରିଣତ ହୁଏ, ସେତେବେଳେ ଗୁଣ, ମାନ ଓ ନୀତି ଦୁଇଟିଯାକ ନଷ୍ଟ ହୋଇଯାଏ । ଆଜି ଅନେକ ପ୍ରାଇଭେଟ୍ ମେଡିକାଲ୍ ଓ ଇଞ୍ଜିନିୟରିଂ କଲେଜ ଓ ବିଶ୍ୱବିଦ୍ୟାଳୟରେ କୋଟି କୋଟି ଟଙ୍କାର ଫିସ୍ ନିଆ ଯାଉଛି, ଯେଉଁଠାରେ କି ଶିକ୍ଷା ଓ ସେବାର ମାନ ଆଦର୍ଶ ରହିବା ଉଚିତ୍ । ମାତ୍ର ସେଠାରେ ଲାଭ ଓ ପ୍ରଭାବର ରାଜନୀତି ଚାଲିଛି । ଡକ୍ଟର ବିଆର୍ ଆମ୍ବେଦକର କହିଥିଲେ, 'ଶିକ୍ଷା ହେଉଛି ସମାଜର ସର୍ବୋତ୍ତମ ଅସ୍ତ୍ର ।' କିନ୍ତୁ ଯଦି ସେହି ଶିକ୍ଷା ନିଜେ ଦୁର୍ନୀତିରେ ଦୂଷିତ ହୋଇଯାଏ, ତେବେ ସମାଜର ଭବିଷ୍ୟତ ଅନ୍ଧକାରମୟ ହେବା ନିଶ୍ଚିତ । ତେଣୁ, ସ୍ୱଚ୍ଛ ଶାସନ ବ୍ୟବସ୍ଥା ପାଇଁ ଆବଶ୍ୟକ ନିରୀକ୍ଷଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଡିଜିଟାଲ୍ ଓ ସ୍ୱଚ୍ଛ କରିବା, ତୃତୀୟ ପକ୍ଷ ନିରୀକ୍ଷଣ ବ୍ୟବସ୍ଥାକୁ ସକ୍ରିୟ କରିବା, ଭୁଲ୍ ଅନୁମୋଦନ ପାଇଥିବା କଲେଜ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ସୁରକ୍ଷିତ ରଖିବା ସହିତ ସେମାନଙ୍କୁ ଘଣ୍ଟ ଘୋଡ଼ାଇ ଥିବା ଅଧିକାରୀମାନଙ୍କୁ ତୁରନ୍ତ କାର୍ଯ୍ୟରୁ ଅପସାରଣ କରି କଠୋର ଦଣ୍ଡିତ କରିବା ଜରୁରୀ । କାରଣ, ଏହା କେବଳ କଲେଜ ବା ବିଶ୍ୱବିଦ୍ୟାଳୟ ଅନୁମୋଦନ ବା ଉତ୍କର୍ଷ ପ୍ରମାଣପତ୍ର ହାତେଇବାର ଦୁର୍ନୀତି ନୁହେଁ, ଏହା ଭାରତ ତଥା ଓଡ଼ିଶାର ଭବିଷ୍ୟତର ସ୍ୱାସ୍ଥ୍ୟ ଓ ବୈଷୟିକ ଶିକ୍ଷା ବ୍ୟବସ୍ଥା ସହ ଖୋଲାଖୋଲି ସରକାରୀ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ । ଯଦି ଆଜି ଏହାକୁ ଆମ ଗଣତନ୍ତ୍ରର ସୁରକ୍ଷା ଦାୟିତ୍ୱରେ ଥିବା ରାଜ୍ୟ ଓ ରାଷ୍ଟ୍ରମୁଖ୍ୟ ନେତୃତ୍ୱ ବନ୍ଦ କରିବାକୁ ମନୋଭାବ ଆଣି ରୋକିବେ ନାହିଁ, ତେବେ ଆସନ୍ତା କାଲି ସାଧାରଣ ଲୋକଙ୍କ ଜୀବନ ଏହାର ସବୁଠାରୁ ବଡ଼ ମୂଲ୍ୟ ଦେବ ଓ ଭବିଷ୍ୟତ ବଂଶଧରଙ୍କୁ ଖୋଜି ପାଇବା କଷ୍ଟକର ହୋଇ ପଡ଼ିବ ।

**ମୋ: ୯୪୩୭୧୨୩୮୯୨**

# ବିରଳ ଜନନେତା



ହିମାଂଶୁ ଶେଖର ଆଚାର୍ଯ୍ୟ

କୁହାଯାଏ- 'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁଃ' । ଅର୍ଥାତ୍ ଏ ଧରା ପୃଷ୍ଠରେ ଯିଏ ଜନ୍ମ ନେଇଛି, ତା'ର ମୃତ୍ୟୁ ଅନିବାର୍ଯ୍ୟ । କିନ୍ତୁ କେତେକ ପୁଣ୍ୟଶ୍ଳୋକଙ୍କ ଜୀବନ ପରିଧି ଓ ଜୀବନାଦର୍ଶକୁ ଲକ୍ଷ୍ୟ କଲେ ଏ କଥାଟି କେମିତି ଭୁଲ୍ ବୋଲି ପ୍ରମାଣିତ ହୋଇଯାଏ । ଅନ୍ୟ ଭାବରେ କହିଲେ, ସେହି ମହାନ୍ ଆତ୍ମାଙ୍କ ସ୍ଥୂଳ ଶରୀରର ବିଲୟ ସିନା ଘଟେ, ମାତ୍ର ତାଙ୍କ ଯଶ, କୀର୍ତ୍ତି ଓ ତ୍ୟାଗପୂତ ଜୀବନର ପ୍ରଭାବକୁ ମହାକାଳ ଆଦୌ ବିଲୟ କରିପାରେ ନାହିଁ । ଜନମାନସରେ ସେମାନେ ଜିଇଁ ରହନ୍ତି କାଳ କାଳକୁ । ସେହିପରି ଏକ କାଳଜୟୀ ସତ୍ତାର ଅଧିକାରୀ ଥିଲେ ସ୍ୱର୍ଗୀୟ ନବକୃଷ୍ଣ ଚୌଧୁରୀ । ଗାନ୍ଧିବାଦୀ ଚିନ୍ତା ଓ ଚେତନାର ସେ ହିଁ ଥିଲେ ପ୍ରକୃତ ପୂଜାରୀ ଓ ତାଙ୍କ ପରି ଜନନାୟକ ଆଜିର ଦୁନିଆରେ ବିରଳ- ଏଥିରେ ସନ୍ଦେହର ଅବକାଶ ନାହିଁ । ସେଥିପାଇଁ ତ ଏକ ଆଭିଜାତ୍ୟସମ୍ପନ୍ନ ଜମିଦାର ପରିବାରରେ ଜନ୍ମ ହେଲେ ବି ଖଦଡ଼ର ନିରାଡ଼ମ୍ବର ପରିଚ୍ଛଦ ଓ ଉତ୍ସର୍ଗୀକୃତ ମନୋଭାବ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଭୂଷଣ । କୌଣସି ପରିସ୍ଥିତିରେ ସେ ନିଜ ନୀତି ଓ ଆଦର୍ଶରୁ ବିଚ୍ୟୁତ ହୋଇ ନଥିଲେ- ଏହା ହିଁ ଥିଲା ତାଙ୍କର ବିଶେଷତ୍ୱ ।

ନବକୃଷ୍ଣ ଚୌଧୁରୀ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାମ୍ୟବାଦୀ ଚିନ୍ତା ଓ ଚେତନାର ପୂଜାରୀ, କୃଷକ, ଖଟିଖିଆ ମେହନତି ମଣିଷର ସୁଖଦୁଃଖର ସାଥୀ, ସରଳ, ନିରାଡ଼ମ୍ବର ଓ ନିରହଙ୍କାରୀ ମଣିଷ ଏବଂ ସର୍ବୋପରି ଜଣେ ନୀତିନିଷ୍ଠ ଜନନାୟକ । ବାଲ୍ୟ କାଳରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଚିନ୍ତା ଓ ଚେତନା ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ସୌଭାଗ୍ୟକୁ ସେ ଏପରି ଏକ ପରିବାରରେ ଜନ୍ମଗ୍ରହଣ କରିଥିଲେ, ଯେଉଁଠି ଦେଶଟାଯାକର ସ୍ୱପ୍ନ ସେଇ ଘର ଭିତରେ ଜମାଟ ବାନ୍ଧି ରହିଥିଲା । ଘରସାରା ପ୍ରବାହିତ ହେଉଥିଲା ସଂଗ୍ରାମର ଏକ ଆବହାୱା । ଏହି ପରିବାରର ଧୂଳିମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀ, ଉତ୍କଳର ମା' ରମାଦେବୀ, ମହୀୟସୀ ନାରୀ ନେତ୍ରୀ ମାଳତୀ ଚୌଧୁରୀ ଓ ଅଗ୍ନିକନ୍ୟା ଅନ୍ନପୂର୍ଣ୍ଣା ମହାରଣାଙ୍କୁ ଅବା ନ ଜାଣେ କିଏ ? ଏଭଳି ଉତ୍ସର୍ଗୀକୃତ ପରିବାର ଭାରତ ଇତିହାସରେ ବିରଳ । ଏମାନଙ୍କ ପ୍ରେରଣା ହିଁ ତାଙ୍କୁ ଜଣେ ବିପ୍ଳବୀ ଓ ଜନନାୟକ ଭାବେ ଗଢ଼ିବା ନିମନ୍ତେ ଅନୁକୂଳ ପରିବେଶ ଯୋଗାଇ ଥିଲା ।

ପ୍ରାଥମିକ ଶିକ୍ଷା ପରେ ନବକୃଷ୍ଣ ଚୌଧୁରୀଙ୍କ ହାଇସ୍କୁଲ ଶିକ୍ଷା ସମାପ୍ତ ହୋଇଥିଲା କଟକର ପ୍ୟାରୀମୋହନ ଏକାଡେମୀରୁ । ଉଚ୍ଚଶିକ୍ଷା ନିମନ୍ତେ ସେ ୧୯୧୮ ମସିହାରେ ରେଭେନ୍ସା କଲେଜରେ ନାମ ଲେଖାଇଲେ । ୧୯୨୧ ମସିହାର କଥା । ସେତେବେଳେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥାଏ ସମଗ୍ର ଦେଶରେ । ଗାନ୍ଧିଜୀଙ୍କ ଆହ୍ୱାନରେ ଯେଉଁ କଲେଜ ଛାତ୍ରମାନେ ପାଠପଢ଼ା ଛାଡ଼ି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ, ସେମାନଙ୍କ ଭିତରୁ ଜଣେ ଥିଲେ ନବକୃଷ୍ଣ ଚୌଧୁରୀ । ତାଙ୍କ ଆଗରେ ଥିଲା ସୁନେଲି ଭବିଷ୍ୟତ । ସେ ଚାହିଁଥିଲେ ଉଚ୍ଚଶିକ୍ଷା ଲାଭ କରି ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ପାରିଥାନ୍ତେ । ମାତ୍ର ସେସବୁକୁ ପଛରେ ପକାଇ ପାଠରେ ଡୋରି ବାନ୍ଧି ସେ ଝାସ ଦେଲେ ଅସହଯୋଗ ଆନ୍ଦୋଳନରେ । ଆଉ ତା' ପରଠାରୁ ସେ ହୋଇଗଲେ ସଚ୍ଚା ଦେଶଭକ୍ତ ଓ ସ୍ୱାଧୀନତା ସଂଗ୍ରାମୀ । ସେହି ସମୟରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ସାବରମତୀ ଆଶ୍ରମ ସାରା ଦେଶରେ ରଚନାତ୍ମକ କାର୍ଯ୍ୟକ୍ରମ ପାଇଁ ଶ୍ରେଷ୍ଠ ତାଲିମ କେନ୍ଦ୍ର ଥିଲା । ୧୯୨୩ ମସିହାରେ ନବକୃଷ୍ଣ ସାବରମତୀ ଯାତ୍ରା କଲେ ଓ ସେଠାରେ କିଛିଦିନ ରହିଲେ । ଏହି ଆଶ୍ରମର ରହଣି ତାଙ୍କ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଲା ।

ସାବରମତୀ ଆଶ୍ରମରୁ ଫେରି ନବକୃଷ୍ଣ ଚୌଧୁରୀ ତାରକାନାଥ ଦାସଙ୍କ ଭାଷଣ ଶୁଣିବା ପାଇଁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତି ନିକେତନ ଜାତୀୟ ଅନୁଷ୍ଠାନକୁ ଯାଇଥିଲେ । ମଣିକାଞ୍ଚନ ସଂଯୋଗ ଭଳି ସେହି ସମୟରେ ମାଳତୀ ସେନ୍ ସାକ୍ଷାତ ହୋଇଥିଲେ ନବକୃଷ୍ଣଙ୍କ ସହିତ । ତାଙ୍କ ସହିତ ନବକୃଷ୍ଣଙ୍କ ସମ୍ପର୍କ କ୍ରମଶଃ ଘନିଷ୍ଠ ହେଲା । ପରେ ୧୯୨୭ ମସିହା ଜୁଲାଇ ୨୭ ତାରିଖରେ ବଙ୍ଗୀୟ କନ୍ୟା ମାଳତୀ ସେନ୍ ନବକୃଷ୍ଣଙ୍କ ଧର୍ମପତ୍ନୀ ହୋଇ ମାଳତୀ ସେନ୍‌ରୁ ମାଳତୀ ଚୌଧୁରୀରେ ରୂପାନ୍ତରିତ ହୋଇ ମହାନ୍ ବିପ୍ଳବିଣୀ ମହିଳା ହୋଇ ପାରିଥିଲେ । ବିବାହର କିଛିଦିନ ପରେ ନବକୃଷ୍ଣ ସ୍ତ୍ରୀ ମାଳତୀଙ୍କୁ ଧରି ଜଗତସିଂହପୁରଠାରୁ ପ୍ରାୟ ୮ କି.ମି. ଦୂର ତରିକୁନ୍ଦଠାରେ ଥିବା ତାଙ୍କ କୃଷି ଫାର୍ମରେ ଯାଇ ରହିଲେ । ସେଠାରେ ନବକୃଷ୍ଣ ଚାଷ କାମରେ ଲାଗି ପଡ଼ିଲେ ଓ ଜଣେ ଚାଷୀର ପୁଅ-ବୋହୂ ଭଳି ସେମାନେ ଜୀବନ ଅତିବାହିତ କରିବାକୁ ଲାଗିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ତାହା ରୂପାନ୍ତରିତ ହୋଇଥିଲା 'ତରି ଆଶ୍ରମ' ରୂପେ । ସେଇ ଆଶ୍ରମରୁ ସେ ସାମିଲ ହୋଇଥିଲେ ଲବଣ ସତ୍ୟାଗ୍ରହରେ । ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ମାରି ବନ୍ଦୀ ହେଲେ ନବକୃଷ୍ଣ । ଜେଲରୁ ଫେରି ସେ ତରି ଆଶ୍ରମରେ ଏକଜୁଟ କଲେ ଖଟିଖିଆ, ମେହନତି ମଣିଷ ଓ ଚାଷୀମାନଙ୍କୁ । ସେମାନଙ୍କୁ ସଚେତନ କରିବା ପାଇଁ ନିଜ ସ୍ତ୍ରୀଙ୍କ ଗହଣା ବିକି ୧୯୩୩ ମସିହାରେ 'ସାରଥି' ନାମକ ଏକ ମୁଖପତ୍ର ପ୍ରକାଶ କଲେ । ଏହି ପତ୍ରିକାର ମୁଖବନ୍ଧରେ ଲେଖା ଥିଲା- 'ଦୁନିଆର ସବୁ ଶ୍ରମିକ ଏକ ହୁଅ' ।

୧୯୪୬ ମସିହା ଏପ୍ରିଲ ମାସରେ ଓଡ଼ିଶା ବିଧାନସଭା ପାଇଁ ସାଧାରଣ ନିର୍ବାଚନ ହେଲା । ନିର୍ବାଚନ ପରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଓଡ଼ିଶାରେ କଂଗ୍ରେସର ଯେଉଁ ମନ୍ତ୍ରିମଣ୍ଡଳ ଗଢ଼ା ହେଲା, ସେଥିରେ ନବକୃଷ୍ଣ ଚୌଧୁରୀ ହେଲେ ରାଜସ୍ୱ, ଯୋଗାଣ ଓ ପରିବହନ ବିଭାଗ ମନ୍ତ୍ରୀ । ମନ୍ତ୍ରିମଣ୍ଡଳରେ ସେ ଅଢ଼େଇ ବର୍ଷ ପର୍ଯ୍ୟନ୍ତ ରହିଥିଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ



ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଭାରତ ସ୍ୱାଧୀନ ହେବା ପରେ ଓଡ଼ିଶାର ଐତିହାସିକ ଚିତ୍ର ବଦଳି ଗଲା । ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା- ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସହିତ ଓଡ଼ିଶା ଗଡ଼ଜାତଗୁଡ଼ିକର ମିଶ୍ରଣ । ଏହି ମିଶ୍ରଣରେ ନବକୃଷ୍ଣ ଚୌଧୁରୀଙ୍କର ଯଥେଷ୍ଟ ଅବଦାନ ଥିଲା । ୧୯୫୦ ମେ' ମାସରୁ ୧୯୫୬ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ଛଅ ବର୍ଷ ପର୍ଯ୍ୟନ୍ତ ସେ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ଏହି ସମୟ ଭିତରେ ଆଧୁନିକ ଓଡ଼ିଶାର ନିର୍ମାଣ ଭିତ୍ତି ସ୍ଥାପନ ହୋଇଥିଲା । ଭାଗଚାଷୀ ଆଇନ, ଜମିଦାରୀ ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ପ୍ରଣୟନ ଭଳି ସେ ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ । ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ନେଇଥିଲେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏଥି ସହିତ ନବକୃଷ୍ଣ ଚୌଧୁରୀଙ୍କ ଶାସନ କାଳରେ ହୀରାକୁଦ ବହୁମୁଖୀ ଯୋଜନା ତଥା ଭାରତର ପ୍ରଥମ ରାଷ୍ଟ୍ରାୟତ୍ତ ଇସ୍ପାତ ଶିଳ୍ପ ଯୋଜନା ରାଉରକେଲା ଇସ୍ପାତ କାରଖାନାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ।

ଜଣେ ସଫଳ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ନବକୃଷ୍ଣ ଚୌଧୁରୀ କାର୍ଯ୍ୟ କରି ୧୯୫୬ ମସିହା ଅକ୍ଟୋବର ମାସରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ସେତେବେଳେ ଓଡ଼ିଶାର ଜନସାଧାରଣ ତଥା ବିଧାନସଭାର ସଦସ୍ୟମାନଙ୍କର ତାଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ଥିଲା । ତଥାପି ନବକୃଷ୍ଣ ମୁଖ୍ୟମନ୍ତ୍ରୀ ପଦରେ ରହିବାକୁ ଚାହିଁଲେ ନାହିଁ । ତାଙ୍କ ପାଇଁ ପଦବୀ ବଡ଼ ନଥିଲା । ବଡ଼ ଥିଲା ଦୀନ, ଦରିଦ୍ର ଓ ଅବହେଳିତ ଜନତାଙ୍କ ସେବା । ଆଜିର ରାଜନେତାମାନେ କ୍ଷମତାକୁ ଜାବୁଡ଼ି ଧରି ରଖିବା ପାଇଁ ବ୍ୟାକୁଳ ହେଉଥିଲା ବେଳେ ଜଣେ ମୁଖ୍ୟମନ୍ତ୍ରୀ ଭଳି ଉଚ୍ଚ ପଦବୀରୁ ସ୍ୱଇଚ୍ଛାରେ ଓହରି ଯିବା ଦେଶର ଇତିହାସରେ ଏକ ବିରଳ ଦୃଷ୍ଟାନ୍ତ କହିଲେ ଅତ୍ୟୁକ୍ତି ହେବନାହିଁ । ନବକୃଷ୍ଣଙ୍କ ଏଭଳି ନିଷ୍ପତ୍ତିକୁ ସେତେବେଳେ ଭୂଦାନ ଆନ୍ଦୋଳନର ନେତା ବିନୋବା ଭାବେ ରାଜପୁତ୍ର ବୁଦ୍ଧଦେବଙ୍କ ସିଂହାସନ ତ୍ୟାଗ ସହିତ ତୁଳନା କରିଥିଲେ । ଏହା ପରେ ସେ ମାନବ ସେବାକୁ ମାଧବ ସେବା ରୂପେ ଗ୍ରହଣ କରି ନିଜ ସହଧର୍ମିଣୀ ମାଳତୀ ଚୌଧୁରୀଙ୍କ ସହ ନିଜକୁ ଶେଷ ଜୀବନ ପର୍ଯ୍ୟନ୍ତ ନିୟୋଜିତ କରିଥିଲେ ଅନୁଗୁଳଠାରେ ଥିବା ବାଜି ରାଉତ ଛାତ୍ରାବାସରେ, ଯାହାକୁ ସେ ମୁକ୍ତି ସଂଗ୍ରାମର ସହିଦ ବୀର ବାଜି ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଷ୍ଠା କରିଥିଲେ ୧୯୪୬ ମସିହାରେ ।

ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ୧୯୦୧ ମସିହା ନଭେମ୍ବର ୨୩ ତାରିଖ ଓ ତିରୋଧାନ ୧୯୮୪ ମସିହା ଜୁନ୍ ୨୪ ତାରିଖ । ଦୀର୍ଘ ୮୩ ବର୍ଷର ସମର୍ପିତ ଜୀବନ । ଯେଉଁ ଜୀବନ 'ଖେରସ' ଗ୍ରାମରୁ ଆରମ୍ଭ ହୋଇ 'ତରି ଆଶ୍ରମ' ଓ ଶେଷରେ 'ବାଜି ରାଉତ ଛାତ୍ରାବାସ'ରେ ଅନ୍ତ ଘଟିଲା । ଆଜି ତାଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଝୁରୁଛି ଏ ମାଟି ନବକୃଷ୍ଣଙ୍କୁ, ଆଉ ଝୁରୁଥିବ କାଳ କାଳକୁ । ହେଲେ ସେଦିନର ସାଧନା ଆଜି ଇତିହାସ, ସଂକଳ୍ପସବୁ ସ୍ୱପ୍ନିଳ, ଆଉ ମୂଲ୍ୟବୋଧମାନ ଅଭିଧାନଗତ । ଖଟିଖିଆ-ମେହନତି ମଣିଷ ପାଇଁ ସେ ଦେଖିଥିବା ସ୍ୱପ୍ନ ଏବେ ବି ଅଧୁରା । ଉତ୍ତର ପିଢ଼ି କ୍ରମଶଃ ତାଙ୍କୁ ଭୁଲି ଯିବାକୁ ବସିଲାଣି । ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବରେ ମାଲ୍ୟାର୍ପଣ କରି ବିଧି ରକ୍ଷାରେ ସୀମିତ ରହିଛି ପୂଜ୍ୟପୂଜାର ପରମ୍ପରା ।

**ଜଗତସିଂହପୁର**
**ମୋ: ୯୩୩୭୨୨୧୯୨୪**

# ନିଟ୍ ପୁନଃପରୀକ୍ଷାର ମୂଲ୍ୟ

ଏକ ଚିରାଚରିତ କାର୍ଯ୍ୟ ଯଦି ବାଟବଣା ହୋଇଯାଏ, ତା'ହେଲେ ତାହା ଅବଶ୍ୟ ବ୍ୟାପକ, ଅସମାନୁପାତିକ ପ୍ରତିକ୍ରିୟା ସୃଷ୍ଟି କରାଇ ଥାଏ, ଆଉ ତା' ପରେ ଜଣେ ସ୍ୱାଭାବିକ ଭାବରେ ସନ୍ଦେହ କରିଥାଏ ଯେ ଏହି କାର୍ଯ୍ୟ ପଛରେ ରହିଥିବା କର୍ତ୍ତା ଏବଂ ସେମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ବ୍ୟବସ୍ଥାରେ ନିଶ୍ଚୟ କିଛି ନା କିଛି ତ୍ରୁଟି ରହିଛି । ଦେଶରେ ଅଣ୍ଡର ଗ୍ରାଜୁଏଟ୍ ମେଡିକାଲ ପାଠ୍ୟକ୍ରମ ପାଇଁ ଅନୁଷ୍ଠିତ ନ୍ୟାସନାଲ ଏଲିଜିବିଲିଟି-ତଥା-ଏଣ୍ଟ୍ରାନ୍ସ ପରୀକ୍ଷା (ନିଟ୍) ପାଇଁ ଅନୁଷ୍ଠିତ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ନିମନ୍ତେ କେନ୍ଦ୍ର ସରକାର ଏବଂ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ପ୍ରତିକ୍ରିୟା ତଥା ଏହାର ଏକ ପୁନଃପରୀକ୍ଷା ଅନୁଷ୍ଠିତ କରିବାକୁ ଏମାନେ କରିଥିବା ଯୁଦ୍ଧ-ଭଳି ପ୍ରସ୍ତୁତି ଯଦି କିଛି ସୂଚନା ପ୍ରଦାନ କରୁଥାଏ, ତେବେ ତାହା ହେଉଛି- କେନ୍ଦ୍ର ସରକାର ଏବଂ ଏହାଙ୍କ ଏଜେନ୍ସିମାନେ ଯେଉଁ ଉପାୟରେ ଏସବୁ କାର୍ଯ୍ୟକୁ ଚଳାଉଛନ୍ତି, ସେଥିରେ କିଛି ଗୁରୁତର ଭୁଲ୍ ରହିଛି । କେତେକ ପଦକ୍ଷେପ ଚିରାଚରିତ କାର୍ଯ୍ୟର ଅଂଶବିଶେଷ, କିନ୍ତୁ ଏହାର ମିଶ୍ରିତ ପ୍ରଭାବ ଆତଙ୍କିତ କରିଦେବା ଭଳି: ସମଗ୍ର ଦେଶରେ ପୁଲିସ ଦଳମାନଙ୍କ ସମେତ ପାଖାପାଖି ସାତ ଲକ୍ଷ ବ୍ୟକ୍ତିବିଶେଷ, ପର୍ଯ୍ୟବେକ୍ଷକ, ପରୀକ୍ଷକ ଏବଂ ପରୀକ୍ଷା କର୍ମଚାରୀଙ୍କ ମୁତୟନ; ଦେଶର ବିଭିନ୍ନ ଭାଗକୁ ପ୍ରଶ୍ନପତ୍ର ପରିବହନ କରି ନେବା ନିମନ୍ତେ ଭାରତୀୟ ବାୟୁସେନା ଦ୍ୱାରା ୨୦୦ରୁ ଅଧିକ ସଂଖ୍ୟକ ଉଡ଼ାଣ; ପରୀକ୍ଷାର୍ଥୀଙ୍କର ଆଧାର କାର୍ଡ ଆଧାରିତ ବାୟୋମେଟ୍ରିକ୍ ଯାଞ୍ଚ ଏବଂ ମୁଖମଣ୍ଡଳ ପ୍ରମାଣୀକରଣ ବ୍ୟବସ୍ଥାର ପ୍ରଚଳନ; ଦ୍ୱିସ୍ତରୀୟ ଶାରୀରିକ ଯାଞ୍ଚ, ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ ସଂକେତ ଜାମରମାନଙ୍କ ମୁତୟନ; ଏବଂ ପରୀକ୍ଷା ଠିକ୍ ସମୟରେ ଅନୁଷ୍ଠିତ ହେଉଥିବାକୁ ତଦାରଖ କରିବା ପାଇଁ ଏନ୍‌ଟିଏ ମୁଖ୍ୟାଳୟ, ଶିକ୍ଷା ମନ୍ତ୍ରଣାଳୟ କେନ୍ଦ୍ରୀୟ ଅନୁଷ୍ଠାନ ସମୂହ, ରାଜ୍ୟସ୍ତରୀୟ ନିରୀକ୍ଷଣ କେନ୍ଦ୍ର ଏବଂ ଜିଲ୍ଲା କଲେକ୍ଟୋରେଟ୍‌ଗୁଡ଼ିକରେ ନିର୍ଦ୍ଦେଶ-ତଥା-ନିୟନ୍ତ୍ରଣ କେନ୍ଦ୍ରଗୁଡ଼ିକର ସ୍ଥାପନ । ଏସବୁ ବାଦ୍ ଅନୁଷ୍ଠିତ ହେବାକୁ ଯାଉଥିବା ପୁନଃପରୀକ୍ଷାକୁ 'ଦକ୍ଷତା ଓ ସ୍ୱଚ୍ଛତାର ସହିତ ସମ୍ପାଦନ କରାଯାଉଥିବାକୁ ସୁନିଶ୍ଚିତ କରିବା ପାଇଁ ଗ୍ରହଣ କରାଯାଇଥିବା ଲଜିଷ୍ଟିକାଲ ବା ସାମଗ୍ରୀଗତ ତଥା ବୈଷୟିକ ପଦକ୍ଷେପଗୁଡ଼ିକ' ଉପରେ ଏକ ସଂକ୍ଷିପ୍ତ ବିବରଣୀ ହାସଲ କରିବା ଉଦ୍ଦେଶ୍ୟରେ ଖୋଦ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏନ୍‌ଟିଏ ମୁଖ୍ୟାଳୟକୁ ଯାଇଥିଲେ ।

କେବଳ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବା ବା କର୍ଫ୍ୟୁ ଜାରି କରିବା ପାଇଁ ଧାରା ୩୫୨କୁ ଉପଯୋଗ କରାଗଲେ ଯେମିତି ପରିସ୍ଥିତି ଦେଖା ଯାଇଥାଏ, ଠିକ୍ ସେମିତି ଏକ ଯୁଦ୍ଧ ଭଳି ପଦକ୍ଷେପ ନିଆଯାଇଥିବାକୁ ସମଗ୍ର ଦେଶ ପରିଲକ୍ଷିତ କଲା, ଯେତେବେଳେ କି ବସ୍ତୁତଃ ଏହା ଏକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ କରାଉ ଥିଲା, ଯେଉଁଥିରେ ପରୀକ୍ଷାର୍ଥୀ ଥିଲେ ପ୍ରାୟ ୨୦ ଲକ୍ଷ ବା ତା'ଠାରୁ କିଛି ଅଧିକ ସଂଖ୍ୟକ ପିଲା, ଯେଉଁମାନେ ଡାକ୍ତରୀ ପାଠରେ ସେମାନଙ୍କର କ୍ୟାରିଅର ଗଠନ କରିବାକୁ ଚାହାନ୍ତି । ମେ' ୩ ତାରିଖରେ ଅନୁଷ୍ଠିତ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହୋଇଥିବାର ଅଭିଯୋଗ ହେବା ପରେ ବାତିଲ କରାଯାଇ ଏହାର ପୁନଃପରୀକ୍ଷା କରାଯିବା ପଛରେ ରହିଛି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ଏନ୍‌ଟିରେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ପୁରୁଷ ଓ ମହିଳା କର୍ମଚାରୀମାନଙ୍କର କର୍ମକୁଣ୍ଠତା, ଅପାରଗତା ଏବଂ ଦାୟିତ୍ୱହୀନତା । କିନ୍ତୁ ଏହା ଯେ ଦୁର୍ଘଟଣାବଶତଃ ହୋଇଥିଲା, ତାହା କହିବା ଆଦୌ ଯଥାର୍ଥ ହେବନାହିଁ: ୨୦୧୯ରେ ପ୍ରଥମ ଥର ପାଇଁ ଏନ୍‌ଟିଏ ନିଟ୍ ପରୀକ୍ଷା ଅନୁଷ୍ଠିତ କରାଇବା ପରଠାରୁ ଏଥିରେ ଅନିୟମିତତା ହେଉଥିବାର ଅଭିଯୋଗ ହୋଇ ଆସୁଛି । ୨୦୨୪ରେ ଏକ ବଡ଼ ଧରଣର ସୁରକ୍ଷାଗତ ତ୍ରୁଟି ସାଙ୍ଗକୁ ପ୍ରଶ୍ନପତ୍ର ପ୍ରଘଟର ଅଭିଯୋଗ ହୋଇଥିଲା; ସମଗ୍ର ଦେଶ ଦେଖିଥିଲା ଯେ ସୁପ୍ରିମ୍‌କୋର୍ଟ ଏହି ଘଟଣାରେ ମୁଣ୍ଡ ଖେଳାଇ ଥିଲେ, ଯଦିଓ ଏହା ବସ୍ତୁତଃ କୌଣସି ପ୍ରକାରର ବାସ୍ତବ ସମାଧାନର ପନ୍ଥା ପ୍ରଦାନ କରି ନଥିଲେ ।

ଏସବୁ ପଛରେ ଏକମାତ୍ର ତଥ୍ୟ ଓ ସତ୍ୟ ହେଉଛି- ସରକାର ଏବଂ ଏନ୍‌ଟିଏ ଏହାଙ୍କର ଭୁଲ୍‌ଗୁଡ଼ିକରୁ କିଛି ହେଲେ ଶିକ୍ଷା କରିବାକୁ ମନା କରି ଦେଇଥିଲେ । ବିପରୀତ ପକ୍ଷରେ, ଭୁଲ୍ କରିବାର ପ୍ରବୃତ୍ତି ବଢ଼ି ବଢ଼ି ଚାଲିଲା । ଆଗରୁ ପ୍ରଶ୍ନପତ୍ରର ନକଲଟିଏ ପାଇବା ନିମନ୍ତେ ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କୁ ଲାଞ୍ଚ ଦେବାକୁ ଲୋଭୀ ସ୍ଥାନୀୟ ଏଜେଣ୍ଟମାନଙ୍କୁ ଅର୍ଥ ପ୍ରଦାନ କରାଯାଉଥିବା ଭଳି କାଁ ଭାଁ ମାମଲାଗୁଡ଼ିକ ସାମ୍ନାକୁ ଆସୁଥିଲା; ଚଳିତ ବର୍ଷର ପ୍ରଶ୍ନପତ୍ର ପ୍ରଘଟ ବ୍ୟାପାରରେ ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଜାଣିବାକୁ ପାଇଛି ଯେ ଏନ୍‌ଟିଏ ଯେଉଁ ଲୋକମାନଙ୍କ ଉପରେ ପ୍ରଶ୍ନପତ୍ର ପ୍ରସ୍ତୁତ କରିବାର ଦାୟିତ୍ୱ ନ୍ୟସ୍ତ କରିଥିଲା, ସେଇମାନେ ହିଁ ଏଭଳି ପ୍ରତାରଣାମୂଳକ କାର୍ଯ୍ୟ କରିବା ପାଇଁ ଦାୟୀ । ସମ୍ପ୍ରତି ସରକାରଙ୍କ ପକ୍ଷରୁ ଦେଖା ଦେଇଥିବା ଅତ୍ୟନ୍ତ ସତର୍କତାମୂଳକ ପ୍ରତିକ୍ରିୟା ଏକ ସୂଚକ ଯେ ଏହି ସମଗ୍ର ଘଟଣା ପଛରେ ସେତେବେଳେ ବୃତ୍ତିଗତ ସମ୍ବଳ ସହିତ ବୈଷୟିକ ସାଧନଗୁଡ଼ିକର ଉପଯୋଗ କରାଯାଇ ନଥିଲା । ଏଭଳି ଲୋକ ଏବଂ ସାଧନଗୁଡ଼ିକ ଭାରତରେ ଉପଲବ୍ଧ, ଏବଂ ସେଗୁଡ଼ିକ ଗୋଟିଏ ପରେ ଗୋଟିଏ ପରୀକ୍ଷା ନିର୍ବିଘ୍ନରେ ସମ୍ପନ୍ନ କରାଇ ଆସୁଛନ୍ତି । ତେଣୁ ଏକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ କରିବା ପାଇଁ ସରକାର ଆକାଶ ପାତାଳ ଏକ କରିଦେବା ପରିବର୍ତ୍ତେ ସେହିସବୁ ବ୍ୟକ୍ତିବିଶେଷ ଓ ସାଧନଗୁଡ଼ିକର ଉପଯୋଗ କରିବା ନିମନ୍ତେ ବିଜ୍ଞତା ପ୍ରଦର୍ଶନ କରିବା ଉଚିତ ।

# ଅଳ୍ପରେ ସନ୍ତୁଷ୍ଟି

ଅଳ୍ପରେ ସନ୍ତୁଷ୍ଟ ହେବା ମଣିଷର ଗୋଟିଏ ଦୈବୀ ଗୁଣ । ଆମ ଭିତରେ ଅନେକ ଅଛନ୍ତି, ଯାହା ମିଳିଥାଏ, ତହିଁରେ ସନ୍ତୁଷ୍ଟ ହୋଇ ଯାଆନ୍ତି । ଈଶ୍ୱରଙ୍କୁ କୃତଜ୍ଞତା ଜଣାନ୍ତି- 'ପ୍ରଭୁ, ମୋର ପରିଶ୍ରମ ଅନୁସାରେ ମତେ ଯଥେଷ୍ଟ ଅଧିକ ଦେଇଛ । ଆଉ ଅଧିକ ଆଶା କରେନା ।' ଆଉ କେତେ ଲୋକ ଯେତେ ମିଳିଲେ ବି ଅସନ୍ତୁଷ୍ଟ ରୁହନ୍ତି । ଦରକାର ଠାରୁ ବେଶି ଚାହାନ୍ତି । ଆବଶ୍ୟକତାଠାରୁ ଅଧିକ ଆଶା କରିବା ହେଉଛି ଲୋଭ । ଲୋଭ ପ୍ରବୃତ୍ତି ଆସିଲେ ମଣିଷ ପାପ କରିବସେ । ପାପ କାରଣରୁ ଅପମୃତ୍ୟୁ ହୁଏ । ବିଶ୍ୱର ସମସ୍ତ ମହାପୁରୁଷଙ୍କ ନୀତି ଭିତରେ ଲୋଭ ନ କରିବାକୁ ଉପଦେଶ ଦିଆଯାଇଛି । ଆମେ ବେଳେବେଳେ ଅନ୍ୟର ସମ୍ପତ୍ତିକୁ ଦେଖି ହାଇଁପାଇଁ ହେଉ । ନିଜର ସାମର୍ଥ୍ୟକୁ କଳନା ନ କରି ଅନ୍ୟ ଭଳି ହେବାକୁ ଆଶା ବାନ୍ଧୁ । ତହିଁରୁ ସୃଷ୍ଟିହୁଏ ଲୋଭ ପ୍ରବୃତ୍ତି । ଏଇ ଲୋଭ ଧୀରେ ଧୀରେ ମଣିଷକୁ ଅଜ୍ଞାନ କରିଦିଏ । ଏ ନେଇ ଉଦାହରଣ ।

ସେ ରାଜ୍ୟରେ ଗୋଟାଏ ଅଦ୍ଭୁତ ନିୟମ ଥିଲା । ଯେଉଁମାନେ ରାଜ ଦରବାରରେ କାମ କରନ୍ତି, ସେମାନଙ୍କୁ ମଜୁରି ଦେଲାବେଳେ ରାଜା ଅଦ୍ଭୁତ ଭାବରେ ମଜୁରି ଦିଅନ୍ତି । ଶ୍ରମିକଙ୍କ ଭିତରେ ପ୍ରତିଯୋଗିତା କରନ୍ତି । ଆଖିରେ ଅନ୍ଧ ପୁଟୁଳି ବନ୍ଧା ହୋଇଥାଏ । ସେମାନେ କିଛି ବାଟ ଚାଲି ଚାଲି ଯାଆନ୍ତି । ତା'ପରେ ତଳକୁ ତଳକୁ ପାହାଚ ପଡ଼େ । ପ୍ରତି ପାହାଚ ଉପରେ କିଛି ମୁକ୍ତା ଥାଏ । ପ୍ରଥମ ପାହାଚରୁ ମୁକ୍ତା ସଂଗ୍ରହ କରି ଦ୍ୱିତୀୟ ପାହାଚରେ ରଖିବ । ପୁଣି ପ୍ରଥମ ଓ ଦ୍ୱିତୀୟ ପାହାଚର ମୁକ୍ତାକୁ ତୃତୀୟ ପାହାଚରେ ରଖିବ । ଏମିତି ଶେଷ ପାହାଚରେ ପହଞ୍ଚିଲା ବେଳକୁ ଅନେକ ମୁକ୍ତା ସଂଗୃହୀତ ହୋଇଥାଏ । ପ୍ରତିଯୋଗୀଙ୍କୁ ସେଇ ମୁକ୍ତାକୁ ସଂଗ୍ରହ କରି ଫେରିବାକୁ ହୁଏ । ପାହାଚରେ ତଳକୁ ତଳକୁ ଗଲେ ହଠାତ୍ ପାହାଚ ଶେଷ ହୋଇଯାଏ । ତା'ପରେ ଥାଏ ଗଭୀର ଜଳ । ଆଖିରେ ଅନ୍ଧ ପୁଟୁଳି ଥିଲେ ହେଁ ପ୍ରତିଯୋଗୀମାନେ ଖୁବ୍ ବେଗରେ ଯାଆନ୍ତି । କାରଣ ଯିଏ ଯେତେ ଶୀଘ୍ର ଓ ଯେତେ ଅଧିକ ମୁକ୍ତା ସଂଗ୍ରହ କରିବ, ସେ ଧନୀ ପାଲଟିବ । ପ୍ରତିଯୋଗୀମାନେ ଅଳ୍ପ ସମୟରେ ପାହାଚ ପାଖରେ ପହଞ୍ଚି ଯାଆନ୍ତି । କେହି କେହି ଚାଲାକ୍ ଲୋକ ଅଳ୍ପ ମୁକ୍ତା ଧରି ଫେରି ଆସନ୍ତି । ଆଉ କେହି ଧନ ଲୋଭରେ ତଳକୁ ତଳକୁ ଓହ୍ଲାନ୍ତି । ହାତରେ ଭରପୂର ମୁକ୍ତା ଥାଏ । ପୁଣି ସଂଗ୍ରହ କରିବାର ଲୋଭ ରଖି ଥାଆନ୍ତି । ଶେଷରେ ପାହାଚ ସରିଯାଏ । ପାଣିରେ ପଡ଼ି ଯାଆନ୍ତି । ବେଶି ସଂଗ୍ରହ ଆଶାରେ ସବୁକିଛି ହରାନ୍ତି ।

ଆମ ସମାଜରେ ଅନେକ ଲୋକ ଏମିତି ଅନ୍ଧ ପୁଟୁଳି ବନ୍ଧା ପ୍ରତିଯୋଗିତାରେ ମାତି ଥାଆନ୍ତି । ଅନ୍ୟର ସମ୍ପତ୍ତିଠାରୁ ନିଜର ସମ୍ପତ୍ତିକୁ ବଢ଼େଇବାକୁ ଚେଷ୍ଟା କରନ୍ତି । ଅନ୍ୟଠାରୁ ବେଶି ଭଲରେ ଚଳିବା ପାଇଁ ଅଯଥା ଚେଷ୍ଟା କରନ୍ତି । ସେଥି ପାଇଁ ବେଶି ସଂଗ୍ରହରେ ମାତି ଯାଆନ୍ତି । ଲୋଭ ଥରେ ବଢ଼ିଲେ କମିବା ସହଜ ନୁହେଁ । ଅନେକ ସଂଗ୍ରହ କରିବା ଆଶାରେ ଜୀବନ ସରିଯାଏ । ମୃତ୍ୟୁ ରୂପକ ଗଭୀର ଜଳରେ ମଣିଷ ପଡ଼ିଯାଏ । ଯାହା ସଂଗ୍ରହ କରିଥାଏ, ତାକୁ ସଂସାର ରୂପକ ଶେଷ ପାହାଚରେ ଛାଡ଼ିଯାଏ । ଲୋଭର ବଶବର୍ତ୍ତୀ ହୋଇ ସୁଖ, ଶାନ୍ତିକୁ ହାତଛଡ଼ା କରେ । କିଛି ଚତୁର ଲୋକ ଗୋଟିଏ ଦୁଇଟା ପାହାଚରୁ କିଛି ମୁକ୍ତା ସଂଗ୍ରହ କରି ନିଅନ୍ତି । ଆନନ୍ଦରେ କାଳାତିପାତ କରନ୍ତି ।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଡିଏମ୍ଏଫ୍-ଉଦ୍ୟମୀ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ସମୀକ୍ଷା




**କେନ୍ଦୁଝର,୨୩।୬/ଏନ୍ଏନ୍ଏସ୍:** ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍), କେନ୍ଦୁଝରର ଆର୍ଥିକ ସହଯୋଗରେ ଏବଂ ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥା (ଇଡିଆଇଆଇ) ଦ୍ୱାରା କାର୍ଯ୍ୟାନ୍ୱିତ ଡିଏମ୍ଏଫ୍-ଉଦ୍ୟମୀ ପ୍ରକଳ୍ପ ଖଣି ପ୍ରଭାବିତ ଅଞ୍ଚଳର ଯୁବକ ଯୁବତୀ, ମହିଳା ଓ ଆଶାୟୀ ଉଦ୍ୟୋଗୀଙ୍କ ମଧ୍ୟରେ ଉଦ୍ୟମିତା ବିକାଶ, ସ୍ୱରୋଜଗାର ଓ ସ୍ଥାୟୀ ଜୀବିକା ସୃଷ୍ଟି ଦିଗରେ ସଫଳତାର ସହ କାର୍ଯ୍ୟ କରୁଛି। ପ୍ରକଳ୍ପ ଅଧୀନରେ ଉଦ୍ୟମିତା ସଚେତନତା, ଦକ୍ଷତା ବିକାଶ, ବ୍ୟବସାୟ ଯୋଜନା ପ୍ରସ୍ତୁତି, ଆର୍ଥିକ ସହାୟତା, ସିଡ୍ ଫଣ୍ଡ, ପରାମର୍ଶ ଓ ନିରନ୍ତର ହ୍ୟାଣ୍ଡହୋଲ୍ଡିଂ ସହଯୋଗ ପ୍ରଦାନ କରାଯାଉଛି। ଏପର୍ଯ୍ୟନ୍ତ ପ୍ରକଳ୍ପ ମାଧ୍ୟମରେ ୫,୪୬୯ ଜଣଙ୍କୁ ଉଦ୍ୟମିତା ସମ୍ପର୍କରେ ସଚେତନ କରାଯାଇଥିବାବେଳେ ୬୦୮ ଜଣ ଲାଭାର୍ଥୀଙ୍କୁ ଉଦ୍ୟମିତା ବିକାଶ ପ୍ରଶିକ୍ଷଣ (ଇଡିପି) ପ୍ରଦାନ କରାଯାଇଛି। ପ୍ରକଳ୍ପ ସହାୟତାରେ ୨୮୩ଟି କ୍ଷୁଦ୍ର ଉଦ୍ୟୋଗ ସ୍ଥାପିତ ହେବାସହ ଏହା ମାଧ୍ୟମରେ ସ୍ଥାନୀୟସ୍ତରରେ ରୋଜଗାର ଓ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହାସହ ୯୪ ଜଣ ଉଦ୍ୟୋଗୀଙ୍କୁ ୧୬.୧୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇ ବ୍ୟବସାୟ ସ୍ଥାପନ ଓ ବିସ୍ତାରରେ ସହଯୋଗ କରାଯାଇଛି। ପ୍ରକଳ୍ପର ନିୟମିତ ତଦାରଖ ଓ ସମୀକ୍ଷା ପ୍ରକ୍ରିୟା ଅନ୍ତର୍ଗତ ସମ୍ପ୍ରତି ଡିଏମ୍ଏଫ୍ କେନ୍ଦୁଝରର ବରିଷ୍ଠ ପ୍ରକଳ୍ପ ଅଧିକାରୀ ପ୍ରତ୍ୟୁଷ ଦାସ ହରିଚନ୍ଦନପୁର ବ୍ଲକ୍‌ର ବିଭିନ୍ନ ଉଦ୍ୟୋଗ ପରିଦର୍ଶନ କରି କ୍ଷେତ୍ରସ୍ତରୀୟ ସମୀକ୍ଷା କରିଥିଲେ। ସେ ମନୋହରପୁରରେ ଥିବା ସାଇକେଲ୍ ମରାମତି ଓ ବିକ୍ରି କେନ୍ଦ୍ର, ଢୋକଣ୍ଡାର ଟେଲରିଂ ଓ ପୋଷାକ ନିର୍ମାଣ ୟୁନିଟ୍, କମନ୍ ସର୍ଭିସ୍ ସେଣ୍ଟର୍, ଜାଙ୍ଗିରାର ଚପଲ ଓ ଜୋତା ଉତ୍ପାଦନ ୟୁନିଟ୍ ପରିଦର୍ଶନ କରିଥିଲେ। ଏହି ସମୟରେ ବ୍ୟବସାୟର ଅଗ୍ରଗତି, ସିଡ୍ ଫଣ୍ଡର ବ୍ୟବହାର ଓ ଉଦ୍ୟୋଗୀଙ୍କ ଜୀବନଜୀବିକା ଉପରେ ପ୍ରକଳ୍ପର ପ୍ରଭାବ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଲାଭାର୍ଥୀଙ୍କ ସହ ମତବିନିମୟ ସମୟରେ ସେମାନେ ପ୍ରକଳ୍ପ ଦ୍ୱାରା ମିଳିଥିବା ସହାୟତା ଫଳରେ ବ୍ୟବସାୟ ସୁଦୃଢ଼ ହେବାସହ ଆୟ ବୃଦ୍ଧି ଓ ସ୍ଥାୟୀ ଜୀବିକା ସୁନିଶ୍ଚିତ ହୋଇଥିବା ପ୍ରକାଶ କରିଥିଲେ।

**ବିକାଶର ଧାରା, ଓଡ଼ିଶା ସାରା**

# ନୂତନ ପଦ୍ଧତିରେ କୃଷି, ମତ୍ସ୍ୟ ଓ ପଶୁପାଳନ ଉପରେ ଗୁରୁତ୍ୱାରୋପ




**ଖଇରା,୨୩।୬/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ବ୍ଲକ୍‌ରେ ପ୍ରଶାସନ ପକ୍ଷରୁ ଆୟୋଜିତ 'ବିକାଶର ଧାରା ଓଡ଼ିଶା ସାରା'ର ଦ୍ୱିତୀୟଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି, ମତ୍ସ୍ୟ, ପଶୁପାଳନ ଓ ଉଦ୍ୟାନ କୃଷି ବିଭାଗରେ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଉଥିବା ବିଭିନ୍ନ ଯୋଜନା ଉପରେ ଅଧିକାରୀମାନେ ମତାମତ ଉପସ୍ଥାପନ କରିଥିଲେ। ବିଡିଓ ନାରାୟଣ ସାହୁ ଓ ବ୍ଲକ୍ ଅଧ୍ୟକ୍ଷା ଅଭିଲିପ୍ସା ସାହୁ କୃଷକଙ୍କୁ ବିଭିନ୍ନ ଯୋଜନାର ଲାଭ ନେବାକୁ ପରାମର୍ଶ ଦେଇଥିଲେ। ବ୍ଲକ୍ କୃଷି ଅଧିକାରିଣୀ ଶିବାନୀ ମିଶ୍ର, ରାଣୀତାଲ କୃଷି ବୈଜ୍ଞାନିକ କେନ୍ଦ୍ରର ବୈଜ୍ଞାନିକ ବିଶ୍ୱରଞ୍ଜନ ନାୟକ, ଆତ୍ମା ଅଧ୍ୟକ୍ଷ ଶଙ୍କର୍ଷଣ ମାଝୀ, ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ଶୁଭାଶିଷ ମହାପାତ୍ର, ଜିଲ୍ଲା କିଷାନ ମୋର୍ଚ୍ଚା ସଭାପତି ତପନ କୁମାର ମହାନ୍ତି, ଉପସଭାପତି ମହେଶ୍ୱର ନାଥ ଓ ରାଜେଶ ରାଉତ, ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ସାହୁ, ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ସ୍ମୃତି ସଙ୍ଗୀତା ଗିରି, ସହକାରୀ ମତ୍ସ୍ୟ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ, ପ୍ରାଣୀ ଚିକିତ୍ସକ ବିଭୁ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ଜୈବିକ ପଦ୍ଧତିରେ ଚାଷ, ଉନ୍ନତି ପ୍ରଣାଳୀର ମତ୍ସ୍ୟ ଓ ପଶୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବ୍ଲକ୍‌ର ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାଷୀମାନେ ବିଭିନ୍ନ ଷ୍ଟଲ୍ ବୁଲି ଦେଖିଥିଲେ। ସମସ୍ତ ବ୍ଲକ୍ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟ୍ରକ୍ ଧକ୍କାରେ ୩ ଗୋରୁ ମୃତ

**ବୈଶିଙ୍ଗା,୨୩।୬/ଏନ୍ଏନ୍ଏସ୍:** ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥର ନଛିପୁରିଆ ଛକ ନିକଟରେ ଏକ ଅଜଣା ଟ୍ରକ୍ ଧକ୍କାରେ ୩ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ଧକ୍କା ଦେଇଥିବା ଟ୍ରକ୍‌ଟି ବାଲେଶ୍ୱର ଅଭିମୁଖେ ପଳାଇ ଯାଇଥିଲେ ମଧ୍ୟ ଧରା ପଡ଼ିନାହିଁ। ମୃତ ଗୋରୁଙ୍କୁ ଗ୍ରାମବାସୀ ଗାତ ଖୋଳି ପୋତି ଦେଇଥିବା ଜଣାଯାଇଛି।

**'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ**

# 'ପ୍ରଶାସନ, ଜନସାଧାରଣ ଓ ସରକାରଙ୍କ ମିଳିତ ପ୍ରୟାସରେ ଦେଶର ବିକାଶ ସମ୍ଭବ'

**କେନ୍ଦୁଝର,୨୩।୬/ଏନ୍ଏନ୍ଏସ୍:** ଜିଲ୍ଲା ପ୍ରଶାସନ ପକ୍ଷରୁ 'ବିକାଶର ଧାରା, ଓଡ଼ିଶା ସାରା' ଶୀର୍ଷକରେ ଏକ ସ୍ୱତନ୍ତ୍ର ବୈଠକ ଓ ମିଡିଆ କନେକ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ମୁଖ୍ୟଅତିଥି ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଇଥିଲା। ଏହି ପ୍ରଦର୍ଶନୀରେ ଜିଲ୍ଲାର ସମସ୍ତ ବିଭାଗ ପକ୍ଷରୁ ହାସଲ କରାଯାଇଥିବା ବିକାଶମୂଳକ କାର୍ଯ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନକୁ ସୁନ୍ଦର ଭାବେ ଚିତ୍ରିତ କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗୀୟ ଷ୍ଟଲ୍ ମାଧ୍ୟମରେ ଜନସାଧାରଣ କିପରି ସରକାରୀ ସୁବିଧାରୁ ଉପକୃତ ହେଉଛନ୍ତି ତାହା ପ୍ରଦର୍ଶିତ ହୋଇଥିଲା। ପରେ ଅତିଥିମାନେ ସଭାଗୃହ ବୈଠକ ଓ 'ମିଡ଼ିଆ କନେକ୍ଟ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିକାଶମୂଳକ କାର୍ଯ୍ୟଧାରା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାପାଳ କହିଥିଲେ ଯେ କୃଷକ, ଶିକ୍ଷା ଓ ମହିଳା ସଶକ୍ତିକରଣ



କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ସାକାର ହେବାରେ ଲାଗିଛି। ଏହାସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ୨୦୨୮ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଯୋଗଦେଇ ମୌଳିକ ଚିନ୍ତନରୁ ହିଁ ପ୍ରକୃତ ବିକାଶ ସମ୍ଭବ ହୋଇଥାଏ। ପ୍ରଶାସନ, ଜନସାଧାରଣ ଓ ସରକାର ଏହି ତିନି ଶକ୍ତି ଯେତେବେଳେ ଏକତ୍ରିତ ହୁଅନ୍ତି, ସେତେବେଳେ ଦେଶର ବିକାଶ ତ୍ୱରାନ୍ୱିତ ହୁଏ ବୋଲି କହିଥିଲେ। ଆଦିବାସୀ ସମ୍ପ୍ରଦାୟର ଶ୍ରଦ୍ଧାର କେନ୍ଦ୍ର ଜଙ୍ଗଲର ସୁରକ୍ଷା ଓ ବିକାଶ ପାଇଁ 'ବନ୍ଧନ ବିକାଶ କେନ୍ଦ୍ର' ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ସମ୍ପର୍କରେ ଶ୍ରୀ ନାୟକ ସୂଚନା ଦେଇଥିଲେ। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀରମୋହନ ନାଏକ ସମାଜର ଆଗଧାଡ଼ିର ବ୍ୟକ୍ତି ଯେଉଁଭଳି ସରକାରୀ ସୁବିଧା ପାଉଛନ୍ତି ସେହିଭଳି ପଛ ଧାଡ଼ିର ବ୍ୟକ୍ତି ମଧ୍ୟ ସମାନ ସୁବିଧା ପାଇବା ଜରୁରୀ ବୋଲି କହିଥିଲେ। ସେହିପରି 'ମିଡ଼ିଆ କନେକ୍ଟ' କାର୍ଯ୍ୟକ୍ରମରେ ଉପସ୍ଥିତ ସାମ୍ବାଦିକ ବନ୍ଧୁମାନେ ଜିଲ୍ଲାର ବିକାଶ ନିମନ୍ତେ ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ସେମାନଙ୍କ ଦ୍ୱାରା ଉପସ୍ଥାପିତ ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ମଧ୍ୟରେ ଜିଲ୍ଲାର ଆରାଧ୍ୟ ଦେବତା ବଳଦେବଜିଉ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ଏବଂ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ, ଖଣିଜ ସମ୍ପଦର ସୁପରିଚାଳନା, ବେକାର ଯୁବକ ଯୁବତୀଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାରେ ସୁଧାର ଆଣିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଏହାସହ ଜିଲ୍ଲାର କଳା ଓ ସଂସ୍କୃତିର ସଂରକ୍ଷଣ ପାଇଁ ଅସନପାଟ ଗ୍ରାମର ପ୍ରସିଦ୍ଧ ଛଉ ନୃତ୍ୟର ବିକାଶ, ଆଦିବାସୀ କଳା ଓ ସଂସ୍କୃତିର ସୁରକ୍ଷା ପାଇଁ ଏକ 'ଜନଜାତି ସଂସ୍କୃତି କେନ୍ଦ୍ର' ପ୍ରତିଷ୍ଠା, ଲୋପ ପାଇଯାଉଥିବା କଣ୍ଢେଇ ନାଚର ପୁନଃରୁଦ୍ଧାର ଓ ସାମ୍ବାଦିକଙ୍କ ସାମାଜିକ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପେନସନ୍ ବ୍ୟବସ୍ଥା ଲାଗୁ କରିବାକୁ ସାମ୍ବାଦିକବୃନ୍ଦ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସହ ଅନ୍ୟ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ମାହେଶ୍ୱରୀ ସଭା ପକ୍ଷରୁ ରକ୍ତଦାନ ଶିବିର



**ବାରିପଦା,୨୩।୬/ଏନ୍ଏନ୍ଏସ୍:** ମାହେଶ୍ୱରୀ ଉତ୍ପତ୍ତି ଦିବସ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ମାହେଶ୍ୱରୀ ସଭା ଆନୁକୂଲ୍ୟରେ ଓଡ଼ିଶା ରକ୍ତକେନ୍ଦ୍ରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ରକ୍ତ ଭଣ୍ଡାର ଅଧିକାରୀ ଡ଼ଃ ସୌମ୍ୟରଞ୍ଜନ ନାୟକ, କମଲ କିଶୋର କର୍ଣ୍ଣାନୀ, ଧର୍ମେନ୍ଦ୍ର ଭଟ୍ଟର ଓ ସମାଜସେବୀ ଅମର କୁମାର ସେଠୀ ଯୋଗଦେଇ ଏହି ଶିବିରର ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୬ ଜଣ ମହିଳାଙ୍କ ସମେତ ମୋଟ୍ ୪୨ ଜଣ ରକ୍ତଦାନ କରିଥିଲେ। ରକ୍ତ ଭଣ୍ଡାରର ପୁଣ୍ଡରୀକାକ୍ଷ୍ୟ ଦାସ, ଛବି ମହାନ୍ତ, ପ୍ରଭାସିନୀ ସାହୁ, ଶକୁନ୍ତଳା ମହାନ୍ତ ଓ କରୁଣାକର ଜେନା ରକ୍ତ ସଂଗ୍ରହ କରିଥିଲେ। ମଙ୍ଗିଲାଲ ଲଢ଼ା, ଜିତେନ୍ଦ୍ର କର୍ଣ୍ଣାନୀ, ମନିକା ଭଟ୍ଟର ଓ ମୋହିନୀ ଶୁକ୍ଳା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମାନବ ଉତ୍‌ଥାନ ସେବା ସଂସ୍ଥାନ ପକ୍ଷରୁ ବିଜ୍ଞାନ ମେଳା



**ସୋର,୨୩।୬/ଏନ୍ଏନ୍ଏସ୍:** ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଅବସରରେ ମାନବ ଉତ୍‌ଥାନ ସେବା ସଂସ୍ଥାନ ପକ୍ଷରୁ ବ୍ରାଇଟ୍ ଫ୍ୟୁଚର୍ ଷ୍ଟଡି ସେଣ୍ଟର୍‌ର କୁନି କୁନି ପିଲାଙ୍କୁ ନେଇ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂସ୍ଥାର ସଭାପତି ତଥା ସମାଜସେବୀ ଜୟନ୍ତ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଗାସନ କରିବା ପରେ ପିଲାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିଜ୍ଞାନଭିତ୍ତିକ ପ୍ରକଳ୍ପ ଗୁଡ଼ିକ ସ୍ଥାନିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସୋର ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନର ପ୍ରଚଳିତ ସମାଜରେ ମାନବ ସମାଜ ବିଜ୍ଞାନ ଭିତରେ ବୁଡି ରହିଥିଲେ ମଧ୍ୟ ନିଜର ଚଳଣୀରେ ବିଜ୍ଞାନର ଅସ୍ତିତ୍ୱକୁ ହୃଦ୍‌ବୋଧ କରିବାରେ ଏବେ ବି ଅକ୍ଷମ ରହିଛି ବେଶଲି ଶ୍ରୀ ବେହେରା କହିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଡ଼ା. ବିଷ୍ଣୁପଦ ମହାନ୍ତି ବିଜ୍ଞାନକୁ ବିଶ୍ୱକଲ୍ୟାଣ ନିମନ୍ତେ ନିୟୋଜିତ କରିବା ଏକାନ୍ତ କର୍ତ୍ତବ୍ୟ ହେବା ଉଚିତ୍ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଡାକ୍ତର ସୁକାନ୍ତ କୁମାର ସାହୁ, ବିଚାରକମଣ୍ଡଳୀରେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅଧ୍ୟାପକ ରତ୍ନାକର ମୁଦୁଲି ଓ ମାନସ ରଞ୍ଜନ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପ୍ରଧାନ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ୍‌ର ସହ ପ୍ରଧାନଶିକ୍ଷକ ପର୍ଶୁରାମ ବେହେରା ଉପସ୍ଥିତ ଥିଲେ। ମାନସ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ କୁମାର ଧଡ଼ା, ଶଶୀକାନ୍ତ ବିଶ୍ୱାଳ, ତୋଫାନ କୁମାର ଖିଲାର, ସସ୍ମିତା ପ୍ରଧାନ ଓ ସତ୍ୟ ରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଶ୍ରୀତମ ଜେନା ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ବାଲେଶ୍ୱରର ସଫଳତା




**ସୋର,୨୩।୬/ଏନ୍ଏନ୍ଏସ୍:** ଚଳିତ ମାସ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ କଟକ ଜବାହାରଲାଲ ନେହେରୁ ଇନଡୋର୍ ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୮ଟି ଜିଲ୍ଲାରୁ ୬୦୦ରୁ ଊର୍ଦ୍ଧ୍ୱ ବାଳକ ଓ ବାଳିକା ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ବାଲେଶ୍ୱର ଜିଲ୍ଲାରୁ ୬ ଜଣ ଖେଳାଳି ଦୁଇଟି ବିଭାଗରେ ଭାଗନେଇ ୪ଟି ମେଡାଲ୍ ପାଇଛନ୍ତି। ଜିଲ୍ଲାର ଦୁଇଟି ଏକାଡେମୀ ବାଲେଶ୍ୱର ଟାଏକ୍ୱୋଣ୍ଡୋ ଏକାଡେମୀ ଓ ସୋର ଟାଏକ୍ୱୋଣ୍ଡୋ ଏକାଡେମୀ ଅଂଶଗ୍ରହଣ କରିଥିଲେ। ସୋର ଟାଏକ୍ୱୋଣ୍ଡୋ ଏକାଡେମୀରୁ ୫ ଜଣ ଖେଳାଳି କ୍ୟୋରୁଗୀ ପୁମ୍‌ସେ ବିଭାଗରେ ଭାଗନେଇ ୪ଟି ମେଡାଲ୍ ପାଇଛନ୍ତି। ଶ୍ରବଣ ମହାରଣା ପୁମ୍‌ସେରେ ଭାଗନେଇ ସ୍ୱର୍ଣ୍ଣ ପଦକ ଏବଂ ୬୮ କେଜି କ୍ୟୁରୋଗୀରେ ରୌପ୍ୟ ପଦକ ପାଇଛନ୍ତି। ୬୧ କେଜି ବର୍ଗରେ ସୋହମ୍ ସାହୁ କ୍ୟୁରୋଗୀରେ ରୌପ୍ୟ ପଦକ ପାଇଛନ୍ତି। ୬୩ କେଜି ବର୍ଗରେ ସମ୍ବିତ ସାହୁ କ୍ୟୋରୋଗୀରେ କାଂସ୍ୟ ପଦକ ପାଇଛନ୍ତି। ସୋର ଟାଏକ୍ୱୋଣ୍ଡୋ ଏକାଡେମୀର ଖେଳାଳି ଶ୍ରବଣ ମହାରଣା ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପୁମ୍‌ସେରେ ସ୍ୱର୍ଣ୍ଣ ପଦକ ପାଇଥିବାରୁ ଜାତୀୟ ଚାମ୍ପିଅନ୍‌ସିପ୍ ପାଇଁ ମନୋନୀତ ହୋଇଛନ୍ତି। କୋଚ୍ ଅତାଉଲ୍ଲା ଖାନ୍‌ଙ୍କୁ ବେଷ୍ଟ କୋଚ୍ ଆୱାର୍ଡ ମିଳିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ସଭାପତି ଅବଦୁଲ୍ ଓଦୁତ୍ ଖାନ୍ ଓ ସୋର ବିଧାୟକ ମାଧବ ଧଡ଼ା ସବୁ ଖେଳାଳି ଓ ବାଲେଶ୍ୱର ଜିଲ୍ଲା କୋଚ୍ ଅତାଉଲ୍ଲା ଖାନ୍‌ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



**ବାଲେଶ୍ୱର,୨୩।୬/ଏନ୍ଏନ୍ଏସ୍:** ବିଜେପି ରେମୁଣା ନିର୍ବାଚନମଣ୍ଡଳୀ ପକ୍ଷରୁ ଜନସଂଘର ପ୍ରତିଷ୍ଠାତା ତଥା ପ୍ରଖ୍ୟାତ ରାଷ୍ଟ୍ରନାୟକ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ କରାଯାଇଛି। ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିପିନ ମାରାଣ୍ଡି, ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ପଣ୍ଡା ଓ ଜିଲ୍ଲା ସମ୍ପାଦିକା ରବିତା ଦାସଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନେତୃବୃନ୍ଦମାନେ ଡ. ମୁଖାର୍ଜୀଙ୍କ ତ୍ୟାଗ, ରାଷ୍ଟ୍ରବାଦୀ ଚିନ୍ତାଧାରା ଓ ଅଖଣ୍ଡ ଭାରତ ଗଠନରେ ତାଙ୍କ ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଧାୟକ ଶ୍ରୀ ଦାସ କହିଥିଲେ ଯେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଜଣେ ପ୍ରଖର ରାଷ୍ଟ୍ରପ୍ରେମୀ, ଦୂରଦର୍ଶୀ ଚିନ୍ତକ, ଦେଶର ଏକତା ଏବଂ ଅଖଣ୍ଡତା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ମହାନ ବ୍ୟକ୍ତିତ୍ୱ। ତାଙ୍କର ଆଦର୍ଶ, ତ୍ୟାଗ ଓ ରାଷ୍ଟ୍ରସେବାର ଭାବନା ଆଜି ମଧ୍ୟ ଦେଶବାସୀଙ୍କୁ ପ୍ରେରଣା ଯୋଗାଉଛି ବୋଲି ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଉମାକାନ୍ତ ଜେନା, ମାନସ ମହାନ୍ତି, ପ୍ରଫୁଲ୍ଲ ଦ୍ୱିବେଦୀ, ମଣ୍ଡଳ ସାଧାରଣ ସମ୍ପାଦକ କମଳଲୋଚନ ପ୍ରଧାନ, ସୂର୍ଯ୍ୟ କୁମାର ମିଶ୍ର, ନିତୁନ କୁମାର ସାହା ଓ ଉମେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଚାମେଲୀଙ୍କୁ ନ୍ୟାୟ ଦେବାକୁ ମୟୂରଭଞ୍ଜ ସରପଞ୍ଚ ମହାସଂଘର ଦାବି

**ନ୍ୟାୟ ନମିଳିଲେ ସରକାରୀ କାର୍ଯ୍ୟରେ ଯୋଗଦେବେନି ସରପଞ୍ଚ**

**ବାରିପଦା,୨୩।୬/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା ସରପଞ୍ଚ ମହାସଂଘ ପକ୍ଷରୁ ମହାକାଳପଡ଼ା ବ୍ଲକ୍ ଡିଖ୍ରି ସରପଞ୍ଚ ଚାମେଲୀ ଓଝାଙ୍କ କ୍ଷେତ୍ରରେ ଘଟିଥିବା ଅନ୍ୟାୟର ପ୍ରତିବାଦ କରାଯାଇଛି। ଏହାସହ ଚାମେଲିଙ୍କୁ ନ୍ୟାୟ ପ୍ରଦାନ ଏବଂ ତାଙ୍କ ବିରୋଧରେ କରାଯାଇଥିବା ମିଥ୍ୟା ମାମଲାରେ ସମ୍ପୂର୍ଣ୍ଣ ଦୋଷମୁକ୍ତ କରିବାକୁ ଦାବି କରାଯାଇଛି। ଏନେଇ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚାମେଲୀଙ୍କ ପ୍ରତି ହୋଇଥିବା ଅମାନୁଷିକ ଅତ୍ୟାଚାରକୁ ବିରୋଧ କରାଯାଇ ତା'ର ନ୍ୟାୟିକ ତଦନ୍ତ ଏବଂ ସିସିଟିଭି ଫୁଟେଜ୍ ଓ ମୋବାଇଲ୍ ଫୋନ୍‌ରେ ରେକର୍ଡ ହୋଇଥିବା ସମସ୍ତ ପ୍ରସଙ୍ଗକୁ ସାର୍ବଜନୀନ କରିବା ନିମନ୍ତେ




ମୟୂରଭଞ୍ଜ ଜିଲ୍ଲା ସରପଞ୍ଚ ମହାସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି। ତେବେ ଚାମେଲୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ସମସ୍ତ ପଞ୍ଚାୟତର ସରପଞ୍ଚ କୌଣସି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବେନି ବୋଲି ଜିଲ୍ଲା ସରପଞ୍ଚ ସଂଘ ଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ଖଗେଶ୍ୱର ସିଂ, ସଂଯୋଜକ ଦାନ୍ଦୁ ମୁର୍ମୁ, ସମ୍ପାଦକ ଲକ୍ଷେଶ୍ୱର ନାଏକ, ସରପଞ୍ଚ ଉର୍ମିଳା ସିଂ, ଫକିରା ସିଂ, ରାମଜୀତ ହେମ୍ବ୍ରମ୍, ବାବୁଲା ମୁର୍ମୁ, ସ୍ୱାଲାଗେ ହେମ୍ବ୍ରମ୍, ଟିକିଲି ସୋରେନ, ସୁକୁଲ ମାରାଣ୍ଡି, ଝଡ଼େଶ୍ୱର ହାଁସଦା, ସତ୍ୟବାନ ସିଂ, ଦୟାଭାଇ ଓ ଲୋକେଶ୍ୱର ନାଏକ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ସରପଞ୍ଚ ଉପସ୍ଥିତ ଥିଲେ।

# 'ଆମ ତହସିଲ୍ ଆମ ଗାଁରେ' କାର୍ଯ୍ୟକ୍ରମ

**ସୋର,୨୩।୬/ଏନ୍ଏନ୍ଏସ୍:** ସୋର ବ୍ଲକ୍ ନଦୀଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ସୋର ତହସିଲ୍ ପକ୍ଷରୁ 'ଆମ ତହସିଲ୍ ଆମ ଗାଁରେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଦୀଗାଁ ଓ ସରଶଙ୍ଖ ପଞ୍ଚାୟତର ଗ୍ରାମବାସୀମାନେ ନିଜ ସମସ୍ୟା ଜଣାଇଥିଲେ। ତେବେ ମୋଟ୍ ୭୭ଟି ଅଭିଯୋଗ ଆସିଥିବାବେଳେ ସେହି ସ୍ଥାନରେ ୩୧ଟି ତୁରନ୍ତ ସମାଧାନ କରାଯାଇଥିଲା। ଏହି ସମୟରେ ସୋର ଭାରପ୍ରାପ୍ତ ତହସିଲଦାର୍ କୃଷ୍ଣମୋହନ ସିଂହ, ଡାଟା ଏଣ୍ଟ୍ରି ଅପରେଟର୍ କବିତା ଦାସ ଓ ପ୍ରଦୀପ କୁମାର ଦାସ, ଅମିନ ମୁଧୁସ୍ମିତା ମାଝୀ, ବରିଷ୍ଠ ସହାୟକ ମନୋରଞ୍ଜନ ପରିଡ଼ା, ରେକର୍ଡ କିପର୍ ଭରତ କୁମାର ମଲିକ, କନିଷ୍ଠ



ସହାୟକ ରଞ୍ଜନ କୁମାର ଦାସ ଓ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଏପରି କାର୍ଯ୍ୟକ୍ରମ କରାଯାଇ ଲୋକଙ୍କ ସମସ୍ୟାର ସମାଧାନ ଗାଁରେ କରାଯିବ ବୋଲି ତହସିଲଦାର୍ ଶ୍ରୀ ସିଂହ କହିଛନ୍ତି।

## ଶ୍ରୀକ୍ଷେତ୍ର ଯିବ ଅଣସର ଫଳବାର, ପ୍ରାଚୀତଟ ଚଳଚଞ୍ଚଳ

**ଚାରିଛକ,୨୩।୬/ଏନ୍ଏନ୍ଏସ୍:** ଦେବସ୍ନାନ ପୂର୍ଣ୍ଣିମାର ମହାସ୍ନାନ ପରେ ଚତୁର୍ଦ୍ଧାମୂର୍ତ୍ତୀ ଜ୍ୱରଗ୍ରସ୍ତ ହୋଇ ଜ୍ୱର ଉପଚାରରେ ରହିବେ । ଠାକୁର ମାନଙ୍କ ଜ୍ୱର ଉପଚାର ପାଇଁ ଦୁର୍ଲ୍ଲଭ ବନସ୍ପତି ପଥ୍ୟ ପାଇଁ ସ୍ୱାଦିଷ୍ଟ ଫଳ ସଂଭାର ସଂଗ୍ରହରେ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ପବିତ୍ର ପ୍ରାଚୀତଟ ଚଳ ଚଞ୍ଚଳ ହୋଇଉଠିଛି । ପୂର୍ବେ ଶ୍ରୀକ୍ଷେତ୍ରସ୍ଥ ଭକ୍ତ ଜୟଦେବଙ୍କ ଦଶ ଅବତାର ମଠ ମାଧ୍ୟମରେ ପ୍ରାଚୀତଟର ସମସ୍ତ ସେବା ଶ୍ରୀ ମନ୍ଦିରରେ ପହଂଚୁଥିଲା । ଇଂରେଜ ଶାସନ ଠାରୁ ଏ ଯାବତ ମଠସ୍ଥିତି ସୁଧୁରି ନ ଥିବାରୁ ମହାପ୍ରଭୁଙ୍କ ଦୁର୍ଲ୍ଲଭ ସେବା ଧୀରେ ଧୀରେ ଲୁଚିହଜି ଯାଇଥିଲା । ୧୯୯୨ ମସିହାରେ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ପ୍ରଚେଷ୍ଟାରେ ଭକ୍ତ ଜୟନ୍ତୀ ସଂକୀର୍ତ୍ତନ ଯାତ୍ରା ରାଜ୍ୟ ସରକାରଙ୍କ ପ୍ରତ୍ୟେକ୍ଷ ପରିଚାଳନାରେ ଶ୍ରୀକ୍ଷେତ୍ରରେ ପହଞ୍ଚିଲା ଓ ସେହିବର୍ଷ ପ୍ରଥମ ଅଣସର ଫଳଭାର ଶ୍ରୀକ୍ଷେତ୍ର ଗଲା ପରେ ପରେ ୨୦୧୫ରୁ ପ୍ରାଚୀତଟ ଦେଉଳୀମଠ ଓ ୨୦୧୯ରୁ ମହାପ୍ରଭୁଙ୍କ ମାମୁଁଘର ମାଧବ ମନ୍ଦିରରୁ ଅଣସର ଫଳଭାର ସହ ପ୍ରଥମାଷ୍ଟମୀ ଭାର ସଂଭାର ଶ୍ରୀ ମନ୍ଦିର ପହଞ୍ଚିଲା । ଚଳିତବର୍ଷ ପର୍ଯ୍ୟାୟକ୍ରମେ ପ୍ରାଚୀତଟର ଏହି ଦେବପୀଠରୁ ଅଣସର ପଞ୍ଚମୀ, ଅଣସର ସପ୍ତମୀ ଓ ଅଣସର ଏକାଦଶୀ ଦିନ ଅଣସର ଫଳଭାର ନାମ ସଂକୀର୍ତ୍ତନ ସହ ଶ୍ରୀ କ୍ଷେତ୍ରରେ ପହଞ୍ଚିବ । ଆଗ୍ରହୀଭକ୍ତମାନେ ନିଜ ବାଡିଫଳ ଦେବପୀଠ ସହ ସଂପର୍କ ରକ୍ଷାକରି ପଠାଇବାକୁ ପଣ୍ଡିତ ଶ୍ରୀ ମିଶ୍ର ଅନୁରୋଧ କରିଛନ୍ତି ।

## ପ୍ରଥମ ପୃଷ୍ଠାରୁ

### ସମୃଦ୍ଧ ଓ ସଶକ୍ତ ଓଡ଼ିଶା ...

ବଡ଼ ରାଜନୈତିକ ଦଳ 'ଭାରତୀୟ ଜନତା ପାର୍ଟି' ଭାବେ ଉଭା ହୋଇଛି, ଯାହାର ମୂଳମନ୍ତ୍ର ହେଉଛି ସାଂସ୍କୃତିକ ରାଷ୍ଟ୍ରବାଦ । ପୂର୍ବ ସରକାର ଡଃ ମୁଖାର୍ଜୀଙ୍କ ସ୍ମୃତି ଦିବସକୁ ଅଣଦେଖା କରୁଥିବାବେଳେ ବର୍ତ୍ତମାନର ସରକାର ଏହାକୁ ଏକ ଜାତୀୟ କର୍ତ୍ତବ୍ୟ ଭାବେ ଗ୍ରହଣ କରି ପାଳନ କରୁଛନ୍ତି । ଏହି ଅବସରରେ ସେ ଦେଶ ଓ ରାଜ୍ୟକୁ ଦୁର୍ବଳ କରୁଥିବା ଭ୍ରଷ୍ଟ, ଦେଶବିରୋଧୀ ଏବଂ ପରିବାରବାଦୀ ଶକ୍ତିମାନଙ୍କ ପ୍ରତି ସତର୍କ ରହିବାକୁ ଆହ୍ୱାନ ଦେଇଛନ୍ତି ।

ଓଡ଼ିଶା ବିଧାନ ସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ କହିଥିଲେ ଯେ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଜାତୀୟତାବାଦ ଚିନ୍ତାଧାରାକୁ ଯିଏ ବିଚ୍ଛୁରିତ କରିଥିଲେ ସେ ହେଉଛନ୍ତି ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ । ସେ ହେଉଛନ୍ତି ପ୍ରକୃତ ଦେଶ ଭକ୍ତର ନିଦର୍ଶନ, ଯିଏ କି ଦଳ ମତ ନିର୍ବିଶେଷରେ ନିଜ ଦେଶକୁ ଭଲପାଉଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟସଭା ସାଂସଦ ଦୁଷ୍ମନ୍ତ କୁମାର ଗୌତମ, ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ମତବ୍ୟକ୍ତ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ।

### ଓଡ଼ିଶା ଆସୁଛନ୍ତି ...

କାର୍ଯ୍ୟକ୍ରମରେ ଯୋଗଦେବେ । ସରକାରୀ କାର୍ଯ୍ୟକ୍ରମ ସହିତ ଦଳୀୟ ସଂଗଠନ ପକ୍ଷରୁ ଆୟୋଜିତ ବୈଠକ ଓ ସମାବେଶରେ ମଧ୍ୟ ଶାହ ଯୋଗଦେବେ ଏବଂ ଦଳୀୟ ନେତୃତ୍ୱ ଓ କର୍ମୀମାନଙ୍କୁ ମାର୍ଗଦର୍ଶନ ଦେବେ ବୋଲି ଜଣାପଡିଛି । ଉଭୟ ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ଉପରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି । ସୁରକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭ କରି କାର୍ଯ୍ୟକ୍ରମ ସ୍ଥଳର ସମସ୍ତ ବ୍ୟବସ୍ଥାକୁ ନେଇ ସମ୍ପୃକ୍ତ ବିଭାଗମାନେ ସଜାଗ ହୋଇଉଠିଛନ୍ତି । ପ୍ରଶାସନିକସ୍ତରରେ ତତ୍ପରତା ବେଶ୍ ବଢ଼ିଯାଇଛି । ଶାହଙ୍କ ଗସ୍ତ ପାଇଁ ରାଜ୍ୟ ବିଜେପି ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ।

### ଜୁଲାଇ ୫କୁ ଘୁଞ୍ଚିଲା ...

ପରୀକ୍ଷା ଦେବା ଅସମ୍ଭବ ହୋଇପଡ଼ିଥିଲା । ପରୀକ୍ଷାର୍ଥୀଙ୍କ ଏହି ସମସ୍ୟା ଓ ଦାବିକୁ ଦୃଷ୍ଟିରେ ରଖି ବିଏସ୍ଇ ସଭାପତି ଶ୍ରୀକାନ୍ତ ତରାଇ ଓଟିଇଟି ପରୀକ୍ଷା ତାରିଖ ଘୁଞ୍ଚାଇବାକୁ ମଞ୍ଜୁରି ଦେଇଛନ୍ତି । ଓଟିଇଟି ପରୀକ୍ଷା ଆସନ୍ତା ମାସ ଅର୍ଥାତ୍ ଜୁଲାଇ ୫ ତାରିଖରେ ହେବ । ଶ୍ରୀ ତରାଇ ମଧ୍ୟ ଆଜି ଏହି ସଂଶୋଧିତ ସୂଚୀ ଘୋଷଣା କରିଛନ୍ତି । ବିଏସ୍ଇ ଏହି ପରିପ୍ରେକ୍ଷୀରେ ସ୍ପଷ୍ଟ କରିଛି ଯେ, ଯେଉଁ ପରୀକ୍ଷାର୍ଥୀମାନେ ପୂର୍ବରୁ ଓଟିଇଟି ଆଡମିଟ୍ କାର୍ଡ ଡାଉନଲୋଡ୍ କରିସାରିଛନ୍ତି, ସେମାନଙ୍କୁ ପୁଣିଥରେ ନୂଆ ଆଡମିଟ୍ କାର୍ଡ ଡାଉନଲୋଡ୍ କରିବାକୁ ପଡ଼ିବ ନାହିଁ । ପୁରୁଣା ଆଡମିଟ୍ କାର୍ଡ ହିଁ ଜୁଲାଇ ୫ ତାରିଖ ପରୀକ୍ଷା ପାଇଁ ବୈଧ ରହିବ । ସେହିପରି ଓଏସ୍ଏସ୍ଏସ୍ସି ପରୀକ୍ଷା ପାଇଁ ସଂଶୋଧିତ ଆଡମିଟ୍ କାର୍ଡ ଆଜିଠାରୁ (ଜୁନ୍ ୨୪) ଅଫିସିଆଲ୍ ୱେବସାଇଟରେ ଉପଲବ୍ଧ ହେବ । ୨୮ ତାରିଖରେ ପ୍ରାୟ ୧୬ହଜାର ଓଏସ୍ଏସ୍ଏସ୍ସି ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।

### ୫.୭୭ ଲକ୍ଷ କୋଟି ଟଙ୍କା ...

ସାମ୍ସଙ୍ଗ୍ ଏବଂ ଏସ୍କେ ହାଇନିକ୍ସ'ର ଶେୟାରରେ ୧୨-୧୩% ହ୍ରାସ ଘଟିବା ଯୋଗୁ ସାରା ଏସିଆର ବଜାର ଉପରେ ଏହାର ଖରାପ ପ୍ରଭାବ ପଡ଼ିଥିଲା । ତେବେ ଦକ୍ଷିଣ କୋରିଆ ଶେୟାର ବଜାରରେ କ୍ରାଶ୍ ବ୍ୟତୀତ ଭାରତୀୟ ଷ୍ଟକ୍ ବଜାରରେ ଏପ୍ରକାର ସ୍ଖଳନର ଅନ୍ୟ କେତେକ କାରଣ ମଧ୍ୟ ରହିଛି । ଯେପରିକି, ଆଇଟି ସେକ୍ଟରରେ ପ୍ରବଳ ବିକ୍ରି ଚାପ, ଆମେରିକା ଫେଡେରାଲ୍ ରିଜର୍ଭର ସୁଧହାର ବୃଦ୍ଧି ଆଶଙ୍କା, ବେଦାନ୍ତ ଓ ମେଟାଲ୍ ସେକ୍ଟରରେ ବଡ଼ ଡିଲ୍ ଏବଂ ଲାଭ ବୁକିଂ ଇତ୍ୟାଦି । ବିଶ୍ୱସ୍ତରୀୟ ଆଇଟି କନସଲ୍ଟିଂ କମ୍ପାନୀ ଆସେଞ୍ଚର' ତାର ବାର୍ଷିକ ରାଜସ୍ୱ ଅଭିବୃଦ୍ଧିର ପୂର୍ବାନୁମାନକୁ କମାଇ ଦେଇଛି । ଏହାଦ୍ୱାରା ବିଶ୍ୱବ୍ୟାପୀ ଆଇଟି ଖର୍ଚ୍ଚ କମିବା ନେଇ ଆଶଙ୍କା ଦେଖାଦେଇଛି । ଫଳରେ ଭାରତୀୟ ଆଇଟି କମ୍ପାନୀ ଯେପରିକି ଇନ୍ଫୋସିସ୍, ଟିସିଏସ୍, ୱିପ୍ରୋ ଏବଂ ଏଚ୍ସିଏଲ୍ ଟେକ୍ ଆଦି କମ୍ପାନୀର ସେୟାର ପ୍ରାୟ ୩.୫% ରୁ ଅଧିକ ହ୍ରାସ ପାଇଛି । ସେହିପରି ମଧ୍ୟପ୍ରାଚ୍ୟ ସଂଘର୍ଷ ଯୋଗୁଁ ଅଶୋଧିତ ତୈଳ ଦର ବଢ଼ିବା ସହ ମୁଦ୍ରାସ୍ଫୀତି ବଢ଼ିବା ଆଶଙ୍କା ଦେଖାଦେଇଛି । ବ୍ୟାଙ୍କ ଅଫ୍ ଆମେରିକାର ଆକଳନ ଅନୁସାରେ, ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ୍ ୨୦୨୬ ମଧ୍ୟରେ ଆହୁରି ତିନିଥର ସୁଧହାର ବଢ଼ାଇପାରେ, ଯାହା ନିବେଶକମାନଙ୍କୁ ଚିନ୍ତାରେ ପକାଇଛି । ଅନ୍ୟପକ୍ଷେ ବେଦାନ୍ତ କମ୍ପାନୀରେ ପ୍ରାୟ ୨,୧୫୦ କୋଟି ଟଙ୍କାର ଏକ ବଡ଼ 'ବ୍ଲକ୍ ଡିଲ୍' ହେବା ପରେ ଏହାର ସେୟାର ପ୍ରାୟ ୯% ପର୍ଯ୍ୟନ୍ତ ଖସି ଆସିଥିଲା, ଯାହା ଟାଟା ଷ୍ଟିଲ୍ ଭଳି ଅନ୍ୟ ମେଟାଲ୍ ସେୟାରଗୁଡ଼ିକୁ ମଧ୍ୟ ତଳକୁ ଟାଣିଥିଲା । ଏଥିଯୋଗୁ ଷ୍ଟକ୍ ବଜାରରେ ମେଟାଲ୍ ସେକ୍ଟରରେ ମଧ୍ୟ ବଡ଼ ହ୍ରାସ ଦେଖିବାକୁ ମିଳିଛି । ସବୁଠୁ ବଡ଼ କଥା ହେଉଛି, ବିଶ୍ୱ ବଜାରର ସ୍ଥିତି ବିଗିଡ଼ିବା ମାତ୍ରେ ନିବେଶକମାନେ ଆଜି ଦିନରେ ସତର୍କତା ଅବଲମ୍ବନ କରି ନିଜର ପ୍ରୋଫିଟ୍ ବୁକ୍ (ଲାଭ ସଂଗ୍ରହ) କରିବା ଆରମ୍ଭ କରିଦେଇଥିଲେ । ଏହାର ପ୍ରଭାବ ଗୁରୁତର ଭାବେ ଭାରତୀୟ ଶେୟାର ବଜାରକୁ ପ୍ରଭାବିତ କରିଛି । ବିଏସ୍ଇ ଏବଂ ନିଫ୍ଟିରେ ଆଜି ଟିସିଏସ୍, ଟାଟା ଷ୍ଟିଲ୍, ବେଦାନ୍ତ, ବିଇଏଲ୍ ଅଦାନୀ ପୋର୍ଟ୍ସ ଏବଂ ଏଚ୍ଡିଏଫ୍ସି ବ୍ୟାଙ୍କ୍ ଭଳି ବଡ଼ ବଡ଼ କମ୍ପାନୀଗୁଡ଼ିକର ସେୟାର ସବୁଠାରୁ ଅଧିକ ହ୍ରାସ ପାଇ ବନ୍ଦ ହୋଇଛନ୍ତି । କେବଳ ଫାର୍ମା ସେକ୍ଟରକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ସେକ୍ଟୋରାଲ୍ ସୂଚକାଙ୍କ ଆଜି ନାଲି ସଂକେତରେ (ହ୍ରାସ ସହ) ବନ୍ଦ ହୋଇଛନ୍ତି ।

### କେନ୍ଦ୍ର କୃଷିମନ୍ତ୍ରୀଙ୍କ ...

ମାଲକାନଗିରି ଏବଂ ନବରଙ୍ଗପୁର ଆଦି ୮ଟି ଜିଲ୍ଲା ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି । ରାଜ୍ୟ ପ୍ରଶାସନ ପକ୍ଷରୁ ବିଳମ୍ବରେ ରୁଆ, ଆର୍ଦ୍ରତାର ଅଭାବ, ଜଳଭଣ୍ଡାରରେ ଜଳସ୍ତର ହ୍ରାସ ଏବଂ ରୋଗପୋକ ସଂକ୍ରମଣ ଭଳି ସମ୍ଭାବ୍ୟ ବିପଦକୁ ମୁକାବିଲା କରିବା ପାଇଁ ସଜାଗ ରହିଛି । ସେହିପରି କୃଷି ଉତ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ୫୭.୮୮ ଲକ୍ଷ ହେକ୍ଟର ଜମିରେ ଚାଷ ପାଇଁ ଚୂଡ଼ାନ୍ତ କରିଛି । ଏଥିପାଇଁ ସବ୍ସିଡ଼ି ଦରରେ ପ୍ରାମାଣିକ ବିହନ ବଣ୍ଟନ ଏବଂ ସଙ୍କଟ ସମୟରେ ବ୍ୟବହାର ପାଇଁ ୧୪,୩୫୦ କ୍ୱିଣ୍ଟାଲ (୭,୫୦୦ କ୍ୱିଣ୍ଟାଲ ଧାନ ଏବଂ ୬,୮୫୦ କ୍ୱିଣ୍ଟାଲ ଅଣ-ଧାନ ବିହନ)ର ଏକ ବିହନ ଭଣ୍ଡାର ପ୍ରତିଷ୍ଠା କରାଯାଇଛି । ଏହାଛଡ଼ା, ଚାଷୀମାନଙ୍କୁ ସାର ଯୋଗାଇବା ପାଇଁ ୧୧.୪୨ ଲକ୍ଷ ମେଟ୍ରିକ ଟନ୍ ଚାହିଦା ବିପକ୍ଷରେ ୬.୪୦ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ କରାଯାଇଛି । କୃଷି କ୍ଷେତ୍ରରେ ସ୍ଥିରତା ଏବଂ ଚାଷୀଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇ ସରକାର ପ୍ରଯୁକ୍ତିବିଦ୍ୟା ଓ ସାମୁଦାୟିକ ସହଭାଗିତାକୁ ବ୍ୟବହାର କରୁଛନ୍ତି । 'କୃଷି ସମୃଦ୍ଧି ହେଲ୍ପଲାଇନ୍'ର ଆଇଭିଆର୍ଏସ୍ ବ୍ୟବସ୍ଥା ମାଧ୍ୟମରେ ଚାଷୀଙ୍କୁ ସମୟାନୁସାରେ ପାଣିପାଗ ସମ୍ବନ୍ଧୀୟ ପରାମର୍ଶ ଦିଆଯାଉଛି । ଏଥିସହିତ, ରାସାୟନିକ ସାର ଉପରେ ନିର୍ଭରଶୀଳତା କମାଇବା ଏବଂ ସ୍ଥାୟୀ ଚାଷ ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଜିଲ୍ଲା ଓ ବ୍ଲକରେ 'ଖେତ ବଞ୍ଚାଅ ଅଭିଯାନ' ଏବଂ ପ୍ରାକୃତିକ ଚାଷ ଉପରେ କର୍ମଶାଳା ଆୟୋଜନ କରାଯାଉଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ କହିଛନ୍ତି ଯେ, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଓଡ଼ିଶା କୃଷକମାନଙ୍କ ସ୍ୱାର୍ଥ ରକ୍ଷା ଓ ଆର୍ଥିକ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ଟିମ୍ଗୁଡ଼ିକ ରୋଗପୋକ ନିୟନ୍ତ୍ରଣ ଓ ତଦାରଖ ପାଇଁ ସଜାଗ ରହିଛନ୍ତି । ସେହିପରି 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବା ପାଇଁ ପ୍ରୟାସ ଜାରି ରହିଛି । ଏହି ସମନ୍ୱିତ ପ୍ରୟାସ ମାଧ୍ୟମରେ ଏଲ୍ ନିନୋର ପ୍ରଭାବରୁ ଚାଷୀଙ୍କୁ ରକ୍ଷା କରିବା ଏବଂ ରାଜ୍ୟରେ ନିରନ୍ତର କୃଷି ବିକାଶ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଅଭିହିତ କରିଛନ୍ତି । ସେ କହିଛନ୍ତି, ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଫସଲ ଆପଦକାଳୀନ ମୁକାବିଲା ପାଇଁ ଯୋଜନା ପୂର୍ବରୁ ପ୍ରସ୍ତୁତ ରହିଛି । ବ୍ଲକ ସ୍ତରରେ ମଧ୍ୟ ଏହିପରି ଯୋଜନା ପ୍ରସ୍ତୁତ କରିବା ପାଇଁ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

# ତିନିରଥର ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ

**ପୁରୀ,୨୩।୬/ଏନ୍ଏନ୍ଏସ୍:** ଆଜି ରଥ ନିର୍ମାଣର ୬୪ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ସକାଳ ୮ଘଟିକା ସମୟରେ ଉପସ୍ଥିତ ପୂର୍ବକ ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନ ପ୍ରକାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଆଜି ରଥ ନିର୍ମାଣ ରେ ତିନିରଥ ମହାରଣା ସେବକ ୭୮ଜଣ, ଭୋଇସେବକ ୭୫ଜଣ, କରତୀ ସେବକ ୪ଜଣ, ତିନି ରଥ କମାର ସେବକ ୨୦ଜଣ, ତୁମ୍ବ ବିନ୍ଧ କାରିଗର ୨ଜଣ, ପାହି ମହାରଣା ୨ଜଣ, ରୂପକାର ସେବକ ୨୧ଜଣ, କରତୀ ସେବକ ୪ଜଣ, ଚିତ୍ରକର ସେବକ ୪୦ଜଣ, ରଥ ଖଳା ସହାୟକ(ପାଣି ବାଲା) ଜଣେ ରଥଖଳା ରଥ ନିର୍ମାଣ କାର୍ଯ୍ୟରେ ମୋଟ ୨୪୩ଜଣ ଯୋଗ ଦେଇଥିଲେ । ଗତକାଲି ସୁଦ୍ଧା ତିନିରଥର ପ୍ରଭା ପ୍ରେମ ପ୍ରସ୍ତୁତି ପୂର୍ବକ ପ୍ରଭା ଫ୍ରେମ୍ ପଟାର ଖିଲଣ କଟିଙ୍ଗ ସହ ଚିତ୍ର ଖୋଦେଇ ପଟା ରେ ବାଙ୍କ କଟିଙ୍ଗ ଆରମ୍ଭ ହୋଇଥିଲା । ଗତକାଲି ସୁଦ୍ଧା ତିନିରଥର ପ୍ରଭା ଫ୍ରେମ୍ରେ ପଟା ପଡ଼ିବାସହ ପ୍ରଭା ପଟାରେ ବାଙ୍କ ଖିଲଣ କଟା ଶେଷ ହୋଇଥିଲା, ଆଜି ପ୍ରଭାରେ ବାଙ୍କ ପଡ଼ି ରୂପ ଖୋଦେଇ ପଟା ସେଟିଙ୍ଗ ଶେଷ ହୋଇଛି । ଆସନ୍ତାକାଲି ରୂପକାର ସେବକ ମାନେ ପ୍ରଭା ଗୁଡ଼ିକରେ ରୂପ ଖୋଦେଇ କାର୍ଯ୍ୟ ଆରମ୍ଭ ହେବ । ଏଥିସହ ତିନିରଥ ର ବେଦୀ ଚାରି ପାର୍ଶ୍ୱରେ ପଟା ବାଡ଼ିଆ ହୋଇଥିବା ବଳକା ଅଂଶ ଗୁଡିକୁ କାଟି ସମତୁଲ କାର୍ଯ୍ୟ ଶେଷ କରିଛନ୍ତି । ରୂପକାର ସେବକ ମାନେ ତିନିରଥର ୨୪ଟି ନାଟ ଗୋଡ଼ରୁ ୧୨ଗୋଟି ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରି ରଙ୍ଗ କାର୍ଯ୍ୟ ପାଇଁ ଯୋଗାଇ ଦେଇଥିଲେ, ବାକି ୧୨ଗୋଟି ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଆଜି ଶେଷ କରି ତିନିରଥର ପଟା ଗୁଜଗୁଡିକରେ ନର ବିରାଳ, ସିଂହ ବିରଳ ଏବଂ ଗଜ ବିରଳ ଚିତ୍ର ଖୋଦେଇ କାର୍ଯ୍ୟ ଜାରୀ ରଖିଛନ୍ତି । ଚିତ୍ରକାର ସେବକ ମାନେ ତିନିରଥର କଳସରେ ପଦ୍ମ ପାଖୁଡା ଚିତ୍ର ରଙ୍ଗ କାର୍ଯ୍ୟ ସହ ନାଟ ଗୋଡ଼ର ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି, ଏଥିସହ ରଥ ପାର୍ଶ୍ୱ ଦେବ ଦେବୀ ମୂର୍ତ୍ତି ପ୍ରତିମାଗୁଡ଼ିକର ରଙ୍ଗ କାର୍ଯ୍ୟ ଏବଂ ତିନିରଥର ଚକ, ଦଣ୍ଡାଗୁଡିକରେ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି । ଅନ୍ୟପଟେ ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକମାନେ ତିନିରଥର ଧୂଳି ଦଣ୍ଡା ଏବଂ ରଥରେ ଶୁଆ ସେଟିଙ୍ଗ ପାଇଁ ନରାଜ କଣ୍ଟା ନିର୍ମାଣ ପରେ ମଠାକାର୍ଯ୍ୟ ଶେଷକରି ବେଦୀ କଣ୍ଟା, ପ୍ରଭା କଣ୍ଟା ନିର୍ମାଣ ସହ ତିନିରଥ ପଛ ଚକ ଗୁଡ଼ିକର ସୁରକ୍ଷା ପାଇଁ ଲୁହା ପ୍ଲେଟ୍ ଫିଟିଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି । ସେହିପରି ପାହି ମହାରଣାମାନେ ରଥଯାତ୍ରାରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି ।



## ନୂତନ ଶ୍ରେଣୀ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

**ନିଶ୍ଚିନ୍ତକୋଇଲି,୨୩।୬/ଏନ୍ଏନ୍ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ ଅଧିନରେ ଥିବା କୋଲଣପୁର ଓ ଜିଗ୍ନୀପୁର ପଞ୍ଚାୟତର ବାହାବଳପୁର ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ । ସରକାର ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବା ବେଳେ ଛାତ୍ର ଛାତ୍ରୀମାନଙ୍କୁ ଶ୍ରେଣୀ ଗୃହ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ଆଜି ବିଧାୟକ ଶ୍ରୀ ପ୍ରଧାନ ଏକ ବିରାଟ ପଟୁଆରରେ ଜିଗ୍ନୀପୁର ପଞ୍ଚାୟତର ବାହାବଳପୁରକୁ ଆସିଥିଲେ । ପ୍ରଥମେ ପ୍ରଧାନଶିକ୍ଷୟିତ୍ରୀ ରବେୟା ସରୱାର, ସିଆରସି ବୈକୁଣ୍ଠ ସାହୁ, ସହକାରୀ ଶିକ୍ଷୟିତ୍ରୀ ହେମଲତା ନାୟକ, ପରୱାନା ଅଂଜୁମ୍ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏହା ସହିତ ଏକ ଜଗନ୍ନାଥଙ୍କ



ଫଟୋ ପ୍ରଦାନ କରିଥିଲେ । ସେଠାରୁ ବିଧାୟକଙ୍କ ସହିତ ନୂତନ ଭିତ୍ତିପ୍ରସ୍ତର ସ୍ଥାପନ ଫଳକ ପାଖକୁ ଯାଇଥିଲେ । ସେଠାରେ ମୁଖ୍ୟମନ୍ତ୍ରୀଙ୍କର ସ୍ୱତନ୍ତ୍ର ସହାୟତା ଯୋଗେ ୯ଲକ୍ଷ ଟଙ୍କାର ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଫିତାକାଟି ନଡ଼ିଆ ବାଡ଼େଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ତୁରନ୍ତ କାମ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଦୀର୍ଘ ଦିନ ହେବ ଏହି ବିଦ୍ୟାଳୟର ଜମି ନଥିବାରୁ ନୂତନ ଗୃହ ହୋଇପାରୁନଥିଲା । ଗାଁର ଜଣେ ବଦାନ୍ୟ ବ୍ୟକ୍ତି ଫରାଜ୍ ଉଦ୍ଦିନ୍(କୁନା) ଭାଇ ଜମି ବିଦ୍ୟାଳୟ ନାମରେ ଦେବାରୁ ଆଜି ନୂତନ ବିଦ୍ୟାଳୟ ଗୃହ କାର୍ଯ୍ୟ ନିର୍ମାଣ ହେବାକୁ ଯାଉଛି । ହେଲେ ଆଜି ଏହି ଶୁଭ ଦିନରେ ଏହି ବଦାନ୍ୟ ବ୍ୟକ୍ତିଙ୍କର ଅନୁପସ୍ଥିତ ସ୍ଥାନୀୟ ଅଧିବାସୀଙ୍କୁ ଦୁଃଖ ଦେଇଥିଲା । ଏହା ପରେ କୋଲଣପୁରରେ ଅତିରିକ୍ତ ଶ୍ରେଣୀଗୃହ ପାଇଁ ବିଧାୟକ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଶ୍ରୀ ପ୍ରଧାନ ଯୋଗାଇଦେଇଥିଲେ । କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ପ୍ରଧାନଙ୍କ ସହିତ ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର, ଜିଗ୍ନୀପୁର ସରପଞ୍ଚ ତିଲୋତ୍ତମା ରାଉତ, ଅଶୋକ ଓଝା, ରମେଶଚନ୍ଦ୍ର ସ୍ୱାଇଁ, ରଂଜନ ରାଉତ, ଜ୍ଞାନରଂଜନ ରାଉତ, ପ୍ରକାଶ ସାମଲ, ହେମନ୍ତ ରାଉତ, ଅବିନାଶ ରାଉତଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ମାମା ବେହେରା, ଲକ୍ଷ୍ମୀପ୍ରିୟା ମାହାଳି ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଡେଲାଙ୍ଗ,୨୩।୬/ଏନ୍ଏନ୍ଏସ୍:** ମୁନିଦା ପ୍ରାଥମିକ ବିଦ୍ୟାଳୟ ସନ୍ନିକଟ ଏକ ବରଗଛ ଡାଳରେ ବେକରେ ରଶି ଝୁଲୁ ଥିବା ଏକ ମୃତଦେହକୁ ଡେଲାଙ୍ଗ ପୋଲିସ୍ ଉଦ୍ଧାର କରିଛି । ଘଟଣା ଅନୁଯାୟୀ ମୃତଦେହଟି ବରଗଛରେ ଝୁଲୁଥିବା ନେଇ ସ୍ଥାନିୟ ଲୋକେ ପୋଲିସ୍କୁ ଖବର ଦେଇଥିଲେ । ଖବର ପାଇଁ ଡେଲାଙ୍ଗ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହଟି ମୁନିଦା ଗ୍ରାମର ଗନ୍ଧର୍ବ ସ୍ୱାଇଁ (୪୮) ବୋଲି ଜାଣିବାକୁ ପାଇଥିଲା । ପରେ ମୃତଦେହକୁ ଡେଲାଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି । ତେବେ ପାରିବାରିକ କଳହରୁ ଯୁବକ ଜଣକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡେଲାଙ୍ଗ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

## ୧୮ବର୍ଷର ବାଳକ ନିଖୋଜ ନେଇ ଥାନାରେ ଅଭିଯୋଗ

**ଡେଲାଙ୍ଗ,୨୩।୬/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକ ସତ୍ୟବାଦୀ ଥାନା ଅଧିନସ୍ଥ ଧାନକେରା ପଞ୍ଚାୟତର ଟିକରପଡା ଗ୍ରାମର ସ୍ୱର୍ଗତ ଅମରେଶ ମଲିକଙ୍କ ପୁଅ ଆଶିଷ କୁମାର ମଲ୍ଲିକ(୧୮) ନିଖୋଜ ହେବା ନେଇ ଥାନରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଏକ ନିଖୋଜ ମାମଲା ରୁଜୁକରି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିଙ୍ଗ କହିଛନ୍ତି । ତେବେ ମିଳିଥିବା ସୁଚନାନୁଯାଇ ଅଭିଯୋଗକାରୀ ସମରେଶ ମଲ୍ଲିକ ଡେଲାଙ୍ଗ ଥାନା ଅଧିନସ୍ଥ ହୁଲୁହୁଲା ଗ୍ରାମ ମୁଣ୍ଡରେ ରୁହନ୍ତି । ତାଙ୍କ ପୁତୁରା ଆଶିଷ ସେଠାରେ ରହୁଥିଲେ । ରାତି ସାଢେ ୩ଟାରେ ଆଶିଷ ଶୌଚ ପାଇଁ ଘର ପାଖ ନଳକୂପକୁ ଟର୍ଚ୍ଚ ନେଇ ଯାଇଥିଲେ । ପରେ ସମରେଶଙ୍କ ସ୍ତ୍ରୀ ନଳକୂପ ନିକଟକୁ ଯାଇଥିବା ବେଳେ ପୁତୁରା ଝାଡା ବସିବାକୁ ନେଇ ଯାଇଥିବା ଟର୍ଚ୍ଚ ଓ ଗାମୁଛା ନଳକୂପ ପାଖରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ପୁତୁରା ସେଠାରେ ନଥିବାରୁ ଖୋଜିଥିଲେ । ହେଲେ କୌଣସି ପତ୍ତା ପାଇନଥିଲେ । ବନ୍ଧୁବାନ୍ଧବ ବହୁତ ଖୋଜାଖୋଜି ପରେ ପୁତୁରାକୁ ନପାଇ ନିରାଶ ହୋଇ ସମରେଶ ଥାନାରେ ଅଭିଯୋଗ କରିଥିଲେ ।

## ପୁରୀ ଜିଲ୍ଲା ପ୍ରଶାସନ ଦ୍ୱାରା 'ନିରୀକ୍ଷଣ' ଉଦ୍‌ଘାଟିତ

**ପୁରୀ,୨୩।୬/ଏନ୍ଏନ୍ଏସ୍:** ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପିପିଲିରେ ସ୍ୱାସ୍ଥ୍ୟ ସେବା ସହିତ ସମୁଦାୟ ସ୍ତରରେ ସ୍ୱାସ୍ଥ୍ୟସେବାକୁ ଅଧିକ ସଶକ୍ତ, ସହଜଲଭ୍ୟ ଓ ପ୍ରଯୁକ୍ତି ନିର୍ଭର କରିବା ଦିଗରେ ଓଡ଼ିଶା ସରକାର ଆଉ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି । ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ନିକଟରେ ଉନ୍ନତ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଲକ୍ଷ୍ୟରେ ଆଶା 'ନିରୀକ୍ଷଣ' କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡା. ମୁକେଶ କୁମାର ମହାଲିଙ୍ଗଙ୍କ କରକମଳରେ ସମ୍ପନ୍ନ ହୋଇଥିଲା । ଏହା ସହିତ ରାଜ୍ୟରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ସହିତ ସମୁଦାୟ ସ୍ତରରେ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ନିରୀକ୍ଷଣ' କାର୍ଯ୍ୟକ୍ରମ ମାଧ୍ୟମରେ ଗର୍ଭବତୀଙ୍କ ମା ମାନଙ୍କ ବିପଦସଂଙ୍କୁଳ ଅବସ୍ଥାକୁ ଶୀଘ୍ର ଚିହ୍ନଟକରଣ, ସମୟୋପଯୋଗୀ ଅନୁସରଣ ବ୍ୟବସ୍ଥା ସେବା ପ୍ରଦାନରେ ଡିଜିଟାଲ୍ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ । କାର୍ଯ୍ୟକ୍ରମ ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ସୁନିଶ୍ଚିତ କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହି ଉଦ୍ଘାଟନୀ ସମାରୋହରେ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଆଶ୍ରିତ ପଟ୍ଟନାୟକ, ଡା. ଡି ବୃନ୍ଦା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା, ଡ. ମହେଶ ମୋହନ ପଣ୍ଡା ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ସେବା, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ୟାମସୁନ୍ଦର ତ୍ରିପାଠୀ, ଜ୍ଲିଲା ହିସାବ ପରିଚାଳକ, ଡ. କାଳିପ୍ରସାଦ ମିଶ୍ର, ଡ. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ, ଡେପୁଟି ମ୍ୟାନେଜର (ଆର୍.ସି.ଏଚ୍.), ସହକାରୀ ମ୍ୟାନେଜର (ସି.ପି.), ବିଜୟଲକ୍ଷ୍ମୀ ସାହୁ, ଶୁଭଶ୍ରୀ ସାହୁ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୋଭାବର୍ଦ୍ଧନ କରିଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ଆଶା କର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ଆଶାକର୍ମୀ ମନୋରମ ଦାଶ, ମାଟିସାହି ମୁର୍ଦାନିପୁର ତାଙ୍କର ଉତ୍ତମ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ବୋଧିତ କରିଥିଲେ । 'ନିରୀକ୍ଷଣ' କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ 'ସୁସ୍ଥ ଓଡ଼ିଶା, ସଶକ୍ତ ଓଡ଼ିଶା' ଲକ୍ଷ୍ୟ ପୂରଣ ଦିଗରେ ଏକ ଅଭିନବ ଓ ଦୂରଦର୍ଶୀ ପଦକ୍ଷେପ ବୋଲି କୁହାଯାଇଥିଲା ।



# ବ୍ଲକ୍‌ସ୍ତରୀୟ ଜନସଚେତନତା ଓ ସେବା କାର୍ଯ୍ୟକ୍ରମ

**ଖୋର୍ଦ୍ଧା,୨୩।୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପଞ୍ଚାୟତ ସମିତି ଆନୁକୁଲ୍ୟରେ ବିକାଶର ଧାରା ଓଡ଼ିଶା ସାରା ଅନ୍ତର୍ଗତ ଖୋର୍ଦ୍ଧା ବ୍ଲକରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଜନସଚେତନତା ଓ ସେବା କାର୍ଯ୍ୟକ୍ରମ ମଣ୍ଡଳ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ, ଖୋର୍ଦ୍ଧା ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ଫିତା କାଟି ପ୍ରଦର୍ଶନୀ ଷ୍ଟଲ ଉଦ୍ଘାଟନ କରିବାସହ ସାଧାରଣ ସଭା ଓ ହିତାଧିକାରୀ ସେବା ସମାରୋହକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ଜଗଦେବ ଜିଲ୍ଲାବାସୀଙ୍କ ସହଯୋଗ ଲୋଡ଼ିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନ ସିଂହ ଓଡ଼ିଶା ସରକାର ଲୋକମାନଙ୍କ ହିତରେ ବିଭିନ୍ନ ପ୍ରକାର ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରୁଥିବା ଓ ଜନସାଧାରଣ ସଚେତନ ହେଲେ ଏହି ଯୋଜନା ଗୁଡିକର ସଫଳତା ସେମାନଙ୍କ ପାଖରେ ପହଞ୍ଚିପାରିବ ବୋଲି



କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଜୋନ -୧ ପ୍ରଫୁଲ୍ଲ କୁମାର ଦଳାଇ, ସାଂସଦଙ୍କ ପ୍ରତିନିଧି ବିଭୁ ପ୍ରସାଦ ବଳିୟାର ସିଂହ, ପ୍ରତାପ ମହାପାତ୍ର, ଅତିରିକ୍ତ ନିର୍ବାହୀଯନ୍ତ୍ରୀ, ଖୋର୍ଦ୍ଧା ବ୍ଲକ ମାନସ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ଜଗଦେବ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୪୩ ହିତାଧିକାରୀ, ୨୦ ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ ଫୋନ୍, ୨୫ଜଣ ନିର୍ମାଣ ଶ୍ରମିକଙ୍କୁ ଲେବର କାର୍ଡ, ୩୦ଜଣଙ୍କୁ ଆୟୁଷ୍ମାନ କାର୍ଡ, ୯ଜଣଙ୍କୁ ପିଏମ ସେବା ନିଧି, ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୧ଜଣ ବ୍ଲକ ଟପରଙ୍କୁ ସମ୍ବର୍ଦ୍ଧିତ, ୨ ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧିତ, ବ୍ଲକରେ ଏସ୍ଆଇଆର୍ କାର୍ଯ୍ୟରେ ଶ୍ରେଷ୍ଠତା ପାଇଁ ବି ଏଲ ଓ ଏବଂ ସୁପରଭାଇଜରଙ୍କୁ ନେଇ ୪ଜଣ, ସମନ୍ୱିତ କୃଷି ଯୋଜନାରେ ସବ୍ସିଡି ପାଇଁ ୪ଜଣ ହିତାଧିକାରୀ, ୩ଜଣଙ୍କୁ ମାଟି ସ୍ୱାସ୍ଥ୍ୟ କାର୍ଡ, ଆତ୍ମା ଅଧୀନ ସୂର୍ଯ୍ୟମୁଖୀ ଚାଷ ପ୍ରଦର୍ଶନୀ ପାଇଁ ୩ଜଣ ହିତାଧିକାରୀ, କାମଧେନୁ ଯୋଜନାରେ ୫ଜଣଙ୍କୁ ସବ୍ସିଡି ସହାୟତା ରାଶି, ଗୋ ଖାଦ୍ୟ ଚାଷ ପାଇଁ ୨ଜଣ, ଆଗକୁ ବଢନ୍ତୁ କାର୍ଯ୍ୟାଦେଶ ୨ଜଣଙ୍କୁ ଏବଂ ଉଦ୍ୟାନ କୃଷି ସମନ୍ୱିତ କୃଷିରେ ୪ଜଣଙ୍କୁ ସବସିଡି ହିତାଧିକାରୀଙ୍କୁ ନେଇ ୧୫୭ଜଣ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରିଥିଲେ । ମଣ୍ଡଳ ଉନ୍ନୟନ ଅଧିକାରୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ବ୍ଲକରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀତା ବିଷୟରେ ଅବଗତ କରାଇଥିବା ବେଳେ ଶେଷରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଆଞ୍ଚଳିକ ଜାତୀୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଦିବସରେ ସମସ୍ତ ସରପଞ୍ଚ ପଞ୍ଚାୟତ ସମିତିସଭ୍ୟ ସଭ୍ୟା, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ ।

# ‘ପୁଣ୍ୟାତ୍ମା ଗୋପବନ୍ଧୁ’ ପୁସ୍ତକ ବଣ୍ଟନ



**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ସୁକିନ୍ଦାର ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଆରତି କରଙ୍କ ରଚିତ ‘ପୁଣ୍ୟାତ୍ମା ଗୋପବନ୍ଧୁ’ ପୁସ୍ତକ ବଣ୍ଟନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଜେନା, ଲେଖିକା ତଥା ବିଦ୍ୟାଳୟର ପୁରାତନ ଛାତ୍ରୀ ଶ୍ରୀମତୀ କର ଓ ନ୍ୟାସୀ ମଣ୍ଡଳର କର୍ମକର୍ତ୍ତା ବିରଜା ପ୍ରସାଦ ଶତପଥୀ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ପରାମର୍ଶକ୍ରମେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ପାଇଁ କାର୍ଯ୍ୟ କରୁଥିବା ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ, ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିବା ପାଇଁ ଏହି ପୁସ୍ତକ ମାଗଣାରେ ବଣ୍ଟନ କରିବା କାର୍ଯ୍ୟକ୍ରମ ଗତ ଚାରିବର୍ଷ ଧରି ଅବ୍ୟାହତ ରଖିଛି।

# ସ୍ଥାୟୀ ନଗରୀକରଣ ଓ ଭବିଷ୍ୟତମୁଖୀ ସହର ବିକାଶ ଉପରେ ଆଲୋଚନା

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ଓଡ଼ିଶାରେ ସ୍ଥାୟୀ ନଗରୀକରଣ, ଜଳବାୟୁ-ସହନଶୀଳ ନଗର ବ୍ୟବସ୍ଥା ଏବଂ ଭବିଷ୍ୟତମୁଖୀ ସହର ବିକାଶ ପାଇଁ ରଣନୀତି ପ୍ରସ୍ତୁତି ଉଦ୍ଦେଶ୍ୟରେ ଓଡ଼ିଶା ଅର୍ବାନ ଏକାଡେମୀ ପକ୍ଷରୁ ଆଜି ବିଶିଷ୍ଟ ସହରାଞ୍ଚଳ ଶାସନ ବିଶେଷଜ୍ଞ ତଥା ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ମାନ୍ୟବର ସଦସ୍ୟ ଡଃ ଓ.ପି. ଅଗ୍ରୱାଲଙ୍କ ସହ ଏକ ଉଚ୍ଚସ୍ତରୀୟ ରଣନୀତିକ ଆଲୋଚନାର ଆୟୋଜନ କରାଯାଇଥିଲା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ , ସହର ଯୋଜନାବିତ୍, ନଗର ପରିଚାଳନା ବିଶେଷଜ୍ଞ ଓ ବିକାଶ କ୍ଷେତ୍ରର ପେସାଦାରମାନେ ଯୋଗଦେଇଥିଲେ। ଆଲୋଚନାରେ ଓଡ଼ିଶାର ଦ୍ରୁତ ନଗରୀକରଣ ପ୍ରକ୍ରିୟାକୁ ଅଧିକ ସୁପରିଚାଳିତ ଓ ସ୍ଥାୟୀ କରିବା, ସହରାଞ୍ଚଳ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ନାଗରିକ ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ଜଳବାୟୁ ପରିବର୍ତ୍ତନ ଜନିତ ଚ୍ୟାଲେଞ୍ଜର ସଫଳ ମୁକାବିଲା ପାଇଁ ସହରଗୁଡ଼ିକର ପ୍ରତିଷ୍ଠାନଗତ ଓ ପ୍ରଶାସନିକ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଡଃ ଅଗ୍ରୱାଲ ସହନଶୀଳ ଓ ସ୍ଥାୟୀ ସହର ଗଠନ ପାଇଁ ଦକ୍ଷ ମାନବ ସମ୍ବଳ, ସୁଦୃଢ଼ ଅନୁଷ୍ଠାନ ଏବଂ ପ୍ରମାଣ-ଭିତ୍ତିକ ନୀତି ପ୍ରଣୟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସହରାଞ୍ଚଳ ଭିତ୍ତିଭୂମି ଓ ନାଗରିକ ସେବା କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଗତିକୁ ସେ ପ୍ରଶଂସା କରିବା ସହିତ ସ୍ଥାନୀୟ ଆବଶ୍ୟକତା ସହ ସମନ୍ୱିତ ଅଭିନବ ଏବଂ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଅନୁସରଣ ପାଇଁ ପରାମର୍ଶ ଦେଇଥିଲେ। ଶ୍ରୀମତୀ ପାଢ଼ୀ ରାଜ୍ୟ ସରକାରଙ୍କ ନାଗରିକ-କେନ୍ଦ୍ରିକ ଓ ଜଳବାୟୁ-ସହନଶୀଳ ସହର ଗଠନ ପ୍ରତି ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଥିଲେ। ସହରାଞ୍ଚଳ ପ୍ରଶାସନ ଏବଂ ସେବା ପ୍ରଦାନ କ୍ଷେତ୍ରରେ କ୍ଷମତା ବିକାଶ ପାଇଁ ନିରନ୍ତର ବିନିଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଓଡ଼ିଶା ଅର୍ବାନ ଏକାଡେମୀର ଆଧୁନିକୀକୃତ ପ୍ରଶିକ୍ଷଣ ଓ ଆବାସିକ ସୁବିଧା ସହ ମଇଳା ପାଣି ବିଶୋଧନ, ସେପ୍ଟେଜ୍ ପରିଚାଳନା ଓ ସମ୍ବଳ ପୁନଃବ୍ୟବହାର ଆଧାରିତ ପ୍ରଦର୍ଶନୀ ୟୁନିଟଗୁଡ଼ିକ ବ୍ୟାବହାରିକ ଶିକ୍ଷା ଓ ପେସାଦାର ଦକ୍ଷତା ବିକାଶ ପାଇଁ ମୂଲ୍ୟବାନ ସମ୍ପଦ ବୋଲି ଉଲ୍ଲେଖ କରିଥିଲେ। ଅଧିବେଶନରେ ହାଇବ୍ରିଡ୍ ପ୍ରଶିକ୍ଷଣ ମଡେଲ, ଅଭିଜ୍ଞତାଭିତ୍ତିକ ଶିକ୍ଷା, ଜ୍ଞାନ ବିନିମୟ ବ୍ୟବସ୍ଥା ଏବଂ ଜାତୀୟ ଓ ଆନ୍ତର୍ଜାତୀୟ ସର୍ବୋତ୍ତମ ମାନଦଣ୍ଡ ଅନୁଯାୟୀ ସହରାଞ୍ଚଳ ସେବାର ବେଞ୍ଚମାର୍କିଂ ଭଳି ଆଧୁନିକ କ୍ଷମତା ବିକାଶ ଆଭିମୁଖ୍ୟ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ରଣନୀତିକ ଆଲୋଚନା ପୌର ନେତୃତ୍ୱକୁ ସୁଦୃଢ଼ କରିବା, ଜ୍ଞାନ-ଭିତ୍ତିକ ସହର ବିକାଶକୁ ପ୍ରୋତ୍ସାହନ ଦେବା ଏବଂ ଓଡ଼ିଶାର ସହରାଞ୍ଚଳ ଗୁଡିକୁ ଅଧିକ ସକ୍ଷମ, ସମାବେଶୀ ଓ ସ୍ଥାୟୀ କରିବା ଦିଗରେ ଓଡ଼ିଶା ଅର୍ବାନ ଏକାଡେମୀର ନିରନ୍ତର ପ୍ରୟାସର ପ୍ରତିଫଳନ।

# ମହିଳା ଉଦ୍ୟୋଗୀଙ୍କୁ ଲୋକଲୋଚନକୁ ଆଣିବ ଇମ୍ଫାର ‘ସଖୀ ସୀଡ୍’

## ୧୦ ପାଇବେ ଆର୍ଥିକ ଅନୁଦାନ, ବ୍ୟବସାୟିକ ପରାମର୍ଶ



**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ନିଜର ସାମାଜିକ ଦାୟିତ୍ୱବୋଧ ଶାଖା ‘ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନ୍’ (ଆଇପିଏଫ୍) ମାଧ୍ୟମରେ ‘ସଖୀ ସୀଡ୍’ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ନେଇ ଘୋଷଣା କରିଛି। ଏହା ଏକ ଅଭିନବ, ପ୍ରଥମ-ପ୍ରକାରର ଉତ୍ପ୍ରେରକ ଅନୁଦାନ ଏବଂ ପରାମର୍ଶ କାର୍ଯ୍ୟକ୍ରମ, ଯାହା ଗ୍ରାମାଞ୍ଚଳର ଏବଂ କ୍ଷୁଦ୍ର ମହିଳା ଉଦ୍ୟୋଗୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି।

ଏହି ମହିଳାମାନଙ୍କ ପାଖରେ ଉତ୍ତମ ବ୍ୟବସାୟିକ ଚିନ୍ତାଧାରା ଏବଂ ଦୃଢ଼ ଉଦ୍ୟୋଗୀ ହେବାର ସାମର୍ଥ୍ୟ ଥିଲେ ମଧ୍ୟ ସେମାନେ ପ୍ରାୟତଃ ପାରମ୍ପରିକ ଆର୍ଥିକ ସ୍ରୋତ ବା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବଞ୍ଚିତ ହୋଇଥାନ୍ତି। ଏହି ପ୍ରୟାସ ପ୍ରମାଣ କରିବାକୁ ଚାହେଁ ଯେ ଔପଚାରିକ ଅର୍ଥବ୍ୟବସ୍ଥାରୁ ବାଦ ପଡ଼ିଥିବା ମହିଳାମାନେ ମଧ୍ୟ ସଫଳ ଓ ସ୍ଥାୟୀ ଉଦ୍ୟୋଗ ନିର୍ମାଣ କରିପାରିବେ। ଏହି ଯୋଜନା ଅଧୀନରେ ୧୦ ଜଣ ମହିଳା ଉଦ୍ୟୋଗୀଙ୍କୁ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ। ଏହା ସହିତ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର (ଏକ୍ସଆଇଏମ୍, ଭୁବନେଶ୍ୱର) ପକ୍ଷରୁ ସେମାନଙ୍କୁ ସୁସଂଗଠିତ ବ୍ୟବସାୟିକ ପରାମର୍ଶ ଦିଆଯିବ, ଯାହା ଦ୍ୱାରା ସେମାନେ ନିଜର ସ୍ଥାୟୀ ବ୍ୟବସାୟକୁ ମଜଭୁତ ଓ ସଂପ୍ରସାରିତ କରିପାରିବେ। ଏହି କାର୍ଯ୍ୟକ୍ରମଟି ‘କାଟାଲିଟିକ୍ କ୍ୟାପିଟାଲ୍’ (ଉତ୍ପ୍ରେରକ ପୁଞ୍ଜି) ନୀତି ଉପରେ ଆଧାରିତ, ଯାହା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଯାତ୍ରାର ପ୍ରାରମ୍ଭିକ ତଥା ସବୁଠାରୁ ଦୁର୍ବଳ ସମୟରେ ଧୈର୍ଯ୍ୟବାନ ଏବଂ ବିପଦ-ସହନଶୀଳ ପାଣ୍ଠି ଯୋଗାଇ ଦେଇ ସଶକ୍ତ କରିଥାଏ। ପାରମ୍ପରିକ ଆର୍ଥିକ ବ୍ୟବସ୍ଥା ତୁଳନାରେ ‘ସଖୀ ସୀଡ୍’ କାର୍ଯ୍ୟକ୍ରମ ଏହା ଗ୍ରହଣ କରେ ଯେ ଅନେକ ପ୍ରତିଭାବାନ ମହିଳା ଉଦ୍ୟୋଗୀ ଆନୁଷ୍ଠାନିକ ଆର୍ଥିକ ପ୍ରଣାଳୀ ବାହାରେ କାର୍ଯ୍ୟ କରନ୍ତି। ସେମାନଙ୍କ ପାଖରେ ପ୍ରାୟତଃ କୌଣସି ବନ୍ଧକ, ଦାଖଲ ସଦୃଶ କ୍ରେଡିଟ୍ ହିଷ୍ଟ୍ରି, ଆନୁଷ୍ଠାନିକ ପଞ୍ଜୀକରଣ କିମ୍ବା ବ୍ୟାପକ କାଗଜପତ୍ର ନଥାଏ। ଏହି କାରଣରୁ ସେମାନେ ନିଜ ପରିବାର ଓ ସମାଜକୁ ଆର୍ଥିକ ସ୍ୱାବଲମ୍ବୀ କରୁଥିବା ବ୍ୟବସାୟ ଚଳାଉଥିଲେ ସୁଦ୍ଧା କୌଣସି ପ୍ରତିଷ୍ଠାନିକ ଋଣ ପାଇବାକୁ ଯୋଗ୍ୟ ବିବେଚିତ ହୋଇପାରନ୍ତି ନାହିଁ। ଏହି ଅବସରରେ ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନ୍ର ପ୍ରତିଷ୍ଠାତା ତଥା ସିଇଓ ଶୈଫାଳିକା ପଣ୍ଡା କହିଛନ୍ତି ଯେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଏକ ପ୍ରମାଣ ସୃଷ୍ଟି କରିବା ଯେ, ଯେଉଁ ମହିଳାମାନେ ବର୍ତ୍ତମାନର ଆନୁଷ୍ଠାନିକ ଋଣ ପାଇଁ ଯୋଗ୍ୟ ନୁହନ୍ତି, ସେମାନଙ୍କୁ ଯଦି ସଠିକ୍ ପୁଞ୍ଜି, ପରାମର୍ଶ ଏବଂ ଆନୁଷଙ୍ଗିକ ସହାୟତା ମିଳେ, ତେବେ ସେମାନେ ମଧ୍ୟ ଏକ ସ୍ଥାୟୀ ଓ ପ୍ରଗତିଶୀଳ ବ୍ୟବସାୟ ପ୍ରତିଷ୍ଠା କରିପାରିବେ। ‘ସଖୀ ସୀଡ୍’ କାର୍ଯ୍ୟକ୍ରମର ଏକ ବଡ଼ ଲକ୍ଷ୍ୟ ରହିଛି - ତାହା ହେଉଛି ଭାରତରେ ଉଦ୍ୟୋଗୀ ଆର୍ଥିକ ବ୍ୟବସ୍ଥାକୁ ବନ୍ଧକ ଏବଂ ବ୍ୟାପକ କ୍ରେଡିଟ୍ ହିଷ୍ଟ୍ରିର ସୀମା ବାହାରକୁ ଦେଖିବା ପାଇଁ ଏକ ଦୃଷ୍ଟାନ୍ତ ସୃଷ୍ଟି କରିବା। ଏହି କାର୍ଯ୍ୟକ୍ରମ ଏକ ଦକ୍ଷ ପରାମର୍ଶଦାତା ବୋର୍ଡ ଦ୍ୱାରା ପରିଚାଳିତ ହେଉଛି। ଏଥିରେ ଫ୍ରଣ୍ଟିୟର ମାର୍କେଟ୍ସର ପ୍ରତିଷ୍ଠାତା ଓ ସିଇଓ ଏବଂ ଫ୍ରଣ୍ଟିୟର ଇନୋଭେସନ୍ସ ଫାଉଣ୍ଡେସନର ସଭାପତି ଅଜାଇତା ଶାହ; ମାନ୍ ଦେଶୀ ଫାଉଣ୍ଡେସନର ପ୍ରତିଷ୍ଠାତା ଚେତନା ଗାଲା ସିହ୍ନା; ବିଆଇପିଏଫ୍‌ର ପ୍ରତିଷ୍ଠାତା ଓ ସିଇଓ ଶୈଫାଳିକା ପଣ୍ଡା; ଇଣ୍ଡିଆ ପି୨ପିର ସହ-ପ୍ରତିଷ୍ଠାତା ଓ ସିଇଓ ନେହା ଜୁନେଜା ଏବଂ ସିଏନବିସି ଟିଭି୧୮ର ମ୍ୟାନେଜିଙ୍ଗ ଏଡିଟର ଶିରିନ୍ ଭାନ ସାମିଲ ଅଛନ୍ତି। ଏହି ପ୍ରଥମ ବ୍ୟାଚ୍ ପାଇଁ ଆବେଦନ ପ୍ରକ୍ରିୟା ବର୍ତ୍ତମାନ ଆରମ୍ଭ ହୋଇଯାଇଛି ଏବଂ ଏହା ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଆବେଦନ କରିବାକୁ ଆଗ୍ରହୀ ମହିଳା ଉଦ୍ୟୋଗୀମାନେ https://imfasakhiseed.accubate.app/ext/form/23777/1/apply ଲିଙ୍କ୍ ମାଧ୍ୟମରେ ନିଜର ଆବେଦନପତ୍ର ଦାଖଲ କରିପାରିବେ। ଇମ୍ଫା ‘ସଖୀ ସୀଡ୍’ କାର୍ଯ୍ୟକ୍ରମ ସିଏନବିସି-ଟିଭି୧୮ର ‘ଫ୍ୟୁଚର, ଫିମେଲ୍, ଫରୱାର୍ଡ’ (ଏଫ୍ଏଫ୍ଏଫ୍) ପ୍ଲାଟଫର୍ମ ସହଭାଗିତାରେ କାର୍ଯ୍ୟକାରୀ କରାଯାଉଛି, ଯାହା ମହିଳା ଉଦ୍ୟୋଗୀମାନଙ୍କୁ ଜାତୀୟ ସ୍ତରରେ ପରିଚିତି ପ୍ରଦାନ କରିବ ଏବଂ ସମାବେଶୀ ଉଦ୍ୟୋଗିତା ତଥା ଲିଙ୍ଗ-ଉତ୍ତରଦାୟୀ ଆର୍ଥିକ ବ୍ୟବସ୍ଥା ଉପରେ ଏକ ବ୍ୟାପକ ଆଲୋଚନାକୁ ପ୍ରୋତ୍ସାହିତ କରିବ। ଏହି କାର୍ଯ୍ୟକ୍ରମର ଜ୍ଞାନ ଏବଂ ବ୍ୟବସାୟିକ ଶିକ୍ଷା ସହଯୋଗୀ ଭାବରେ ‘ଏକ୍ସଆଇଏମ୍ ୟୁନିଭର୍ସିଟି’ ବ୍ୟବସାୟିକ କୋଚିଂ ଏବଂ ଦକ୍ଷତା ବୃଦ୍ଧି ପାଇଁ ସହାୟତା ପ୍ରଦାନ କରିବ। ଏହା ଅଂଶଗ୍ରହଣକାରୀମାନଙ୍କୁ ବ୍ୟବସାୟିକ ଯୋଜନା, ଆର୍ଥିକ ପରିଚାଳନା, ମାର୍କେଟିଂ ଏବଂ ବଜାର ସଂଯୋଗୀକରଣ କ୍ଷେତ୍ରରେ ଦକ୍ଷ କରିବା ସହିତ ଶିଳ୍ପ ବିଶେଷଜ୍ଞ ଏବଂ ବ୍ୟବସାୟିକ ନେଟୱର୍କ ସହିତ ଯୋଡ଼ିବାରେ ସାହାଯ୍ୟ କରିବ।

# ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ସ୍ୱତନ୍ତ୍ର ସହାୟକ ଉପକରଣ ବଣ୍ଟନ

**ଛତ୍ରପୁର,୨୩।୬/ଏନ୍ଏନ୍ଏସ୍:** ‘ସେବା’ର ସଂକଳ୍ପକୁ ଦୃଢ଼ତାର ସହ ସାକାର କରିବା ଭଳି ମହାନ ସାମାଜିକ ଦର୍ଶନକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରିଥିବା ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀଙ୍କ ୬୪ ତମ ଜନ୍ମ ଦିବସ ପାଳନ ଅବସରରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ଆର୍ଯ୍ୟପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ଆଜି ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସହାୟକ ଉପକରଣ ବଣ୍ଟନ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ୨୦ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଏହି ପ୍ରୟାସ ଶାରୀରିକ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଅଧିକ ସ୍ୱାବଲମ୍ବୀ ଓ ସମ୍ମାନର ସହ ଜୀବନଯାପନ କରିବାରେ ସହାୟକ ହେବା ସହ ଦୈନନ୍ଦିନ ଜୀବନକୁ ଅଧିକ ସୁଗମ କରିବ। ଆଜି ଏକ ସ୍ୱତନ୍ତ୍ର ସେବା କାର୍ଯ୍ୟକ୍ରମ ମାଧ୍ୟମରେ ଗୋପାଳପୁର ପୋର୍ଟର ବିଜନେସ ହେଡ୍ ପ୍ରଶାନ୍ତ ପାତ୍ର ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ସହାୟକ ଉପକରଣ ବଣ୍ଟନ ସେବା ସମ୍ପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ଜନପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ, ଗୋପାଳପୁର ବନ୍ଦରର ବରିଷ୍ଠ ଅଧିକାରୀ ଏବଂ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ସମାଜର ପଛୁଆ ଓ ଦିବ୍ୟାଙ୍ଗ ବର୍ଗଙ୍କ ସଶକ୍ତିକରଣ ଦିଗରେ ଆଦାନୀ ଫାଉଣ୍ଡେସନର ଏଭଳି ସାମାଜିକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସହାୟକ ଉପକରଣ ପାଇଥିବା ହିତାଧିକାରୀମାନେ ଆଦାନୀ ଫାଉଣ୍ଡେସନ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହ ଏହି ଉପକରଣ ସେମାନଙ୍କ ଦୈନନ୍ଦିନ ଜୀବନରେ ବେଶ୍ ସହାୟକ ହେବ ବୋଲି କହିଥିଲେ। ଏହା ସହ ଜୁନ ୨୪ ତାରିଖରେ ଆଦାନୀ ଗ୍ରୁପ ଚେୟାରମ୍ୟାନ୍ ଶ୍ରୀ ଗୌତମ ଆଦାନୀଙ୍କ ଜନ୍ମ ଦିବସ ଅବସରରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଗୋପାଳପୁର ବନ୍ଦର ପରିସରରେ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି।



# ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସରେ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ, ଜଣେ ପ୍ରତିଷ୍ଠିତ ଭାରତୀୟ ରାଜନେତା, ଶିକ୍ଷାବିତ ଏବଂ ବାରିଷ୍ଟର, ଆଧୁନିକ ଭାରତର ଇତିହାସରେ ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ୬ ଜୁଲାଇ ୧୯୦୧ ରେ ପଶ୍ଚିମବଙ୍ଗର କୋଲକାତାରେ ସେ ଜନ୍ମଗ୍ରହଣ କରିଥିଲେ। ସେ ସ୍ୱାଧୀନତା ପୂର୍ବ ଏବଂ ପରବର୍ତ୍ତୀ ଯୁଗରେ ଭାରତର ରାଜନୈତିକ ଏବଂ ଆଦର୍ଶଗତ ଦୃଶ୍ୟପଟ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଶ୍ୟାମାପ୍ରସାଦ ଜଣେ ସମ୍ମାନିତ ବିଚାରପତି ଏବଂ ଶିକ୍ଷାବିତ ଆଶୁତୋଷ ମୁଖାର୍ଜୀଙ୍କ ପୁତ୍ର ଥିଲେ। ତାଙ୍କ ପିତାଙ୍କଠାରୁ ଏକ ଦୃଢ଼ ଶିକ୍ଷାଗତ ଏବଂ ଜାତୀୟତାବାଦୀ ମନୋଭାବ ସେ ଉତ୍ତରାଧିକାରୀ ଭାବରେ ପାଇଥିଲେ। ଜଣେ ମେଧାବୀ ଛାତ୍ର ଭାବରେ, ସେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ. ଏବଂ ଏମ୍.ଏ. ସମାପ୍ତ କରିଥିଲେ ଏବଂ ପରେ ବାରିଷ୍ଟର ହେବା ପାଇଁ ଇଂଲଣ୍ଡ ଯାଇଥିଲେ। ତାଙ୍କର ତୀକ୍ଷଣ ବୁଦ୍ଧି ଏବଂ ନେତୃତ୍ୱ ଗୁଣ ତାଙ୍କୁ ଯୁବାବସ୍ଥାରୁ ଏକ ପ୍ରମୁଖ ବ୍ୟକ୍ତି ଭାବେ ପ୍ରତିପାଦିତ କରିଥିଲା। ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ କେବଳ ଜଣେ ରାଜନୈତିକ ନେତା ନଥିଲେ ବରଂ ଜଣେ ଜାତୀୟତାବାଦୀ ଚିନ୍ତକ ଏବଂ ସଂସ୍କାରକ ଥିଲେ ଯିଏ ଭାରତର ଅଖଣ୍ଡତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ଐତିହ୍ୟ ଆମକୁ ମନେ ପକାଇ ଦିଏ ଯେ ଜାତୀୟ ଏକତା, ସାଂସ୍କୃତିକ ଗର୍ବ ଏବଂ ନିର୍ଭୀକ ନେତୃତ୍ୱ ଏକ ରାଷ୍ଟ୍ରର ପ୍ରଗତି ପାଇଁ ଅତ୍ୟାବଶ୍ୟକ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରର ସତ୍‌ସଙ୍ଗ ବିହାରସ୍ଥିତ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ବାଚସ୍ପତି ସୁରମା ପାଢ଼ୀ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ବିଧାୟକ ବାବୁ ସିଂ ଓ ବହୁ ବରିଷ୍ଠ ରାଜନୈତିକ ନେତୃବୃନ୍ଦଙ୍କ ସମେତ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ବହୁ ବରିଷ୍ଠ ଅତିଥି ପ୍ରମୁଖ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ହରିଦାସପୁର-ବିଜୟନଗରମ୍ ଚତୁର୍ଥ ରେଳପଥ ପ୍ରକଳ୍ପର ସମୀକ୍ଷା

# ପ୍ରଭାବିତଙ୍କ ପୁନର୍ବାସକୁ ପ୍ରାଥମିକତା ଦେବାକୁ ରାଜସ୍ୱ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ହରିଦାସପୁର ଜଙ୍କସନ୍-ନିର୍ଗୁଣ୍ଡି ଜଙ୍କସନ୍ ଏବଂ କଟକ ଜଙ୍କସନ୍-ବିଜୟନଗରମ ଜଙ୍କସନ୍ ମଧ୍ୟରେ ୪୪୦.୧୬ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଚତୁର୍ଥ ରେଳପଥ ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରକଳ୍ପର ଭୂମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ରାଜସ୍ୱ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରି ପ୍ରଭାବିତ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ସଚିବ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୭,୬୮୩.୭୯ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ଏହି ପ୍ରକଳ୍ପ ପୂର୍ବତଟ ରେଳପଥ ଅଧୀନରେ କାର୍ଯ୍ୟକାରୀ ହେବ। ଏହା ଦେଶର ବ୍ୟସ୍ତତମ ହାୱଡ଼ା-ଚେନ୍ନାଇ ରେଳ କରିଡରରେ ରେଳ ଚଳାଚଳ କ୍ଷମତା ବୃଦ୍ଧି, ମାଲବାହୀ ପରିବହନର ସୁବିଧା ଓ ଯାତ୍ରୀବାହୀ ଟ୍ରେନ୍‌ର ସମୟାନୁବର୍ତ୍ତିତା ସୁନିଶ୍ଚିତ କରିବାରେ ସହାୟକ ହେବ। ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାର ଖଣିଜ ଓ ଶିଳ୍ପ କ୍ଷେତ୍ରକୁ ବଡ଼ ଧରଣର ସୁବିଧା ମିଳିବ। କୋଇଲା, ଲୁହାପଥର, ବକ୍ସାଇଟ୍, ଇସ୍ପାତ ଓ ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ଶିଳ୍ପ ଉତ୍ପାଦର ପରିବହନ ଅଧିକ ସୁଗମ ହେବ। ଧାମରା, ପାରାଦୀପ ଓ ଗୋପାଳପୁର ବନ୍ଦର ସହ ସଂଯୋଗ ସୁଦୃଢ଼ ହେବା ସହ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶକୁ ଏହା ନୂତନ ଗତି ପ୍ରଦାନ କରିବ। ଓଡ଼ିଶା ଅଧୀନରେ ଯାଜପୁର, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ମୋଟ ୧୦୨.୬୪୪ ହେକ୍ଟର ଜମି ଅଧିଗ୍ରହଣର ଆବଶ୍ୟକତା ରହିଛି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ୪୪.୫୭୬ ହେକ୍ଟର ଏବଂ ଗଞ୍ଜାମ ଜିଲ୍ଲାରେ ୫୫.୪୬୨ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ପ୍ରକଳ୍ପ ପାଇଁ ରାଜ୍ୟରେ ପ୍ରାୟ ୪୫୨ଟି ଘର ପ୍ରଭାବିତ ହେବାର ସମ୍ଭାବନା ରହିଛି, ଯାହା ମଧ୍ୟରୁ ଖୋର୍ଦ୍ଧାରେ ୧୩୬ ଓ ଗଞ୍ଜାମରେ ୩୧୬ ଘର ଅନ୍ତର୍ଭୁକ୍ତ। ବୈଠକରେ ଭୂମି ଅଧିଗ୍ରହଣ ମାମଲାର ଶୀଘ୍ର ନିଷ୍ପତ୍ତି, କ୍ଷତିପୂରଣ ନିର୍ଦ୍ଧାରଣ, ଜଙ୍ଗଲ ଜମି ଅନୁମୋଦନ ପ୍ରକ୍ରିୟା ଓ ପୁନର୍ବାସ କାର୍ଯ୍ୟକୁ ସରକାରୀ ନିୟମାବଳୀ ଅନୁଯାୟୀ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଭାବିତ ପରିବାରମାନଙ୍କ ସ୍ୱାର୍ଥ ସୁରକ୍ଷିତ ରଖି ନିର୍ବିଘ୍ନରେ ଜମି ହସ୍ତାନ୍ତର କରିବା ପାଇଁ ଜିଲ୍ଲା ପ୍ରଶାସନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ମଧ୍ୟରେ ନିବିଡ଼ ସମନ୍ୱୟ ରଖିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ରେଳ ଯାତାୟତ କ୍ଷମତା ବୃଦ୍ଧି ପାଇବା ସହ ରାଜ୍ୟର ଶିଳ୍ପ, ବାଣିଜ୍ୟ, ପର୍ଯ୍ୟଟନ ଏବଂ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଏହାର ଉଲ୍ଲେଖନୀୟ ଯୋଗଦାନ ରହିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

## ମନ୍ତ୍ରୀଙ୍କ ପୁତୁରା ଗିରଫ

# ବିଜେଡି ଉପରେ କାହିଁକି ଉତ୍କ୍ଷିପ୍ତ ?

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ଗୋଲନ୍ଥରାସ୍ଥିତ ଏକ ବେସରକାରୀ କଲେଜରେ ଜଣେ ନିରୀହ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରା ବିଶ୍ୱଜିତ ଜେନାଙ୍କ ସମ୍ପୃକ୍ତି ଅଭିଯୋଗକୁ ନେଇ ରାଜନୀତି ସରଗରମ ହୋଇଛି। ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କ ନିକଟରେ ନ ପହଞ୍ଚିବାକୁ ନେଇ ବିଜୁ ଜନତା ଦଳ (ବିଜେଡି) ପ୍ରଶ୍ନ ଉଠାଇବା ଏବଂ ସାମ୍ବାଦିକ ସମ୍ମିଳନୀ କରିବା ପରେ ଗତକାଲି ରାତିରେ ପୁଲିସ ଅଭିଯୁକ୍ତ ବିଶ୍ୱଜିତଙ୍କୁ ଗିରଫ କରିଛି। ଏହି ମାମଲାରେ ମନ୍ତ୍ରୀ ବିଭୂତି ଜେନା ଅତ୍ୟନ୍ତ ଉତ୍କ୍ଷିପ୍ତ ହୋଇ ଦେଇଥିବା ମନ୍ତବ୍ୟକୁ ବିଜେଡି ଦୃଢ଼ ନିନ୍ଦା କରିଛି। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡକ୍ଟର ଲେନିନ ମହାନ୍ତି ଓ ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ରଞ୍ଜିତା ସାହୁ କହିଛନ୍ତି ଯେ, ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ମନ୍ତ୍ରୀଙ୍କ ପୁତୁରା ଯୋଗୁଁ ଜଣେ ନିରୀହ ଛାତ୍ରୀଙ୍କ ଜୀବନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାକୁ ନେଇ ପ୍ରଶ୍ନ ଉଠାଇବାରୁ ମନ୍ତ୍ରୀ ନିଜ ପଦର ଗରିମା ଭୁଲି ବିଜେଡି ଉପରେ ବର୍ଷିବା ଆଦୌ ଗ୍ରହଣୀୟ ନୁହେଁ। ଡକ୍ଟର ଲେନିନ ମହାନ୍ତି ଆହୁରି ଅଭିଯୋଗ କରିଛନ୍ତି ଯେ, ଗଞ୍ଜାମ ଜିଲ୍ଲାରେ ବାଲି, ମୋରମ ଓ ଗୋଡ଼ି ବ୍ୟାପକ ଭାବେ ଚୋରା ଚାଲାଣ ହେଉଥିଲେ ମଧ୍ୟ ବିଭାଗୀୟ ମନ୍ତ୍ରୀ ଭାବେ ବିଭୂତି ବାବୁ ତାହାକୁ ନିୟନ୍ତ୍ରଣ କରିପାରୁନାହାନ୍ତି ଏବଂ ତାଙ୍କ ନାମରେ ଗୋଚର ଜମି ମାଡ଼ି ବସିବା ଭଳି ଅଭିଯୋଗ ମଧ୍ୟ ରହିଛି। ସେ ପ୍ରଥମ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ମନ୍ତ୍ରୀ ହେବା ପରଠାରୁ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଓ ସମଗ୍ର ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିର ଚରମ ଅଧୋଗତି ଘଟିଛି। ନିଜ ବିଭାଗର ଦାୟିତ୍ୱ ସମ୍ଭାଳି ପାରୁନଥିବା ମନ୍ତ୍ରୀ ଅନ୍ୟ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସମୀଚୀନ ନୁହେଁ। ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହେଉଛି ଯେ ବ୍ରହ୍ମପୁର ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ତାଙ୍କ ନିୟନ୍ତ୍ରଣରେ ରହିଛି। ବିରୋଧୀଙ୍କ ଉପରେ ମିଥ୍ୟା ଆରୋପ ବଦଳରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ବିଜେଡି ନେତୃତ୍ୱ ଚେତାବନୀ ଦେଇଛନ୍ତି।

## ଜେଏସ୍‌ଡବ୍ଲ୍ୟୁ ଓଡ଼ିଶା ଖଣି ବିଭାଗକୁ ବହୁ ପ୍ରତିଷ୍ଠିତ ପୁରସ୍କାର

# ନୂଆଗାଁ ଓ ନାରାୟଣପୋଶି ଖଣି ସମ୍ମାନିତ





**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ପରିବେଶ ସୁରକ୍ଷା ଏବଂ ବ୍ୟବସାୟିକ ଉତ୍କର୍ଷତା କ୍ଷେତ୍ରରେ ଜେଏସଡବ୍ଲ୍ୟୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗ ଗୋଟିଏ ପରେ ଗୋଟିଏ ସଫଳତାର ଶୀର୍ଷ ଛୁଇଁବାରେ ଲାଗିଛି। କୋଲକାତାରେ ଆୟୋଜିତ ଖଣିଜ ଏବଂ ଖଣି କନକ୍ଲେଭ୍ (ସମ୍ମିଳନୀ)ର ଚତୁର୍ଥ ସଂସ୍କରଣରେ କମ୍ପାନୀର ଓଡ଼ିଶା ଖଣି ବିଭାଗକୁ ବହୁ ପୁରସ୍କାରରେ ସମ୍ମାନିତ କରାଯାଇଛି। ଭାରତର ଆସୋସିଏଟେଡ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଆସୋଚାମ) ପୂର୍ବାଞ୍ଚଳ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ଜେଏସଡବ୍ଲ୍ୟୁ ଓଡ଼ିଶା ଖଣି ବିଭାଗକୁ ‘ବର୍ଷର ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ’ ଏବଂ ‘ବର୍ଷର ନିଯୁକ୍ତିଦାତା ବ୍ରାଣ୍ଡ’ ଭାବେ ଶ୍ରେଷ୍ଠ ସ୍ୱୀକୃତି ପ୍ରଦାନ କରାଯାଇଛି। କୋଲକାତାରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ଜେଏସଡବ୍ଲ୍ୟୁ ଅପରେସନ୍ସ (ପରିଚାଳନା) ଏବଂ ପ୍ରକଳ୍ପ ମୁଖ୍ୟ ରାମଶଙ୍କର ଶର୍ମା ନିଜ ପ୍ରତିନିଧି ଦଳ ସହିତ ଉପସ୍ଥିତ ରହି ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ଶର୍ମା ନିଜର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ ଏହି ପୁରସ୍କାରଗୁଡ଼ିକ ଏକ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ର ନିର୍ମାଣ କରିବା ଏବଂ ପସନ୍ଦର ନିଯୁକ୍ତିଦାତା ଭାବରେ ଆମର ପରିଚୟକୁ ସୁଦୃଢ଼ କରିବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାର ପ୍ରମାଣ ଅଟେ। ଏହା ଆମକୁ କାର୍ଯ୍ୟର ପ୍ରତ୍ୟେକ ଦିଗରେ ଅଧିକ ଉତ୍କର୍ଷତା ହାସଲ କରିବାକୁ ପ୍ରେରଣା ଯୋଗାଇବ। ଆସୋଚାମର ଏହି ବ୍ୟବସାୟ ଉତ୍କର୍ଷ ପୁରସ୍କାର ମୁଖ୍ୟତଃ କର୍ପୋରେଟ୍, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଏବଂ ଷ୍ଟାର୍ଟ-ଅପ୍ ଗୁଡ଼ିକର ସଫଳତା, ସ୍ଥାୟୀତ୍ୱ ଓ ଅଭିବୃଦ୍ଧିକୁ ଚାଳିତ କରୁଥିବା ସର୍ବୋତ୍ତମ ଅଭ୍ୟାସକୁ ଉତ୍ସାହିତ କରିବା ସହ ଶିଳ୍ପ ଜଗତରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିଥାଏ। ଏହା ସହିତ ସଫଳତାର ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ଜେଏସଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ଦୁଇଟି ପ୍ରମୁଖ ଖଣି- ନୂଆଗାଁ ଲୁହାଖଣି ଏବଂ ନାରାୟଣପୋଶି ଲୁହା ଓ ମାଙ୍ଗାନିଜ୍ ଖଣି ନିଜର ଅତୁଳନୀୟ ପରିବେଶଗତ ପଦକ୍ଷେପ ପାଇଁ ଶ୍ରେଷ୍ଠ ପୁରସ୍କାର ହାସଲ କରିଛନ୍ତି। ନୂଆଗାଁ ଖଣିକୁ ଜିଏମଏଫ୍ ସ୍ୱଟଲାଇଟ୍ (ପରିବେଶ ପଦକ୍ଷେପ) ପୁରସ୍କାର ମିଳିଥିବା ବେଳେ ନାରାୟଣପୋଶି ଖଣିକୁ ଜିଏମଏଫ୍ ସ୍ୱଟଲାଇଟ୍ (ପରିବେଶ ପରିଚାଳନା) ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷ ସୂଚନାଯୋଗ୍ୟ ଯେ, ନୂଆଗାଁ ଖଣି ହୀରା ବର୍ଗରେ ଏବଂ ନାରାୟଣପୋଶି ଖଣି ପ୍ଲାଟିନମ୍ ବର୍ଗରେ ଏହି ଶୀର୍ଷ ସମ୍ମାନ ଲାଭ କରିଛନ୍ତି। ସିକିମର ଗ୍ୟାଙ୍ଗଟକଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଔପଚାରିକ କାର୍ଯ୍ୟକ୍ରମରେ ଜେଏସଡବ୍ଲ୍ୟୁ ଷ୍ଟିଲ, ଓଡ଼ିଶା ଖଣି ବିଭାଗର ଇଏଚଏସ (ପରିବେଶ) ଟିମ୍ ପକ୍ଷରୁ ସୁରେଶକୁମାର ମହାପାତ୍ର ଏବଂ ତାଙ୍କ ସହଯୋଗୀ ଦଳ ଉପସ୍ଥିତ ରହି ଏହି ଗୌରବ ଜନକ ପୁରସ୍କାର ଗ୍ରହଣ କରିଛନ୍ତି। କମ୍ପାନୀର ଏହି ବହୁବିଧ ସଫଳତା ସମଗ୍ର ଶିଳ୍ପ ଓ ଖଣିଜ କ୍ଷେତ୍ରରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି।

## ଆଜିର ଇତିହାସ

- ୧୯୬୧-ଭାରତର ପ୍ରଥମ ସ୍ୱଦେଶୀ ଏଚ୍‌ଏଫ୍-୨୪ ସୁପରସୋନିକ୍ ଲଢ଼ାକୁ ବିମାନ ଉଡ଼ାଣ ଭରିଥିଲା।
- ୧୯୬୬-ଏୟାର୍ ଇଣ୍ଡିଆର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।
- ୧୯୭୪-ଟେଷ୍ଟ କ୍ରିକେଟ୍‌ରେ ଭାରତ ନ୍ୟୁନତମ ସ୍କୋର କରିଥିଲା।
- ୧୯୮୬-ଭାରତ ସରକାର ଅବିବାହିତ ମହିଳାମାନଙ୍କର ମାତୃତ୍ୱ ଲାଭକୁ ମଞ୍ଜୁରୀ ଦେଇଥିଲେ।
- ୧୯୯୦-ପ୍ରଥମ ତୃତୀୟ ପିଢ଼ିର ଟ୍ୟାଙ୍କ୍‌ରୋଧୀ ମିସାଇଲ୍ 'ନାଗ୍'ର ସଫଳ ପରୀକ୍ଷଣ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ**: ଜୀବନସାଥୀଙ୍କ ସହିତ ବୁଝାମଣା ଖରାପ ହୋଇପାରେ। କାର୍ଯ୍ୟସ୍ଥଳରେ ତୀକ୍ଷ୍ଣ ବୁଦ୍ଧିର ଉପଯୋଗ କରିବେ। ଫିଟ୍ ରହିବା ପାଇଁ ଜିମ୍ ଯାଇପାରନ୍ତି। ଆଳସ୍ୟରୁ ଦୂରରେ ରୁହନ୍ତୁ। ପାର୍ଟନର୍‌ର ସହଯୋଗ ପାଇବେ।

**ବୃଷ**: ଅତ୍ୟଧିକ ବ୍ୟସ୍ତ ରହିବେ। କାର୍ଯ୍ୟସ୍ଥଳରେ କଠିନ ପ୍ରୋଜେକ୍ଟସ୍ ବଡ଼ ସଫଳତା ଦେବ। ନେତୃତ୍ୱ ନେବେ। ବ୍ୟାପାରୀମାନଙ୍କ ମଧ୍ୟରେ ପ୍ରତିସ୍ପର୍ଦ୍ଧା ହୋଇପାରେ। ଅଭିଭାବକମାନେ ପିଲାଙ୍କୁ ବଦଳେଇଦେବେ।

**ମିଥୁନ**: ପୁରୁଣା ପରିଚିତଙ୍କ ସହିତ ସାକ୍ଷାତ ହେବ। ନିବେଶ ପାଇଁ ଦିନଟି ଉତ୍ତମ। କର୍ମଚାରୀଙ୍କ ସହିତ ଗେଟ୍-ଟୁଗେଦର ବା ପାର୍ଟି ରଖିପାରନ୍ତି। କଠିନ ପରିଶ୍ରମ କରିବେ। ପ୍ରସନ୍ନତାର ପରିବେଶ ରହିବ।

**କର୍କଟ**: ମହିଳା ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ। ମାନସିକ ସମସ୍ୟା ବୃଦ୍ଧି ହେବ। ନିଜ କ୍ରୋଧ, ଆକ୍ରମକ ବାଣୀ ଓ ମାନସିକ ଚାପ ଉପରେ ନିୟନ୍ତ୍ରଣ ଜରୁରୀ। ସରକାରୀ ନିୟମରେ ପେନାଲ୍ଟି ଲାଗିପାରେ।

**ସିଂହ**: ଦିନଟି ସାମାନ୍ୟ ରହିବ। ମଉଜ-ମସ୍ତିର ପରିବେଶ ରହିବ। କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ କରିବେ। ନିଜ ଦଳର ସହଯୋଗ ପାଇବେ। ଉଦାରତାର ସହିତ ଅନ୍ୟକୁ ସାହାଯ୍ୟ କରିବେ।

**କନ୍ୟା**: ସତ୍‌କର୍ମ ଓ ପରୋପକାର କାମ ଉପରେ ଧ୍ୟାନ ଦେବେ। ନୂଆ ଓ ବଡ଼ ପ୍ରୋଜେକ୍ଟ ଉପରେ କାମ କରିବାର ସୁଯୋଗ ରହିଛି। ଲୋନ୍ ଶୁଝିବା ପାଇଁ ପ୍ରୟାସ କରିବେ। ଆର୍ଥିକ କ୍ଷତି ହୋଇପାରେ।

**ତୁଳା**: ବୌଦ୍ଧିକ ବିକାଶ ହେବ। ସମାଜରେ ମାନ-ସମ୍ମାନ ପାଇବେ। ପ୍ରୟାସ ଓ ପରିଶ୍ରମ ଜାରି ରଖିବେ। ଫଣ୍ଡିଂ ରାଉଣ୍ଡ ପାଇଁ ସମୟ ଉତ୍ତମ। ମହିଳା ସହକର୍ମୀଙ୍କ ସହିତ ମଜଭୁତ ତାଳମେଳ ରହିବ।

**ବିଛା**: ବଜେଟ୍ ତିଆରି କରିବା ଜରୁରୀ। ବ୍ୟାପାରୀଙ୍କୁ କାଲି ଆର୍ଥିକ କ୍ଷତି ପହଞ୍ଚିବ। ପେନାଲ୍ଟି ଉଠେଇବା ଜରୁରୀ। ଶାସନ-ପ୍ରଶାସନର ସହଯୋଗ ପାଇବେ। ଅଚାନକ ପରିବର୍ତ୍ତନ ହୋଇପାରେ।

**ଧନୁ**: ସମୟ ଅନୁସାରେ କାମ ଶେଷ ହେବ। ପରିଶ୍ରମ କଲେ ପ୍ରମୋଶନ ଶୀଘ୍ର ପାଇବେ। ଏଗ୍ରିମେଣ୍ଟ ବେଳେ ସଜାଗ ରହିବା ଜରୁରୀ। ଅଫିସ୍ କାମରେ କମ୍ ମନ ଲାଗିବ। ଆତ୍ମବିଶ୍ୱାସରେ ଭରି ରହିବେ।

**ମକର**: ଅଫିସ୍‌ରେ ଗୁପ୍ତ ଶତ୍ରୁ ଷଡ଼ଯନ୍ତ୍ର କରିପାରନ୍ତି। ଘର କିମ୍ବା ଅଫିସ୍ ପରିବର୍ତ୍ତନ କରିପାରନ୍ତି। ସମୟ ଅନୁକୂଳ ଓ ଭାଗ୍ୟଶାଳୀ ଅଟେ। ଅଧିକାରୀଙ୍କ ସହିତ ତାଳମେଳ ରହିବ। ଶାନ୍ତ ଓ ସାମାନ୍ୟ ଉପାୟରେ ଦିନ କାଟିବେ।

**କୁମ୍ଭ**: ଧାର୍ମିକ ଓ ସାମାଜିକ କାମରେ ଅଚାନକ ସମସ୍ୟା ଆସିପାରେ। ଆଜି ଫାଇନାଲ୍ ସିଲେକ୍ସନ୍ ହୋଇପାରେ। ଲୋନ୍ ଶୁଝିବାକୁ ଚେଷ୍ଟା କରିପାରନ୍ତି। ଧନ ଲାଭର ସମ୍ଭାବନା ରହିଛି। ପୁରୁଣା ସ୍ମୃତି ତାଜା ହେବ।

**ମୀନ**: ବାଣୀ ଉପରେ ସଂଯମ ଜରୁରୀ। କାହା ସହିତ ତର୍କ ହୋଇପାରେ। ଆପଣଙ୍କୁ ଡିଜିଟାଲ୍ ହେବାକୁ ପଡ଼ିବ। ପସନ୍ଦ ନାପସନ୍ଦ ଉପରେ ଧ୍ୟାନ ରଖିବେ। ଅଚାନକ ସାଙ୍ଗସାଥି ବା ସମ୍ପର୍କୀୟ ଆସିପାରନ୍ତି।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଯତ୍ତୁ କାମେପ୍‌ସୁନା କର୍ମ ସାହଂକାରେଣ ବା ପୁନଃ।**
**କ୍ରିୟତେ ବହୁଲାୟାସଂ ତଦ୍ରାଜସମୁଦାହୃତମ୍। (୧୮/୨୪)**

ଅଥଚ ସେହି କାର୍ଯ୍ୟକୁ ଫଳ କାମନା ରଖି ଏବଂ ଅହଂକାରରେ ଗର୍ଗର ହେଇ ଅଧିକ ପରିଶ୍ରମ କରି ଯେ ସମ୍ପାଦନ କରେ ତାକୁ ରାଜସିକ କର୍ମ କୁହନ୍ତି। ଅହଂକାରୀ ଲୋକ ସବୁବେଳେ ନିଜ ସାର୍ଥ ପାଇଁ ଉତ୍କଣ୍ଠିତ। ସାର୍ଥ ସାଧନ ପାଇଁ ଯେତେ କଷ୍ଟକର କାର୍ଯ୍ୟ ହେଉ ପଛେ, ତାହା ବହୁ ପରିଶ୍ରମ କରି ସମ୍ପାଦନ କରେ। ଏହା ହିଁ ରାଜସିକ କର୍ମ। ଶ୍ରୀ ରାମକୃଷ୍ଣ କହନ୍ତି - ଦୁଷ୍ଟ ଅହଂକାର କିପରି ନିଜର ବଡ଼ିମା ଦେଖାଏ ? ତୁମେ କ'ଣ ଜାଣନି ମୁଁ କିଏ ? ମୋର ଏତେ ଟଙ୍କା ଅଛି। ମୋ ଠାରୁ କେହି ବଡ଼ ଅଛନ୍ତି କି ? ଏହିଭଳି ଭାବରେ ସେ ଲୋକଙ୍କ ଆଗରେ ନିଜର ଅହଂକାର ଦେଖାଏ।

## ସଂଗ୍ରାମୀ

# ନବକୃଷ୍ଣ ଚୌଧୁରୀ



ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଥିଲେ ନବକୃଷ୍ଣ ଚୌଧୁରୀ। ସ୍ୱାଧୀନତା ଆନ୍ଦୋଳନ, ସମାଜସେବା ଓ ରାଜନୀତି ସବୁ କ୍ଷେତ୍ରରେ ତାଙ୍କର ନିଷ୍ଠା ଓ ତ୍ୟାଗ ଦେଖିବାକୁ ମିଳିଯାଏ। ବଡ଼ଭାଇ ଗୋପବନ୍ଧୁ ଚୌଧୁରୀ, ଭାଉଜ ରମାଦେବୀ ଓ ସ୍ତ୍ରୀ ମାଳତୀ ଦେବୀ, ସ୍ୱାଧୀନତା ସଂଗ୍ରାମରେ ବେଶ୍ ସକ୍ରିୟ ଥିଲେ। ତେବେ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ବିରଳ ସଂଗ୍ରାମୀ। ସେ ଯାହା ଶପଥ କରୁଥିଲେ ତାହା କରି ଦେଖଉଥିଲେ। ତାଙ୍କର ଅନନ୍ୟ ବ୍ୟକ୍ତିତ୍ୱ, କୃତି, ବୈପ୍ଲବିକ ଚିନ୍ତା ଓ କର୍ମଯୋଜନାକୁ ଆକଳନ କରିବା ଅସମ୍ଭବ। ୨୩ ନଭେମ୍ବର, ୧୯୦୧ରେ ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ ଏହି ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ। ଜନସାଧାରଣଙ୍କୁ ଶାସନର ସହଭାଗୀ କରିବା ନିମନ୍ତେ ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ବ୍ୟବହାର କରିବାକୁ ପ୍ରମୁଖ ଉଦ୍ୟମ କରିଥିବା ନବକୃଷ୍ଣ ଚୌଧୁରୀଙ୍କ କୃତି ଓ କୀର୍ତ୍ତିଗୁଡ଼ିକର କୌଣସି ପ୍ରଚାର, ପ୍ରସାରର ସଙ୍କେତ ସହଜରେ ଦୃଶ୍ୟମାନ ହୁଏ ନାହିଁ। ଓଡ଼ିଶା ପ୍ରଦେଶ ଗଠିତ ହେବା ପରେ ସେ ବିଧାନସଭାର ସଦସ୍ୟ ହୋଇ ୧୯୪୬-୪୮ ପର୍ଯ୍ୟନ୍ତ ରାଜସ୍ୱ, ଯୋଗାଣ, ପରିବହନ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ ପଦରେ ଓ ୧୯୫୦-୫୬ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ରହି ରାଜ୍ୟ ପାଇଁ ସେବା ଦେଇଥିଲେ। ପ୍ରଚଳିତ ବ୍ୟବସ୍ଥାରେ କୃଷକ, ଶ୍ରମିକମାନଙ୍କୁ ଶୋଷଣରୁ ମୁକ୍ତ କରିବା ସମ୍ଭବ ନହେବାରୁ ୧୯୫୬ରେ ସେ ମୁଖ୍ୟମନ୍ତ୍ରୀ ପଦ ତ୍ୟାଗ କରିଥିଲେ। ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ରୋଗଗ୍ରସ୍ତ ହୋଇ ୧୯୮୪ ମସିହାର ଆଜିର ଦିନରେ ଅନୁଗୁଳ ଆଶ୍ରମରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେ ଥିଲେ ଜଣେ ଅସାଧାରଣ କିନ୍ତୁ ଅତି ସାଧାରଣ ବ୍ୟକ୍ତିତ୍ୱ।

# ମହାପର୍ବର ମହତ୍ତ୍ୱ



ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି (ନିର୍ଜଳା ଏକାଦଶୀ)କୁ ଜପ, ତପ, ସଂଯମ, ଭକ୍ତି ଓ ଦାନର ମହାପର୍ବ ବୋଲି କୁହାଯାଏ। ଭୀମସେନ ଏକାଦଶୀ ଭାବରେ ମଧ୍ୟ ଏହାର ପରିଚୟ ରହିଛି। ଏଥିରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବିନା ଅନ୍ନ ଓ ଜଳରେ ଉପବାସ ରଖାଯାଏ। ଶାସ୍ତ୍ରଗୁଡ଼ିକ ଅନୁସାରେ ଏହି ଦିନ କରାଯାଇଥିବା ବ୍ରତ ସବୁ ଏକାଦଶୀଗୁଡ଼ିକ ସମାନ ଫଳ ପ୍ରଦାନ କରିଥାଏ। ଏହା ସହିତ ଏହି ଦିନ ଅନ୍ନଦାନ ଓ ଜଳଦାନ କଲେ ଅନେକ ଗୁଣ ପୁଣ୍ୟ ଫଳ ମିଳିଥାଏ। ନିର୍ଜଳା ଏକାଦଶୀ ଆତ୍ମସଂଯମ, ଶ୍ରଦ୍ଧା ଓ ସେବାର ଦିବ୍ୟ ଅବସର। ସାଧକମାନେ ନିର୍ଜଳ ବ୍ରତ ରଖି ଭଗବାନ ବିଷ୍ଣୁଙ୍କ ଉପାସନା କରିଥାନ୍ତି। ଧାର୍ମିକ ମାନ୍ୟତା ଅନୁସାରେ ଏହି ପବିତ୍ର ତିଥିରେ କରାଯାଇଥିବା ଜପ, ତପ ଓ ଦାନ ଜୀବନରେ ସୁଖ, ଶାନ୍ତି, ଆରୋଗ୍ୟ ଓ ସମୃଦ୍ଧିର ମାର୍ଗକୁ ପ୍ରଶସ୍ତ କରିଥାଏ।

## ଦାନ-ପୁଣ୍ୟର ଦିବ୍ୟ ଫଳ

ନିର୍ଜଳା ଏକାଦଶୀ ଦିନ ଅନ୍ନ, ଜଳ, ବସ୍ତ୍ର, ଫଳ, ମାଟିର କଳସ, ଛତା ତଥା ଭୋଜନ ଦାନ କରିଲେ ଅତ୍ୟନ୍ତ ଶୁଭ ଫଳ ମିଳିଥାଏ ବୋଲି ଧର୍ମ ଗ୍ରନ୍ଥଗୁଡ଼ିକରେ ବର୍ଣ୍ଣନା ରହିଛି। ବିଶେଷ ଭାବରେ ଜ୍ୟେଷ୍ଠ ମାସର ଗରମରେ ଅନ୍ନ ଓ ଜଳ ଦାନ କଲେ ଏହାର ମହତ୍ତ୍ୱ କେତେ ଗୁଣ ବୃଦ୍ଧି ପାଇଯାଏ। ଗୋଦାନ କଲେ ସାଧକମାନଙ୍କ ଜୀବନରେ କଷ୍ଟ ଦୂର ହୋଇ ସୁଖ, ସମୃଦ୍ଧି, ସୌଭାଗ୍ୟ ଓ ଆଧ୍ୟାତ୍ମିକ ଉନ୍ନତିର ମାର୍ଗ ଖୋଲିଥାଏ। ସାଧକର ଦାନ ଓ ସହଯୋଗରୁ ଦୀନ-ହୀନ, ଅସହାୟ, ଗରିବ ଓ ଦିବ୍ୟାଙ୍ଗ ପିଲାମାନଙ୍କୁ ଭୋଜନ କରାଇବା କେବଳ ଦାନ ଅର୍ଥରେ ଯାଏ ନାହିଁ, ଏହା ସ୍ୱୟଂ ନାରାୟଣଙ୍କ ସେବାର ପବିତ୍ର ଅବସର ବୋଲି କୁହାଯାଏ। ଏହି ଦିନ ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କର ବିଶେଷ ଭାବରେ ଶୃଙ୍ଗାର କରାଯାଏ। ଅନେକ ଲୋକ ବିଷ୍ଣୁ ସହସ୍ରନାମ, ତୁଳସୀ ପୂଜନ, ଭଜନ, ଗାୟନ ଓ ରାତ୍ରି ଜାଗରଣ ମଧ୍ୟ କରନ୍ତି।

### ପୌରାଣିକ କଥା:

ପଦ୍ମ ପୁରାଣ ଅନୁସାରେ ପାଣ୍ଡବମାନଙ୍କ ମଧ୍ୟରୁ ସବୁଠାରୁ ଶକ୍ତିଶାଳୀ ଭୀମଙ୍କୁ ଭୋକ ଅଧିକ ଲାଗେ। ସେ ମହର୍ଷି ବେଦବ୍ୟାସଙ୍କୁ ଏପରି ଏକ ଉପାୟ ବିଷୟରେ ପଚାରିଥିଲେ ଯେଉଁଥିରେ ସମସ୍ତ ବ୍ରତଗୁଡ଼ିକର ଫଳ ପ୍ରାପ୍ତି ହୋଇପାରିବ। ବ୍ୟାସଦେବ ତାଙ୍କୁ ନିର୍ଜଳା ଏକାଦଶୀ କରିବା ପାଇଁ ପରାମର୍ଶ ଦେଇଥିଲେ। ନିର୍ଜଳା ଏକାଦଶୀ କରିଥିବା ସାଧକମାନେ ଦ୍ୱାଦଶୀ ଦିନ ବ୍ରତର ପାରଣ କରିଥାନ୍ତି।

# ମୁର ଗୁଡ୍ଡି ପାହାଡ଼



ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ମ୍ୟୋରପୁର ବ୍ଲକ୍‌ର ମଧୁବନ କ୍ଷେତରେ ସ୍ଥିତ ମୁର ଗୁଡ୍ଡି ପାହାଡ଼ ଏ ସମୟରେ ପର୍ଯ୍ୟଟକମାନଙ୍କର ଏକ ପସନ୍ଦଯୋଗ୍ୟ ସ୍ଥଳ ହୋଇଛି। ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନମୋହକ ଦୃଶ୍ୟ, ବିଶାଳ ପ୍ରାକୃତିକ ପଥର, ଘନ ଜଙ୍ଗଲ ଓ କନହର ବନ୍ଧର ଜଳାଶୟର ବିହଙ୍ଗମ ଦୃଶ୍ୟ ଏହି ସ୍ଥଳକୁ ଜିଲ୍ଲାର ଇକୋ-ଟୁରିଜମ୍ କେନ୍ଦ୍ର ଭାବରେ ପରିଚୟ ଦେଉଛି। ସକାଳର ପ୍ରଥମ କିରଣ ପାହାଡ଼ର ବିଶାଳ ପଥରଗୁଡ଼ିକ ଉପରେ ପଡ଼ିବା ପରେ ପୂରା କ୍ଷେତ୍ରଟି ସୁନେଲି ଆଭାରେ ଝଲସି ଉଠେ। ସନ୍ଧ୍ୟା ସମୟରେ ସମୟ ବଦଳିବା ସହିତ ଆକାଶର ରଙ୍ଗ ଓ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ମନ୍ତ୍ରମୁଗ୍ଧ କରିଦିଏ। ଉଚ୍ଚରେ ସ୍ଥିତ ଏହି ପାହାଡ଼ ନିକଟରୁ ଦୂର ଦୂର ପର୍ଯ୍ୟନ୍ତ ବ୍ୟାପିଥିବା ଜଙ୍ଗଲ, ପାହାଡ଼ ଓ କନହର ବନ୍ଧର ବିଶାଳ ଜଳାଶୟ ସ୍ପଷ୍ଟ ଦେଖିବାକୁ ମିଳେ ଯାହା ପ୍ରତି ପାଣିପାଗରେ ଅଲଗା ଅଲଗା ରଙ୍ଗରୂପ ପ୍ରସ୍ତୁତ କରିଥାଏ। ସ୍ଥାନୀୟ ଲୋକମାନଙ୍କ ଅନୁସାରେ ଏହି କ୍ଷେତ୍ରଟି ବିଶାଳ ପ୍ରାକୃତିକ ପଥରଗୁଡ଼ିକ ମଧ୍ୟରେ ସାମିଲ ଅଛି ଯେଉଁଠାରେ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକମାନେ ଯାଇ ବସିପାରୁଛନ୍ତି। ପାହାଡ଼ର ଆଖପାଖରେ ବ୍ୟାପି ରହିଥିବା ରାଜା ଚନ୍ଦୌଲ୍ ଜଙ୍ଗଲ ଓ ମୃଗା ରାଣୀ ପାହାଡ଼ କ୍ଷେତ୍ରର ଜୈବ ବିବିଧତାକୁ ସମୃଦ୍ଧ କରୁଛି। ସେଠାରେ ମୟୂର, ହରିଣ ଓ ଠେକୁଆ ପରି ବନ୍ୟଜୀବମାନେ ସହଜରେ ଦେଖିବାକୁ ମିଳନ୍ତି। ମୁର ଗୁଡ୍ଡି ପାହାଡ଼ ଏକ ପର୍ଯ୍ୟଟନ ସ୍ଥଳ ଭାବରେ ବିକଶିତ ହେବା ଦ୍ୱାରା ସ୍ଥାନୀୟ ଗ୍ରାମୀଣମାନଙ୍କ ପାଇଁ ଗାଇଡ୍ ସେବା, ହୋମ୍-ଷ୍ଟେ, ସ୍ଥାନୀୟ ଉତ୍ପାଦଗୁଡ଼ିକର ବିକ୍ରି ଓ ଛୋଟ ଭୋଜନାଳୟଗୁଡ଼ିକ ମାଧ୍ୟମରେ ରୋଜଗାରର ନୂଆ ଅବସର ସୃଷ୍ଟି ହୋଇପାରେ। କିପରି ଯିବେ-ଏହି ପାହାଡ଼ ପର୍ଯ୍ୟନ୍ତ ପହଞ୍ଚିବା ଅପେକ୍ଷାକୃତ ସହଜ ଅଟେ। ମ୍ୟୋରପୁରରୁ **ଲୀଳାସୀ**-ନୌଡ଼ିହା ମାର୍ଗ ହୋଇ ମଧୁବନ ରାସ୍ତାରେ ଏହି ପାହାଡ଼ ପର୍ଯ୍ୟନ୍ତ ପହଞ୍ଚିହେବ। ସେହିପରି ଦୁଧିରୁ ବଘାଡୁ-ଲୀଳାସୀ ମାର୍ଗ ଜରିଆରେ ସେଠାକୁ ପହଞ୍ଚିବା ପାଇଁ ରାସ୍ତା ରହିଛି। ଏହା ବ୍ୟତୀତ ଦୁଧି ଆଶ୍ରମ ମୋଡ଼ ମାର୍ଗରେ ସ୍ଥିତ ଭଟ୍ଟି ମୋଡ଼ରୁ ଲୀଳାସୀ ହୋଇ ପର୍ଯ୍ୟଟକମାନେ ମୁର ଗଡ୍ଡି ପାହାଡ଼ ପର୍ଯ୍ୟନ୍ତ ପହଞ୍ଚି ପାରିବେ।

# ହଟ୍‌ରୁ ଫ୍ଲୋଟିଂ ପର୍ଯ୍ୟନ୍ତ

**ଯୋଗର ମହତ୍ତ୍ୱ ସମ୍ପର୍କରେ ଲୋକମାନଙ୍କୁ ଜାଗ୍ରତ କରେଇବା ପାଇଁ ନିକଟରେ ପାଳନ କରାଯାଇଛି ଅନ୍ତର୍ଜାତୀୟ ଯୋଗ ଦିବସ। ଯୋଗରୁ ଅନେକ ପ୍ରକାରର ସ୍ୱାସ୍ଥ୍ୟ ଲାଭ ବିଷୟରେ ଜାଣିବା ପରେ ଯୋଗ କରିବାର ପାଞ୍ଚଟି ଉପାୟ ସମ୍ପର୍କରେ ଜାଣିବା ଉଚିତ।**

**ହଟ୍ ଯୋଗ**-ଏହାର ନାମ ଯେପରି ଯୋଗ କରିବାର ଉପାୟ ମଧ୍ୟ ସେହିପରି। ଏହି ଯୋଗାଭ୍ୟାସକୁ ୩୮-୪୦ ଡିଗ୍ରୀ ତାମମାତ୍ରା ଥିବା ରୁମ୍‌ରେ କରାଯାଏ। ହଟ୍ ଯୋଗରେ ମାଂସପେଶୀର ନମନୀୟତା ବୃଦ୍ଧି ହେବା ସହିତ ଦ୍ରୁତ ଗତିରେ କ୍ୟାଲେରୀ ବର୍ଣ୍ଣ ହୁଏ ଓ ଶରୀରରୁ ଝାଳ ସହିତ ବିଷାକ୍ତ ପଦାର୍ଥ ବାହାରକୁ ବାହାରେ।

**ଏରିୟଲ୍ ଯୋଗ**-ଯୋଗ କରିବାର ଏହି ଉପାୟ ସମ୍ପର୍କରେ କିଛି ଲୋକ ଜାଣିବା ଉଚିତ। ଏଥିରେ ପାରମ୍ପରିକ ଯୋଗାସନଗୁଡ଼ିକୁ ପବନରେ ଝୁଲି ରହି କରାଯାଏ। ଶରୀରକୁ ସପୋର୍ଟ କରିବା ପାଇଁ ଏକ ପ୍ରକାରର ଝୁଲା (ହମ୍ମାକର)ର ବ୍ୟବହାର କରାଯାଏ ଯାହା ସାହାଯ୍ୟରେ ଯୋଗାସନଗୁଡ଼ିକୁ ଗୁରୁତ୍ୱାକର୍ଷଣ ବିରୁଦ୍ଧରେ ଯାଇ କରାଯାଏ ଯେଉଁଥିରେ ସନ୍ତୁଳନ ବଜାୟ ରହିବା ଠାରୁ ଆରମ୍ଭ କରି ଶରୀରର ଶକ୍ତି ବୃଦ୍ଧି ହୋଇଥାଏ।

**ପାୱାର ଯୋଗ**-ଯୋଗ କରିବାର ଏହି ଉପାୟରେ ଦ୍ରୁତଗତିରେ ଯୋଗାସନ କରାଯାଏ। ଏହି ଉପାୟ ପାରମ୍ପରିକ ଯୋଗାସନ ଓ ଆଧୁନିକ ଫିଟ୍‌ନେସ୍ ଟେକ୍‌ନିକ୍‌ର କମ୍ବିନେସନ୍ ଅଟେ। ଏଥିରେ କ୍ୟାଲୋରୀ ବର୍ଣ୍ଣ ହେବା ଠାରୁ ଆରମ୍ଭ କରି ମାଂସପେଶୀର ଶକ୍ତି ଓ ଧୈର୍ଯ୍ୟ ବୃଦ୍ଧି ହୋଇଥାଏ।

**ଫ୍ଲୋଟିଂ ଯୋଗ**-ଏହି ଯୋଗକୁ ଆକ୍ୱା ବା ୱାଟର୍ ଯୋଗ କୁହାଯାଏ ଯେଉଁଥିରେ ଝୁଲି ରହିଥିବା ପ୍ୟାଡେଲ୍‌ବୋର୍ଡ ବା ମ୍ୟାଟ୍ ଉପରେ ବସି ଯୋଗାସନ କରାଯାଏ। ଏହା ମୁଖ୍ୟତଃ ବାଲାନ୍ସିଂ ପାୱାରକୁ ମଜଭୁତ କରିବା ସହିତ ଆଭ୍ୟନ୍ତରୀଣ ଶକ୍ତିକୁ ବୃଦ୍ଧି କରିଥାଏ।

**କ୍ୟାଟ୍ ଆଣ୍ଡ ଡଗ୍ ଯୋଗ**-ଆଜିର ସମୟରେ କ୍ୟାଟ୍ ଆଣ୍ଡ ଡଗ୍ ଯୋଗ କରିବାର ଚଳନ ବୃଦ୍ଧି ପାଉଛି। ଲୋକମାନେ ନିଜ ପାଳିତ ପେଟ୍ସଙ୍କ ସହିତ ଯୋଗାସନ କରିବାର ଦେଖିବାକୁ ମିଳୁଛନ୍ତି। ଏଥିରେ ପେଟ୍ସ ରୁମ୍ ଭିତରେ ଘୂରି ବୁଲୁଥାନ୍ତି ଓ ସେମାନଙ୍କର ଖେଳିବାର ସ୍ୱର ମନକୁ ଶାନ୍ତ କରି ଷ୍ଟ୍ରେସ୍ ଦୂର କରିଥାଏ।









# ବିଶ୍ୱସନୀୟତାର ସନ୍ଧାନ ନିଅନ୍ତୁ

ସାମାଜିକ ଅଧ୍ୟୟନ-ଅନେକ ଲୋକ ପ୍ରଥମ ନଜରରେ ମିଳନସାର ଓ ସହଜ ମନେ ହୁଅନ୍ତି କିନ୍ତୁ ଯେତେ ଅଧିକ ସମୟ ଆପଣ ସେମାନଙ୍କ ସହିତ କଥାବାର୍ତ୍ତା କରିବେ ସେମାନେ ସେତିକି କ୍ଲାନ୍ତ ଓ କଷ୍ଟଦାୟକ ଜଣାପଡ଼ନ୍ତି। ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ବେଇମାନ ଲୋକମାନେ ସାଧାରଣତଃ ନିଜର ପାରମ୍ପରିକ ସମ୍ବନ୍ଧଗୁଡ଼ିକରେ କିଛି ବିଶେଷ ସଂକେତ ପ୍ରକଟ କରିଥାନ୍ତି। ଅନେକ ଲୋକ ସେହିଭଳି ବ୍ୟକ୍ତିଙ୍କୁ ଆହୁରି ଅଧିକ ଭୟ କରନ୍ତି ଯେଉଁମାନେ ଅଧିକ ସୌମ୍ୟ ଓ ମିଳନସାର ଦେଖାଯାଆନ୍ତି କିନ୍ତୁ ଭିତରେ ଚାଲାକ ଓ ସ୍ୱାର୍ଥୀ ହୋଇଥାନ୍ତି। ପ୍ରଥମ ସାକ୍ଷାତରେ ସେମାନେ ଅନ୍ୟମାନଙ୍କୁ ସହଜ ଅନୁଭବ କରାଇଥାଆନ୍ତି କିନ୍ତୁ ଯେପରି ଯେପରି ସେମାନଙ୍କ ସହିତ କଥାବାର୍ତ୍ତା କରିବେ ସେମାନଙ୍କର ବ୍ୟକ୍ତିତ୍ୱର କଳା ଦିଗଗୁଡ଼ିକ ଧୀରେ ଧୀରେ ସମ୍ମୁଖକୁ ଆସିଥାଏ। ତେବେ କୌଣସି ବ୍ୟକ୍ତିର ଚରିତ୍ର ସୁନ୍ଦର ଶବ୍ଦଗୁଡ଼ିକରେ ମିଳେନାହିଁ କିନ୍ତୁ ଦୈନିକ ଜୀବନରେ ବାରମ୍ବାର କରାଯାଉଥିବା କାର୍ଯ୍ୟରେ ପ୍ରକଟ ହୋଇଥାଏ। ଦାର୍ଶନିକ ଫ୍ରାନ୍ସିସ ବେକନ୍ ଥରେ କହିଥିଲେ ଯେ ବେଇମାନ ଲୋକମାନେ ନିଜର ସ୍ୱାର୍ଥଗୁଡ଼ିକୁ ଲୁଚେଇବା ପାଇଁ ଦୟାଳୁତାର ଲାଭ ଉଠାଇ ଥାଆନ୍ତି। ମନୋବୈଜ୍ଞାନିକ ଦୃଷ୍ଟିରୁ ଏପରି ଲୋକମାନଙ୍କର ସାଧାରଣତଃ ଦୁଇଟି ସାମାନ୍ୟ ଲକ୍ଷଣ ଦେଖିବାକୁ ମିଳେ। ତେବେ ସବୁବେଳେ ଦୁଇଟି ମାନକର ପାଳନ କରନ୍ତୁ-ନିଜ ପ୍ରତି ଉଦାର ରହିବେ ଓ ଅନ୍ୟମାନଙ୍କ ପ୍ରତି ଶକ୍ତ ରହିବେ। ଏହା ସବୁଠାରୁ ସାଧାରଣ ଲକ୍ଷଣଗୁଡ଼ିକରୁ ଅନ୍ୟତମ କିନ୍ତୁ ଏହାକୁ ସାଧାରଣତଃ ଅଣଦେଖା କରିଦିଆଯାଏ।



# କ୍ରାଇମ୍-ଥ୍ରୀଲର୍: ବ୍ୟୁହମ୍



ଓଟିଟିରେ ଏପରି ଅନେକ କାହାଣୀ ରହିଛି ଯେଉଁଗୁଡ଼ିକ ଦର୍ଶକମାନଙ୍କ ମନରେ ଅଲଗା ଛାପ ଛାଡ଼ିଥାଏ। ତେବେ ଏ ସମୟରେ ଦର୍ଶକ ମହଲରେ ସସ୍ପେନ୍ସ-ଥ୍ରୀଲର୍ ଦ୍ୱାରା ଭରପୂର କାହାଣୀଗୁଡ଼ିକର କ୍ରେଜ୍ ଦେଖିବାକୁ ମିଳୁଛି। ଲୋକମାନଙ୍କୁ ଏହିଭଳି କାହାଣୀଗୁଡ଼ିକ ଅଧିକ ପସନ୍ଦ ଆସୁଛି କାରଣ ଏଥିରେ ରହୁଛି ମିଷ୍ଟ୍ରି, ସସ୍ପେନ୍ସ, ଆକ୍ସନ୍ ଓ ଇମୋସନାଲ୍ ଡ୍ରାମା। ଏହି କାହାଣୀଗୁଡ଼ିକରେ ହିରୋ ଅନେକ ବିପଦଜନକ ପରିସ୍ଥିତିର ସମ୍ମୁଖୀନ ହୋଇଥାଏ ଯେଉଁ କାରଣରୁ ଫିଲ୍ମର ଯାତ୍ରା ଆହୁରି ରୋଚକପୂର୍ଣ୍ଣ ହୋଇଯାଏ। ଏହିଭଳି କଣ୍ଟେଣ୍ଟର କାହାଣୀକୁ ଯଦି ପସନ୍ଦ କରୁଛନ୍ତି ତେବେ ଲଗାତର ଟ୍ୱିଷ୍ଟ, ହାଇ-ଷ୍ଟେକ୍ସ ଓ ଏକ ଜଟିଳ କେସ୍‌ର ସମାଧାନ କରିବା ପରି ଆହ୍ୱାନରେ ଭରି ରହିଥିବା ଧମାକେଦାର ସିରିଜ ଦେଖିପାରିବେ। ଏହି କାହାଣୀଗୁଡ଼ିକ ଶେଷ ପର୍ଯ୍ୟନ୍ତ ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥାନ୍ତି। ଏହି ସୂଚୀରେ ରହିଛି ସିରିଜ 'ବ୍ୟୁହମ୍'ର କାହାଣୀ ଯାହା ଜଣେ ନୂଆ ପୁଲିସ୍ ଅଫିସର୍‌କୁ ନେଇ ଘଟିଛି। ଏଥିରେ ରହିଛି ଏକ ହିଟ୍ ଆଣ୍ଡ ରନ୍ ମାମଲା ଯେଉଁଥିରେ ଏକ ଦମ୍ପତି ନିଜ ପିଲାଟିକୁ ହରେଇଛନ୍ତି। ମହିଳା ଜଣକ ମଧ୍ୟ ଗର୍ଭବତୀ ଅଛନ୍ତି। ପ୍ରାରମ୍ଭିକ ସ୍ତରରେ ମାମଲା ସହଜ ଓ ପରିଷ୍କାର ମନେ ହେଉଥିଲେ ମଧ୍ୟ ପରେ ଏହା ଏକ ଅସମାଧାନ ମାମଲା ପରି ମନେହେଉଛି। ଏହି ମାମଲାର ସମାଧାନ କରିବା ପାଇଁ ଅଫିସର୍ ଜଣକୁ ଏକ ସିରିଏଲ୍ କିଲର୍, ଏକ ଟ୍ରେଣ୍ଡ୍ ନକ୍ସଲ, ସସ୍ପେଣ୍ଡେଡ୍ ପୁଲିସ୍‌ବାଲା ଓ ଆତଙ୍କୀ ସଂଗଠନକୁ ଧରିବାର ଅଛି। ଏହା ସହିତ ହିରୋକୁ ନିଜର ଯନ୍ତ୍ରଣାଦାୟକ ଅତୀତର ସମାଧାନ ମଧ୍ୟ କରିବାକୁ ପଡୁଛି।



**କେଉଁଠି ଦେଖିବେ**-ଆମାଜନ୍ ପ୍ରାଇମ୍ ଭିଡିଓରେ ପ୍ରସାରିତ ହେଉଥିବା ଏହି ସିରିଜଟିକୁ ଆଇଏମ୍‌ଡିବିରେ ୭.୫ ରେଟିଂ ମିଳିଛି। 'ବ୍ୟୁହମ୍'ର ଶେଷ ଦୁଇଟି ଏପିସୋଡ୍‌ରେ ଯେଉଁଭଳି ଭାବରେ ଟ୍ୱିଷ୍ଟ ଦେଖିବାକୁ ମିଳିଛି ତାହା ଖୁବ୍ ଭୟଙ୍କର। ତେବେ ପ୍ରତି ଖରାପ କର୍ମର ଦୁଃଖଦ ଅନ୍ତ ହୋଇଥାଏ ଓ ନିର୍ଦ୍ଦେଶକ ବହୁତ ଚିନ୍ତା କରି ଏହାର କାହାଣୀକୁ ଦର୍ଶାଇଛନ୍ତି। ତେଲୁଗୁ ଭାଷାର ଏହି କ୍ରାଇମ୍ ସିରିଜଟିକୁ ଶଶିକାନ୍ତ ଶ୍ରୀବୈଷ୍ଣବ ପୀସାପତି ନିର୍ଦ୍ଦେଶନା ଦେଇଛନ୍ତି। ସିରିଜରେ ସାଇ ସୁଶାନ୍ତ ରେଡ୍ଡିଙ୍କ ବ୍ୟତୀତ ଚୈତନ୍ୟ କ୍ରିଷ୍ଣ, ପାୱନୀ ଗଙ୍ଗୀରେଡ୍ଡି, ରବୀନ୍ଦ୍ର ବିଜୟ, ଶଶାଙ୍କ, ଶିବା କାର୍ତ୍ତିକଙ୍କ ପରି କଳାକାରମାନେ ଅଛନ୍ତି।

# ଡିସିକୁ ଫେରିଲେ ରଷଭ ପନ୍ତ୍

## ଏଲ୍ଏସ୍‌ଜି ଏବେ କୁଲଦୀପ୍ ଯାଦବଙ୍କ ନୂଆ ଠିକଣା



**ନୂଆଦିଲ୍ଲୀ,୨୩।୬/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ ସମାପ୍ତି ପରେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ (ଏଲ୍ଏସ୍‌ଜି) ଏବଂ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମଧ୍ୟରେ ହାଇ ପ୍ରୋଫାଇଲ୍ ଟ୍ରେଡ୍ ଡିଲ୍ ହୋଇଛି। ଏହା ଅଧୀନରେ ଉ୍ୱିକେଟ୍‌କିପର୍ ବ୍ୟାଟର୍ ରଷଭ ପନ୍ତ୍ ଦିଲ୍ଲୀ କ୍ୟାପିଟାଲ୍ସ ଫେରିଥିବା ବେଳେ ଷ୍ଟାର୍ ସ୍ପିନର୍ କୁଲଦୀପ ଯାଦବ ଏବେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଜର୍ସିରେ ନଜର ଆସିବେ। ଏହା କେବଳ ଦୁଇ ଖେଳାଳିଙ୍କ ଟ୍ରେଡ୍ ନୁହେଁ, ବରଂ ଦୁଇ ଫ୍ରାଞ୍ଚାଇଜି ଟିମ୍‌ର ରଣନୀତିରେ ବଡ଼ ପରିବର୍ତ୍ତନର ସଙ୍କେତ।

ରଷଭ ପନ୍ତ୍ ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୧୧୧ ମ୍ୟାଚ୍ ଖେଳି ଫ୍ରାଞ୍ଚାଇଜିର ଇତିହାସରେ ସର୍ବାଧିକ ମ୍ୟାଚ୍ ଖେଳିଥିବା ଖେଳାଳି ହୋଇଥିଲେ। ଏହା ଅବଧିରେ ସେ ଟିମ୍‌ର କ୍ୟାପ୍ଟେନ୍ ମଧ୍ୟ ଥିଲେ ଏବଂ ଦିଲ୍ଲୀକୁ କେତେକ ସ୍ମରଣୀୟ ବିଜୟ ମଧ୍ୟ ଦେଇଥିଲେ। ୨୦୨୫ ମେଗା ଅକ୍ସନ୍‌ରେ ଏଲ୍ଏସ୍‌ଜି ପନ୍ତ୍‌ଙ୍କୁ ରେକର୍ଡ ୨୭ କୋଟି ଟଙ୍କାରେ ନିଜ ସହ ସାମିଲ କରିଥିଲା। ଏହା ଆଇପିଏଲ୍ ଇତିହାସରେ ସର୍ବାଧିକ ଦାମ୍। ମାତ୍ର ଏବେ ଟ୍ରେଡ୍ ଜରିଆରେ ସେ ୧୫ କୋଟି ଟଙ୍କାର ଫିସ୍‌ରେ ପୁଣି ଦିଲ୍ଲୀ କ୍ୟାପିଟାଲ୍ସକୁ ଫେରିଛନ୍ତି। ଅନ୍ୟପକ୍ଷରେ କୁଲଦୀପ ଯାଦବଙ୍କର ଦିଲ୍ଲୀ ସହିତ ଏକ ଉନ୍ନତ ଅଧ୍ୟାୟ ସମାପ୍ତ ହୋଇଛି। ୨୦୨୨ରେ ଫ୍ରାଞ୍ଚାଇଜି ସହ ଯୋଡ଼ିହେବା ପରେ ସେ ପାଞ୍ଚ ସିଜନ୍‌ରେ ୬୫ ମ୍ୟାଚ୍ ଖେଳି ୭୨ ଉ୍ୱିକେଟ୍ ଅକ୍ତିଆର କରିଛନ୍ତି। ଏହା ବ୍ୟତୀତ ସେ ଟିମ୍‌ର ଭରସାଯୋଗ୍ୟ ମ୍ୟାଚ୍ ବିଜୟୀ ବୋଲର୍ ଭାବେ ନିଜକୁ ସ୍ଥାପିତ କରିଥିଲେ। ଚାଇନାମ୍ୟାନ୍ ବୋଲର୍ କୁଲଦୀପ୍ ୧୩.୫୦ କୋଟି ଟଙ୍କାରେ ଲକ୍ଷ୍ନୌ ଟିମ୍‌ର ଅଂଶବିଶେଷ ହୋଇଛନ୍ତି।

## ଏଫ୍ଆଇଏଚ୍ ପ୍ରୋ ଲିଗ୍

# ପାକିସ୍ତାନକୁ ୪-୩ରେ ହରାଇଲା ଭାରତ



**ଲଣ୍ଡନ,୨୩।୬/ଏଜେନ୍ସି:** ଭାରତୀୟ ପୁରୁଷ ହକି ଟିମ୍ ଏଫ୍ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍‌ରେ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୪-୩ ଗୋଲ୍‌ରେ ହରାଇ ଦେଇଛି। ଏହା ସହିତ ପାକିସ୍ତାନ ବିପକ୍ଷରେ ଭାରତୀୟ ହକି ଟିମ୍‌ର ଦବ୍‌ଦବା ଜାରି ରହିଛି। ଗତ ୧୦ ବର୍ଷ ମଧ୍ୟରେ ଦୁଇ ଟିମ୍ ମଧ୍ୟରେ ଖେଳାଯାଇଥିବା ୧୮ ମ୍ୟାଚ୍‌ରେ ଭାରତ ଅଜେୟ ରହିଛି।

ମ୍ୟାଚ୍‌ରେ ଭାରତ ପକ୍ଷରୁ ଅଭିଷେକ, ନୀଳକାନ୍ତ ଶର୍ମା, ସୁଖଜିତ ସିଂହ ଏବଂ ରାଜିନ୍ଦର ସିଂହ ୧-୧ ଗୋଲ୍ ଦେଇଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ପାଇଁ ଅହମଦ ନଦୀମ୍, ଅବୁ ମହମୁଦ ଏବଂ ମୋଇନ୍ ଶକିଲ୍ ଗୋଲ୍ ତିନିଟି କରିଥିଲେ। ଦୁଇ ଟିମ୍ ମଧ୍ୟରେ ଚତୁର୍ଥ କ୍ୱାର୍ଟର୍ ପର୍ଯ୍ୟନ୍ତ ମୁକାବିଲା ବହୁ ରୋମାଞ୍ଚକର ଥିଲା। ପାକିସ୍ତାନ ଅନ୍ତିମ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇ ବ୍ୟବଧାନ କମ୍ କରିଥିଲେ ମଧ୍ୟ ଭାରତୀୟ ଟିମ୍ ମ୍ୟାଚ୍ ନିଜ ନାମରେ ସଫଳ ହୋଇଛି।

ପ୍ରୋ ଲିଗ୍‌ର ଅନ୍ତିମ ସ୍ଥାନରେ ଥିବା ପାକିସ୍ତାନ ଅଷ୍ଟମ ମିନିଟ୍‌ରେ ନଦୀମ୍ ଅହମଦଙ୍କ ଗୋଲ୍ ଦମ୍‌ରେ ପ୍ରାରମ୍ଭିକ ଅଗ୍ରଣୀ ହାସଲ କରିଥିଲା। ଏହାପରେ ୨୨ତମ ମିନିଟ୍‌ରେ ଅଭିଷେକ ସ୍କୋର୍ ବରାବର କରିଥିଲେ। ଦୁଇ ମିନିଟ୍ ପରେ ନୀଳକାନ୍ତ ଶର୍ମା (୨୪ତମ) ଏକ ଚମତ୍କାର ଗୋଲ୍ ଜରିଆରେ ଭାରତକୁ ପ୍ରଥମ ଅଗ୍ରଣୀ ପ୍ରଦାନ କରିଥିଲେ। ୪୦ତମ ମିନିଟ୍‌ରେ ସୁଖଜିତ ଆଉ ଏକ ଗୋଲ୍ ଦେଇ ଭାରତର ଅଗ୍ରଣୀ ମଜଭୁତ କରିଥିଲେ। ଅନ୍ତିମ କ୍ୱାର୍ଟର୍‌ରେ ରାଜିନ୍ଦର ୫୨ତମ ମିନିଟ୍‌ରେ ଗୋଲ୍ ଦେଇ ସ୍କୋର୍ ୪-୧ରେ ପହଞ୍ଚାଇଥିଲେ। ତେବେ ପାକିସ୍ତାନ ପାଇଁ ଅବୁ ମହମୁଦ ୫୩ତମ ଏବଂ ପରେ ମୋଇନ୍ ୬୦ତମ ମିନିଟ୍‌ରେ ଗୋଲ୍ ଦେଇ ପରାଜୟର ଅନ୍ତର କମ୍ କରିଥିଲେ।

## ମେସି-ଏମ୍ବାପେ-ହାଲଣ୍ଡଙ୍କ ଜଲୱା

# ନକ୍ଆଉଟ୍‌ରେ ଆର୍ଜେଣ୍ଟିନା-ଫ୍ରାନ୍ସ ଓ ନରୱେ

# ଇତିହାସ ରଚିଲେ ଲିଓନେଲ୍ ମେସି

## ଅଷ୍ଟ୍ରିଆକୁ ହରାଇ ନକ୍ଆଉଟ୍‌ରେ ଆର୍ଜେଣ୍ଟିନା

**ନ୍ୟୁୟର୍କ,୨୩।୬/ଏଜେନ୍ସି:** ଫିଫା ବିଶ୍ୱକପ୍ ୨୦୨୬ର ୧୨ଶ ଦିନ ପ୍ରଶଂସକଙ୍କ ପାଇଁ ସ୍ମରଣୀୟ ହୋଇଛି। ଗୋଟିଏ ପଟେ ଆର୍ଜେଣ୍ଟିନା କ୍ୟାପ୍ଟେନ୍ ଲିଓନେଲ୍ ମେସି ଅଷ୍ଟ୍ରିଆ ବିପକ୍ଷରେ ଦୁଇଟି ଗୋଲ୍ ଦେଇ ଇତିହାସ ରଚିଥିବା ବେଳେ ଅନ୍ୟପକ୍ଷରେ ଫ୍ରାନ୍ସର ଷ୍ଟାର୍ ଷ୍ଟ୍ରାଇକର୍ କିଲିୟନ୍ ଏମ୍ବାପେ ନିଜ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍‌କୁ ଦୁଇଟି ଗୋଲ୍ ବଳଦରେ ସ୍ମରଣୀୟ କରିଦେଇଛନ୍ତି। ଆର୍ଜେଣ୍ଟିନା ୨-୦ରେ ଅଷ୍ଟ୍ରିଆକୁ ଏବଂ ଫ୍ରାନ୍ସ ୩-୦ରେ ଇରାକୁ ହରାଇ ରାଉଣ୍ଡ ଅଫ୍-୩୨ରେ ନିଜ ନିଜର ସ୍ଥାନ ପକ୍କା କରିଛନ୍ତି।

ସେହିପରି ନରୱେ ୩-୨ ଗୋଲ୍‌ରେ ସେନେଗାଲ୍‌କୁ ହରାଇ ବିଶ୍ୱକପ୍‌ରେ ଗତ ୨୮ ବର୍ଷରେ ପ୍ରଥମ ଥର ରାଉଣ୍ଡ ଅଫ୍-୩୨ରେ ପ୍ରବେଶ କରିଛି। ଷ୍ଟାର୍ ଫୁଟ୍‌ବଲର୍ ଏର୍ଲିଙ୍ଗ୍ ହାଲଣ୍ଡ ଦୁଇଟି ଗୋଲ୍ ଦେଇଛନ୍ତି। ଅର୍ଥାତ୍ ମେସି, ଏମ୍ବାପେଙ୍କ ପରେ ହାଲଣ୍ଡ ମଧ୍ୟ ନିଜ ଫର୍ମ ବଜାୟ ରଖିଛନ୍ତି।

ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଣ୍ଟିନା ପାଇଁ ଲିଓନେଲ୍ ମେସି ପୁଣିଥରେ ସଙ୍କଟମୋଚକ ହୋଇଛନ୍ତି। ଡଲାସ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆର୍ଜେଣ୍ଟିନା ୨-୦ରେ ଅଷ୍ଟ୍ରିଆକୁ ହରାଇ ଦେଇଛି। ମେସି ୩୮ତମ ମିନିଟ୍‌ରେ ଚମତ୍କାର ଗୋଲ୍ କରି ଆର୍ଜେଣ୍ଟିନାକୁ ଆଗୁଆ କରିଥିଲେ। ଫାକୁଣ୍ଡୋ ମେଡିନାଙ୍କ ଏକ ଉନ୍ନତ ପାସ୍‌କୁ ମେସି ଗୋଲ୍‌ପୋଷ୍ଟର ନିମ୍ନ ଭାଗରେ ପହଞ୍ଚି ସ୍କୋର୍ ୧-୦ କରିଥିଲେ। ଏହାପରେ ଇନ୍‌ଜୁରୀ ଟାଇମ୍‌ର ପଞ୍ଚମ ମିନିଟ୍‌ରେ ଦ୍ୱିତୀୟ ଗୋଲ୍ ଦେଇ ଟିମ୍‌ର ବିଜୟ ଉପରେ ମୋହର ଲଗାଇଥିଲେ। ମ୍ୟାଚ୍‌ରେ ଅଷ୍ଟ୍ରିଆ ମଧ୍ୟ ସଂଘର୍ଷ କରିଥିଲା।



ମାର୍ସେଲ୍ ସାଭିତ୍‌ଜର୍ ନିଜ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଆକର୍ଷଣୀୟ ଫ୍ରି-କିକ୍ ମାରିଥିଲେ ମଧ୍ୟ ଏହାକୁ ଗୋଲ୍‌ରେ ପରିବର୍ତ୍ତିତ କରିପାରି ନଥିଲେ। ଏହି ଡବଲ୍ ଗୋଲ୍ ସହିତ ମେସି ବିଶ୍ୱକପ୍‌ରେ ନିଜ ମୋଟ ଗୋଲ୍ ସଂଖ୍ୟା ୧୮ରେ ପହଞ୍ଚାଇଛନ୍ତି। ଏହା ସହିତ ସେ ଫିଫା ବିଶ୍ୱକପ୍ ଇତିହାସରେ ସର୍ବାଧିକ ଗୋଲ୍ କରିଥିବା ଖେଳାଳି ହୋଇଛନ୍ତି। ଏହି ମାମଲାରେ ସେ ଜର୍ମାନୀର ମହାନ୍ ଷ୍ଟ୍ରାଇକର୍ ମିରୋସ୍ଲାଭ୍ କ୍ଲୋଜ୍‌ଙ୍କ ୧୬ ଗୋଲ୍ ରେକର୍ଡ ପଛରେ ପକାଇଛନ୍ତି। ଏତିକି ନୁହେଁ, ମେସି ଲଗାତାର ଛଅ ବିଶ୍ୱକପ୍ ମ୍ୟାଚ୍‌ରେ ଗୋଲ୍ କରିବାରେ ଇତିହାସର କେବଳ ତୃତୀୟ ଖେଳାଳି ହୋଇଛନ୍ତି। ତାଙ୍କୁ ପୂର୍ବରୁ ଫ୍ରାନ୍ସର ଜଷ୍ଟ ଫୋଣ୍ଟେନ୍ (୧୯୫୮) ଏବଂ ବ୍ରାଜିଲ୍‌ର ଜାୟରଜିହ୍ନୋ (୧୯୭୦)ରେ ଏହି ଉପଲବ୍ଧି ହାସଲ କରିଥିଲେ।

## ସେନେଗାଲ୍‌କୁ ୩-୨ରେ ହରାଇଲା ନରୱେ



ଗ୍ରୁପ୍-ଆଇ'ର ଅନ୍ୟ ଏକ ମ୍ୟାଚ୍‌ରେ ନରୱେ ୩-୨ ଗୋଲ୍‌ରେ ସେନେଗାଲ୍‌କୁ ହରାଇ ନକ୍ଆଉଟ୍‌ରେ ପ୍ରବେଶ କରିଛି। ନ୍ୟୁୟ ଜର୍ସି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ମାର୍କସ୍ ହୋଲ୍‌ଗ୍ରେନ୍ ପେଡର୍ସନ୍ ୪୩ ମିନିଟ୍‌ରେ ନରୱେକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଏହାପରେ ଏର୍ଲିଙ୍ଗ୍ ହାଲଣ୍ଡ ୪୮ତମ ଏବଂ ୫୮ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇ ସ୍ଥିତି ମଜଭୁତ କରିଥିଲେ। ତେବେ ଇସ୍ମାଇଲା ସାର ୫୩ତମ ମିନିଟ୍ ଏବଂ ପୁଣି ଇନ୍‌ଜୁରୀ ଟାଇମ୍ (୯୦+୩)ରେ ଗୋଲ୍ କରି ସେନେଗାଲ୍‌କୁ ବିଜୟୀ କରାଇପାରି ନଥିଲେ। ଏହି ବିଜୟ ସହିତ ନରୱେ ଲଗାତାର ଦ୍ୱିତୀୟ ହାସଲ କରି ରାଉଣ୍ଡ ଅଫ୍-୩୨ରେ ସ୍ଥାନ ପକ୍କା କରିଛି।

## ୧୦୦ତମ ମ୍ୟାଚ୍‌ରେ ଏମ୍ବାପେଙ୍କ ଧମାକା

ଫିଲାଡେଲ୍‌ଫିଆରେ ଖେଳାଯାଇଥିବା ମ୍ୟାଚ୍‌ରେ ଫ୍ରାନ୍ସ ୩-୦ରେ ଇରାକକୁ ହରାଇ ଦ୍ୱିତୀୟ ବିଜୟ ସହ ନକ୍ଆଉଟ୍ ସ୍ଥାନ ହାସଲ କରିଛି। ମ୍ୟାଚ୍ ଆରମ୍ଭରୁ ଫ୍ରାନ୍ସ ଦବ୍‌ଦବା ବଜାୟ ରଖି ଖେଳିବା ସହିତ ୧୪ତମ ମିନିଟ୍‌ରେ ଏମ୍ବାପେ ଗୋଲ୍ ଦେଇ ଟିମ୍‌କୁ ଅଗ୍ରଣୀ କରାଇଥିଲେ। ମାଇକେଲ୍ ଓଲିସେଙ୍କ ପାସ୍‌ରେ ଏମ୍ବାପେ ୨୦ ଗଜ ଦୂରୁ ଆକର୍ଷଣୀୟ ଲେଫ୍ଟ ଫୁଟ୍ ଶଟ୍ ଲଗାଇ ଗୋଲ୍ ପୋଷ୍ଟ ମଧ୍ୟକୁ ପଠାଇଥିଲେ। ୫୪ତମ ମିନିଟ୍‌ରେ ଇରାକୀ ଡିଫେଣ୍ଡର୍ ଜାଇଦସ୍ ତହସିନ୍ ଓ ଗୋଲ୍‌କିପର୍ ଅହମଦ ବାସିଲ୍‌ଙ୍କ ତ୍ରୁଟି ଫ୍ରାନ୍ସ ପାଇଁ ବରଦାନ ସାବ୍ୟସ୍ତ ହୋଇଥିଲା। ଗୋଲ୍ କିକ୍ ଅବସରରେ ହୋଇଥିବା ତ୍ରୁଟି ପରେ ବଲ୍ ଉସ୍ମାନ୍ ଡେମ୍ବେଲେଙ୍କ ପାସ୍ ପହଞ୍ଚିଥିଲା, ଯାହାକୁ ସେ ଏମ୍ବାପେଙ୍କୁ ପାସ୍ ଦେଇଥିଲେ ଏବଂ ଫ୍ରାନ୍ସ କ୍ୟାପ୍ଟେନ୍ ସହଜ ଗୋଲ୍ ଦେଇ ସ୍କୋର୍ ୨-୦ କରିଥିଲେ। ଏହା ସହିତ ଏମ୍ବାପେ ବିଶ୍ୱକପ୍‌ରେ ମିରୋସ୍ଲାଭ୍ କ୍ଲୋଜ୍‌ଙ୍କ ୧୬ଶ ଗୋଲ୍‌ର ରେକର୍ଡ ସମକକ୍ଷ ହୋଇଥିଲେ।



ମ୍ୟାଚ୍ର ୬୬ତମ ମିନିଟ୍‌ରେ ମାଇକେଲ୍ ଓଲିସେଙ୍କ ଏକ ଉନ୍ନତ ପାସ୍‌ରୁ ଓସ୍ମାନ୍ ଡେମ୍ବେଲ୍ ଗୋଲ୍ କରି ସ୍କୋର୍ ୩-୦ରେ ପହଞ୍ଚାଇଥିଲେ।

## ଜୋର୍ଡାନ୍ ୧ - ଆଲ୍‌ଜେରିଆ ୨



ସୋମବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଜେ'ର ଦ୍ୱିତୀୟ ମ୍ୟାଚ୍‌ରେ ଆଲ୍‌ଜେରିଆ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଜୋର୍ଡାନ୍‌କୁ ୨-୧ରେ ହରାଇ ଦେଇଛି। ଜୋର୍ଡାନ୍ ନିଜାର ଅଲ୍-ରଶଦାନ୍‌ଙ୍କ ୩୬ତମ ମିନିଟ୍‌ର ଗୋଲ୍ ବଳରେ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଦ୍ୱିତୀୟ ହାଫ୍‌ରେ ଆଲ୍‌ଜେରିଆ ମ୍ୟାଚ୍‌ର ଦିଗ ବଦଳାଇ ଦେଇଥିଲା। ନାଧିର ବେନବୁଆଲୀ ୬୯ତମ ମିନିଟ୍‌ରେ ଗୋଲ୍ ଦେଇ ସ୍ଥିତି ୧-୧ କରିଥିଲେ। ଏହାବରେ ଅମୀନ ଗୁଇରୀ ୮୨ତମ ମିନିଟ୍‌ରେ ବିଜୟସୂଚକ ଗୋଲ୍ କରି ଟିମ୍‌କୁ ଗୁରୁତ୍ୱପୂର୍ଣ୍ଣ ୩ ପଏଣ୍ଟ ଦେଇଥିଲେ।

# ଶ୍ରୀ ଚରଣୀ ବିଶ୍ୱର ଶୀର୍ଷ ଟି-୨୦ ବୋଲର୍

**ନୂଆଦିଲ୍ଲୀ,୨୩।୬/ଏଜେନ୍ସି:** ୨୧ ବର୍ଷୀୟା ଭାରତୀୟ ସ୍ପିନର୍ ଶ୍ରୀ ଚରଣୀ ମହିଳା ଟି-୨୦ ଅନ୍ତର୍ଜାତୀୟ ବୋଲି ର୍ୟାଙ୍କିଙ୍ଗ୍‌ର ନମ୍ବର-୧ ସ୍ଥାନରେ ପହଞ୍ଚିଛନ୍ତି। ସେ ଇଂଲିଶ୍ ସ୍ପିନର୍ ଲିନ୍ସି ସ୍ମିଥ୍‌ଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଶ୍ରୀ ଚରଣୀଙ୍କୁ ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ରେ ଚମତ୍କାର ପ୍ରଦର୍ଶନର ଲାଭ କିଳିଛି। ୩ ମ୍ୟାଚ୍‌ରେ ୧୦ ଉ୍ୱିକେଟ୍ ନେଇ ଏବେ ସେ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ଉ୍ୱିକେଟ୍ ହାସଲକାରୀ ବୋଲର୍ ହୋଇଛନ୍ତି। ସେହିପରି ୬ ଉ୍ୱିକେଟ୍ ନେଇଥିବା ଦୀପ୍ତି ଶର୍ମା ବୋଲର୍ ର୍ୟାଙ୍କିଙ୍ଗ୍ ୮ମ ସ୍ଥାନରେ ରହିଛନ୍ତି।

ଶ୍ରୀ ଚରଣୀ ବୋଲିଂ ର୍ୟାଙ୍କିଙ୍ଗ୍‌ରେ ନମ୍ବର-୧ ହେବାରେ ଭାରତର ସବକନିଷ୍ଠ ଖେଳାଳି ହୋଇଛନ୍ତି। ଏହା ପୂର୍ବରୁ ଅଲ୍‌ରାଉଣ୍ଡର୍ ଦୀପ୍ତି ଶର୍ମା ୨୭ ବର୍ଷ ବୟସରେ ୨୦୨୫ ଡିସେମ୍ବର ୨୩ ତାରିଖରେ ପ୍ରଥମ ଥର ନମ୍ବର-୧ ହୋଇଥିଲେ। ଗତବର୍ଷ ଜୁନ୍ ୨୮ରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟି-୨୦ ମ୍ୟାଚ୍ ଖେଳିଥିବା ବାମହାତୀ ସ୍ପିନର୍ ଚରଣୀ ଗୋଟିଏ ବର୍ଷ ଭିତରେ ବିଶ୍ୱର ନମ୍ବର-୧ ବୋଲର୍ ହୋଇଛନ୍ତି। ଅନ୍ୟପକ୍ଷରେ ଦୀପ୍ତି ୨୦୧୬ ଜାନୁଆରୀ ୨୧ରେ ଅଷ୍ଟ୍ରେଲିଆ ବିପକ୍ଷରେ ସିଡ୍‌ନୀରେ ନିଜର ପ୍ରଥମ ଟି-୨୦ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ ଏବଂ ଶୀର୍ଷ ର୍ୟାଙ୍କିଙ୍ଗ୍‌ରେ ପହଞ୍ଚିବାରେ ତାଙ୍କୁ ପ୍ରାୟ ୧୦ ବର୍ଷ ଲାଗିଯାଇଥିଲା। ବୋଲିଂ ର୍ୟାଙ୍କିଙ୍ଗ୍‌ରେ ଇଂଲଣ୍ଡର ଅଫ୍ ସ୍ପିନର୍ ଚାର୍ଲି ଡିନ୍ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ନମ୍ବର-୧ ଲିନ୍ସି ସ୍ମିଥ୍ ତୃତୀୟକୁ ଖସିଯାଇଛନ୍ତି।



ଇଂଲଣ୍ଡ ଷ୍ଟାର୍ ସ୍ପିନର୍ ସୋଫି ଏକ୍ଲେଷ୍ଟୋନ୍ ଚାରିଟି ସ୍ଥାନର ଲମ୍ଫ ସହିତ ଚତୁର୍ଥ ସ୍ଥାନକୁ ଉଠିଛନ୍ତି। ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ତିନି ଭାରତୀୟ ବ୍ୟାଟର୍ ରହିଛନ୍ତି। ସ୍ମୃତି ମନ୍ଧାନା ୭୪୯ ରେଟିଂ ସହିତ ପଞ୍ଚମ ସ୍ଥାନ ବଜାୟ ରଖିଥିବା ବେଳେ ଓପ୍ନର୍ ଶେଫାଳୀ ବର୍ମା ଗୋଟିଏ ସ୍ଥାନର ସୁଧାର ସହିତ ୬ଷ୍ଠରେ ପହଞ୍ଚିଛନ୍ତି। ସେହିପରି କ୍ୟାପ୍ଟେନ୍ ହରମନପ୍ରୀତ୍ କୌର୍ ଗୋଟିଏ ସ୍ଥାନ ଉପରକୁ ଉଠି ଦଶମରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲୀୟ ଓପ୍ନର୍ ଜର୍ଜିୟା ଭୋଲ୍ ୮୨୯ ରେଟିଂ ସହିତ ନମ୍ବର-୧ରେ ବଜାୟ ରହିଥିବା ବେଳେ ତାଙ୍କ ଦେଶର ବେଥ୍ ମୁନୀ ଗୋଟିଏ ସ୍ଥାନର ଲାଭ ସହିତ ଦ୍ୱିତୀୟରେ ରହିଛନ୍ତି। ସାଉଥ୍ ଆଫ୍ରିକା କ୍ୟାପ୍ଟେନ୍ ଲୌରା ଉ୍ୱଲ୍‌ଭର୍ଟଡ୍ ତୃତୀୟ ସ୍ଥାନରେ ରହିଛନ୍ତି। ଅଲ୍‌ରାଉଣ୍ଡର୍ ର୍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ଦୀପ୍ତି ଶର୍ମା (୩୬୪ ରେଟିଂ) ଏକମାତ୍ର ଭାରତୀୟ ଭାବେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଓ୍ୱେଷ୍ଟଇଣ୍ଡିଜ୍ କ୍ୟାପ୍ଟେନ୍ ହେଲୀ ମାଥ୍ୟୁଜ୍ ଶୀର୍ଷରେ କାଏମ ଥିବାବେଳେ ନ୍ୟୁଜିଲାଣ୍ଡର ଆମିଲିଆ କେର୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

# ଇଂଲଣ୍ଡ ଓ ଆୟର୍ଲାଣ୍ଡ ସିରିଜ୍‌ରୁ ନୀତୀଶ ରେଡ୍ଡୀ ବାଦ୍

**ମୁମ୍ବାଇ,୨୩।୬/ଏଜେନ୍ସି:** ଇଂଲଣ୍ଡ ଓ ଆୟର୍ଲାଣ୍ଡ ବିପକ୍ଷରେ ହେବାକୁ ଥିବା ଟି-୨୦ ସିରିଜ୍‌ରୁ ଅଲ୍‌ରାଉଣ୍ଡର୍ ନୀତୀଶ କୁମାର ରେଡ୍ଡୀ ଆହତ କାରଣରୁ ବାଦ୍ ପଡ଼ିଛନ୍ତି। ତାଙ୍କ

## ସୂର୍ଯ୍ୟାଂଶ ଶେଗ୍‌ଡ଼େଙ୍କୁ ସୁଯୋଗ



ସ୍ଥାନରେ ମିଡିଲ୍ ଅର୍ଡର ବ୍ୟାଟର୍ ଏବଂ ପାର୍ଟ-ଟାଇମ୍ ବୋଲର୍ ସୂର୍ଯ୍ୟାଂଶ ଶେଗଡ଼େଙ୍କ ଭାରତୀୟ ଟିମ୍‌ରେ ସାମିଲ କରାଯାଇଛି। ଭାରତୀୟ ଟିମ୍ ଜୁନ୍ ୨୬ ଓ ୨୮ରେ ଆୟର୍ଲାଣ୍ଡ ବିପକ୍ଷରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବ। ଏହାପରେ ଜୁଲାଇ ୧ରୁ ୧୯ ତାରିଖ ମଧ୍ୟରେ ଇଂଲଣ୍ଡ ବିପକ୍ଷରେ ପାଞ୍ଚ ଟି-୨୦ ସିରିଜ୍ ଖେଳିବ।ନୀତୀଶ ଜୁନ୍ ୨୦ରେ ଆଫଗାନିସ୍ତାନ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍ ପରେ ବାମ ଜଙ୍ଘରେ ଯନ୍ତ୍ରଣା ଅନୁଭବ କରିଥିଲେ। ଯାଞ୍ଚ ପରେ ବିସିସିଆଇ ମେଡିକାଲ୍ ଟିମ୍ ତାଙ୍କୁ କିଛି ସମୟ ପାଇଁ କ୍ରିକେଟ୍‌ରୁ ଦୂରେଇ ରହିବା ସହିତ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସରେ ରିହାବ୍ କରିବାକୁ ପରାମର୍ଶ ଦେଇଛି। ଏହି କାରଣରୁ ସେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତ ପାଇଁ ଚୟନରେ ଉପଲବ୍ଧ ନଥିଲେ। ତାଙ୍କ ବଦଳରେ ଟିମ୍‌ରେ ସାମିଲ ହୋଇଥିବା ସୂର୍ଯ୍ୟାଂଶ ଶେଗଡ଼େ ନିକଟରେ ଶେଷ ହୋଇଥିବା ତ୍ରିକୋଣୀୟ ସିରିଜ୍‌ରେ ଇଣ୍ଡିଆ-ଏ' ପକ୍ଷରୁ ୫ ମ୍ୟାଚ୍ ଖେଳି ୧୪୭ ରନ୍ କରିଥିଲେ। ଲଗାତାର ଉନ୍ନତ ପ୍ରଦର୍ଶନ କାରଣରୁ ତାଙ୍କୁ ସିନିୟର୍ ଟିମ୍‌ରେ ସ୍ଥାନ ମିଳିଛି।

**ଭାରତୀ ଟି-୨୦ ଟିମ୍:** ଶ୍ରେୟସ୍ ଆୟର୍ (କ୍ୟାପ୍ଟେନ୍), ତିଳକ ବର୍ମା (ଭାଇସ୍ କ୍ୟାପ୍ଟେନ୍), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ୍, ଇଶାନ୍ କିଶନ୍, ଶିବମ ଦୁବେ, ଅକ୍ଷର ପଟେଲ୍, ଓ୍ୱାଶିଂଟନ୍ ସୁନ୍ଦର, ରବି ବିଷ୍ଣୋଇ, ମହମ୍ମଦ ସିରାଜ୍, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରିନ୍ସ ଯାଦବ ଏବଂ ସୂର୍ଯ୍ୟାଂଶ ଶେଗଡ଼େ।

## ଦେଶ ବିଦେଶ

## ୨ୟ ପର୍ଯ୍ୟାୟ ସମ୍ମାନ ସମାରୋହ ୬୫ଜଣଙ୍କୁ ପଦ୍ମ ପୁରସ୍କାର

# ୩ ଓଡ଼ିଆ ପାଇଲେ ପଦ୍ମଶ୍ରୀ

**ନୂଆଦିଲ୍ଲୀ, ୨୩।୬/ଏଜେନ୍ସି:** ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ୨ୟ ପର୍ଯ୍ୟାୟ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମ ସମ୍ମାନ' ପ୍ରଦାନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଆୟୋଜିତ ଭବ୍ୟ ସମାରୋହରେ ସମ୍ମାନିତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୩ ଓଡ଼ିଆ ସାମିଲ ଅଛନ୍ତି। ଓଡ଼ିଶାର ଏହି ବିଶିଷ୍ଟ ପ୍ରତିଭାମାନଙ୍କୁ ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଛି। କଳା, ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ନିଜର ଅତୁଳନୀୟ ଅବଦାନ ପାଇଁ ଏହି ଓଡ଼ିଆ ବ୍ୟକ୍ତିତ୍ୱମାନେ ରାଷ୍ଟ୍ରପତିଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଚରଣ ହେମ୍ବ୍ରମ ସାହିତ୍ୟ ଓ ଶିକ୍ଷା ପାଇଁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେହିପରି ଶରତ ପାତ୍ର ଓ ସୀମାଞ୍ଚଳ ପାତ୍ର କଳା କ୍ଷେତ୍ରରେ ଏହି ସମ୍ମାନ ପାଇଛନ୍ତି। ଶରତ ପାତ୍ର ହେଉଛନ୍ତି କଟକ ନୂଆପାଟଣା ମାଣିଆବନ୍ଧର ହସ୍ତତନ୍ତ ବୁଣାକାର। ସେହିପରି ବାଦ୍ୟକଳାରେ ମଧ୍ୟ ନିପୁଣତା ହାସଲ କରିଛନ୍ତି ଶରତ ପାତ୍ର। ସୀମାଞ୍ଚଳ ପାତ୍ର ଗଂଜାମ ଅଂଚଳର ପ୍ରସିଦ୍ଧ ଲୋକ କଳାକାର। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ୩ ବରେଣ୍ୟ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିଛନ୍ତି। ୨ୟ ପର୍ଯ୍ୟାୟ ପଦ୍ମ ସମ୍ମାନ ପ୍ରଦାନ ସମାରୋହରେ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ମୋଟ୍ ୬୫ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ମିଳିଛି। ଏମାନଙ୍କ ମଧ୍ୟରେ ୨ ଜଣଙ୍କୁ ପଦ୍ମବିଭୂଷଣ, ୭ ଜଣଙ୍କୁ ପଦ୍ମଭୂଷଣ, ୫୬ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଲୋକପ୍ରିୟ ବଲିଉଡ୍ କଣ୍ଠଶିଳ୍ପୀ ଅଲକା ୟାଗନିକ୍, ଟେନିସ୍ ଲିଜେଣ୍ଡ ବିଜୟ ଅମ୍ରିତରାଜ ଓ ମାଲାୟଲମ ସୁପରଷ୍ଟାର ମାମୁଥିଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି। ଏତଦ୍‌ବ୍ୟତୀତ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କୁ ମରଣୋତ୍ତର ଭାବେ ପଦ୍ମଭୂଷଣ ସମ୍ମାନ ମିଳିଛି। ସେହିପରି କ୍ରିକେଟର ରୋହିତ୍ ଶର୍ମା, ଅଭିନେତା ଆର୍ ମାଧବନ୍‌ଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ୨୦୨୬ ବର୍ଷ ପାଇଁ ସମୁଦାୟ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ଦିଆଯିବାକୁ ମନୋନୀତ କରାଯାଇଥିଲା, ଯେଉଁଥିରୁ ପ୍ରଥମ ପର୍ଯ୍ୟାୟ ସମାରୋହ ୨୫ ମେ' ୨୦୨୬ ଦିନ ଅନୁଷ୍ଠିତ ହୋଇଥିଲା। ଏହି ଦିନ ମୋଟ୍ ୬୬ଜଣଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ପ୍ରେମିକଙ୍କ ସହ ମିଶି ଭାବୀ ସ୍ୱାମୀଙ୍କୁ ୪୦୦ ଫୁଟ ଖାଇକୁ ଠେଲିଦେଲେ

## ମସାଲା ବ୍ୟବସାୟୀଙ୍କ କନ୍ୟା ସମେତ ପ୍ରେମିକ ଗିରଫ

**ପୁଣେ୨୩।୬/ଏଜେନ୍ସି:** ଇନ୍ଦୋର ରାଜା ରଘୁବଂଶୀ ହତ୍ୟାକାଣ୍ଡ ସହିତ ମେଳ ଖାଉଥିବା ଏବଂ ମାମଲା ପୁଣେରେ ଦେଖିବାକୁ ମିଳିଛି। ୨୬ ବର୍ଷୀୟ କେତନ ବିଶାଳ ଅଗ୍ରୱାଲ୍‌ଙ୍କୁ ତାଙ୍କ ଭାବୀ ପତ୍ନୀ ସିୟା ଗୋୟଲ୍ (୨୦ ବର୍ଷ) ପ୍ରେମିକ ଚେତନ୍ ଚୌଧୁରୀ (୨୨ ବର୍ଷ)ଙ୍କ ସହ ମିଶି ହତ୍ୟା କରିଛନ୍ତି। ପୁଲିସ୍‌ର ଅଭିଯୋଗ ଅନୁସାରେ ଦୁହେଁ କେତନଙ୍କୁ ଲୋହାଗଡ଼ କିଲ୍ଲାରୁ ୪୦୦ ଫୁଟ୍ ଗଭୀର ଖାଇକୁ ଠେଲିଦେବା ସହିତ ଏହାକୁ ଦୁର୍ଘଟଣାର ନାମ ଦେବାକୁ ଉଦ୍ୟମ କରିଥିଲେ। କେତନ ଜୁନ୍ ୧୮ ତାରିଖରେ ଭାବୀ ପତ୍ନୀ ସିୟାଙ୍କ ସହିତ ପୁଣେର ଲୋହାଗଡ଼ କିଲ୍ଲା ଟ୍ରାକିଂ କରିବାକୁ ଯାଇଥିଲେ। ପରେ ତାଙ୍କ ଶବ ଖାଇରୁ ମିଳିଥିଲା।

ପୁଣେ ଜିଲ୍ଲାର ଗହୁଞ୍ଜେ ନିବାସୀ କେତନ୍ ପରିବାରର ରିୟଲ୍ ଇଷ୍ଟେଟ୍ କମ୍ପାନୀରେ ଡାଇରେକ୍ଟର ଥିଲେ। ସେହିପରି ସିୟା ଜଣେ ବଡ଼ ମସାଲା ବ୍ୟବସାୟୀଙ୍କ କନ୍ୟା। ଚଳିତ ବର୍ଷ ନଭେମ୍ବରରେ ଉଦୟପୁରସ୍ଥିତ ଏକ ରାଜପ୍ରାସାଦରେ ଦୁହିଁଙ୍କର ବିବାହ ହେବାର ଥିଲା। ଏହି ବିବାହ ଦୁଇ ପରିବାର ପକ୍ଷରୁ ସ୍ଥିର କରାଯାଇଥିବା ବେଳେ ଘରେ ଏହା ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଥିଲା। ଅତିଥିମାନଙ୍କ ପାଇଁ ଦୁଇଟି ଚାର୍ଟାର୍ଡ ପ୍ଲେନ୍‌ର ବ୍ୟବସ୍ଥା କରାଯାଇଥିଲା। ମିଡିଆ ରିପୋର୍ଟ ଅନୁସାରେ ବିବାହ ଉତ୍ସବରେ ୧୭ କୋଟି ଟଙ୍କା ଖର୍ଚ୍ଚ କରାଯିବାର ଯୋଜନା ଥିଲା।



ଯାଞ୍ଚରୁ ଜଣାଯାଇଛି ଯେ ସିୟା ଏବଂ ତାଙ୍କ ପୁରୁଷ ବନ୍ଧୁ ଚେତନ୍ ଜୁନ୍ ୧୪ ତାରିଖ ଦିନ ହିଁ ଲୋହାଗଡ଼ କିଲ୍ଲାରେ ଚେତନ୍‌ଙ୍କୁ ମାରିବା ଯୋଜନା କରିଥିଲେ। ଅଭିଯୋଗ ଅନୁସାରେ ଦୁହେଁ ସାପ ଭୟ ଦେଖାଇ କେତନଙ୍କୁ ଖାଇକୁ ଠେଲିବାକୁ ଉଦ୍ୟମ କରିଥିଲେ ମଧ୍ୟ ଯୋଜନା ବିଫଳ ହୋଇଥିଲା। କେତନ୍‌କୁ କୌଣସି ସନ୍ଦେହ ହୋଇନଥିଲା। ପରେ ସିୟା ଜୁନ୍ ୧୯ ତାରିଖରେ ଟ୍ରାକିଂ ଯୋଜନା କରି କେତନଙ୍କୁ କିଲ୍ଲାରୁ ଧକ୍କା ଦେଇଥିଲେ।

ସନ୍ଦେହ ଆଧାରରେ କ୍ରାଇମ୍ ବ୍ରାଞ୍ଚ ଚେତନଙ୍କୁ ପଚରା ଉଚରା କରିବା ପରେ ସିୟା ଗୋୟଲ୍‌ଙ୍କୁ ବି ଗିରଫ କରିଛି। କେତନଙ୍କ ପିତା ବିଶାଳ ଅଗ୍ରୱାଲ୍‌ଙ୍କ ଅଭିଯୋଗକ୍ରମେ ପୁଲିସ ମଙ୍ଗଳବାର ହତ୍ୟା ଏବଂ ଅପରାଧିକ ଷଡ଼ଯନ୍ତ୍ରର ମାମଲା ରୁଜୁ କରିଛି। ଷଡ଼ଯନ୍ତ୍ରରେ ଆଉ କିଏ ସାମିଲ ଥିଲେ କି ନାହିଁ, ସେ ନେଇ ପୁଲିସ୍ ଘଟଣାର ତନ୍ନ ତନ୍ନ ଯାଞ୍ଚ ସହିତ ଫରେନ୍‌ସିକ୍ ପ୍ରମାଣ ଯୋଗାଣରେ ଲାଗିଛି।

# ରାଷ୍ଟ୍ରପତି ମୁର୍ମୁଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

## କ୍ୟାବିନେଟ୍ ସମ୍ପ୍ରସାରଣକୁ ନେଇ ଚର୍ଚ୍ଚା



**ନୂଆଦିଲ୍ଲୀ,୨୩।୬/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ପଦ୍ମ ପୁରସ୍କାର ପ୍ରଦାନର ଠିକ୍ ପରେ ହୋଇଥିବା ଏହି ସାକ୍ଷାତକାରକୁ ନେଇ କେନ୍ଦ୍ରୀୟ ମନ୍ତ୍ରୀପରିଷଦର ସମ୍ପ୍ରସାରଣକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହାର ଦିନକୁ ପୂର୍ବରୁ କେରଳର ବରିଷ୍ଠ ବିଜେପି ନେତା ଜର୍ଜ କୁରିୟନ୍ ରାଜ୍ୟସଭା କାର୍ଯ୍ୟକାଳ ସମାପ୍ତ ହେବା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ବିଜେପି ମଧ୍ୟ କୁରିୟନ୍‌ଙ୍କୁ ଦ୍ୱିତୀୟ ଥର ରାଜ୍ୟସଭା ପଠାଇ ନାହିଁ। ଅନ୍ୟପକ୍ଷରେ ୨୧ ତାରିଖରେ ରାଜ୍ୟସଭା କାର୍ଯ୍ୟକାଳ ସମାପ୍ତ ହୋଇଥିବା ରେଳ ରାଜ୍ୟମନ୍ତ୍ରୀ ରବନୀତ ସିଂହ ବିଟୁଙ୍କୁ ମଧ୍ୟ ପାର୍ଟି ପୁଣିଥରେ ରାଜ୍ୟସଭା ପାଇଁ ମନୋନୀତ କରିନାହିଁ। ଏହା ବ୍ୟତୀତ ନିକଟରେ କେତେକ କେନ୍ଦ୍ରୀୟ ମନ୍ତ୍ରୀଙ୍କୁ ସେମାନଙ୍କ ଗୃହ ରାଜ୍ୟରେ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନଙ୍କ ନିଯୁକ୍ତି କାରଣରୁ କ୍ୟାବିନେଟ୍‌ରେ ଖୁବ୍‌ଶୀଘ୍ର ସମ୍ପ୍ରସାରଣ କରାଯିବାର କଳ୍ପନା ଜଳ୍ପନା ମଧ୍ୟ ତୀବ୍ର ହୋଇଯାଇଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra